Split by PDF Splitter



ପାର୍ଲିମେଣ୍ଟ ସଭରେ ଗ୍ଲାଡଷ୍ଟୋନ ସାହେବ ଯୁକ୍ତି କଲେ ଯେ ଭାରତବର୍ଷରେ ଟାକ୍ସ ବୃଦ୍ଧି, ଅସ୍ତ୍ରଶସ୍ତ୍ରାଦ ଓ ଦେଶୀୟ ସମ୍ବାଦପତ୍ର ଆଇନମାନ, ଜପ୍ତ ମାସୁଲ ଉଠାଇବା ଓ କାବୁଲ ଯୁଦ୍ଧର ବ୍ୟୟ ଭାରତବର୍ଷ ଉପରେ ଲଦିବା ନିତାନ୍ତ ଦୋଷଯୁକ୍ତ ଅଟେ । ବାଣିଜ୍ୟ ସମ୍ପର୍କରେ ଲର୍ଡ ସାହେବଙ୍କର ମତକୁ ପରିହାସ କରି ସେ କହିଲେ ଭାରତବର୍ଷରୁ ଯେ ଆବେଦନମାନ ଆସିଅଛି ତହିଁର ଉତ୍ତର ନାହିଁ । ତା ୧୭ ରିଖର ଲର୍ଡ ସଭାରେ ହାର୍ଟ ସାହେବ ଯୁକ୍ତି ଆରମ୍ଭ କରି ଲର୍ଡ ସାହେବ ଓ ଭାରତର ସେକ୍ରେଟରୀ ଆପଣା କାଉନସଲର ସଭ୍ୟମାନଙ୍କ ମତ ବିରୁଦ୍ଧରେ ଜପ୍ତ ମାସୁଲ ଉଠାଇ ଦେଇଥିବାରୁ ସେମାନଙ୍କ ପ୍ରତି ବିଶେଷ ଦୋଷାରୋପ କଲେ କାବୁଲ ଯୁଦ୍ଧ ଓ ଦେଶୀୟ ସମ୍ବାଦପତ୍ର ଆଇନ ସଂକ୍ରାନ୍ତରେ ମଧ୍ୟ ସେ ଲର୍ଡ ସାହେବଙ୍କର ଦୋଷ ଦେଲେ । ଯଦ୍ୟପି ପାର୍ଲିମେଣ୍ଟର ମେମ୍ବରମାନେ ମାଞ୍ଚେଷ୍ଟର ତନ୍ତ୍ରମାନଙ୍କ ଅନୁରୋଧରେ ନ ପଡି ଏହି ପ୍ରକାର ବିହିତ ବିଚାର କରନ୍ତି ତେବେ ଏ ବିଷୟର ଆବେଦନ ନିଶ୍ଚୟ ସଫଳ ହେବ । ଆମ୍ଭମାନଙ୍କର ପୂର୍ବ ଲେଫ୍‌ଟନାଣ୍ଟ ଗବର୍ଣ୍ଣର କାମ୍ପବଲ ସାହେବଙ୍କର ମଧ୍ୟ ଏ ବିଷୟରେ ବିଶେଷ ଯତ୍ନ ଅଛି । ତାଙ୍କର ଅନୁରୋଧରେ କାଉନସଲର ସଭ୍ୟମାନଙ୍କର ମତ ପ୍ରକାଶିତ ହେଲା । ଆମ୍ଭମାନଙ୍କର ଏକାନ୍ତ ଇଚ୍ଛା ତାଙ୍କର ଯତ୍ନ ସଫଳ ହେଉ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କର କଲେକ୍ଟର ସାହେବ କଟିଘରଠାରୁ ଫେରି ଗତ ବୁଧବାରଦିନ ଏଠାରେ ପ୍ରବେଶ ହେଲେ । ଆଗାମୀ ମଙ୍ଗଳବାରଦିନ କେନ୍ଦ୍ରାପଡା ଯିବେ ଓ ଶୁକ୍ରବାରଦିନ ପ୍ରତ୍ୟାଗମନ କରିବେ ।

ଏ ସପ୍ତାହରେ ଆଶାନୁରୂପ ବର୍ଷା ହୋଇଅଛି । କ୍ରମାଗତ ତିନିଦିନ ଝଡ ହେଲା ଓ ଏହା କୃଷିପକ୍ଷରେ ଉପକାରୀ ଅଟଇ ନଈରେ ମଧ୍ୟ କିଛି ଜଳ ହୋଇଗଛି ।

ପାରଲାଖେମଣ୍ଡି ରାଜାଙ୍କ ଯେଉଁ ଧୂମଧାମ ମକଦ୍ଦମା ପ୍ରସଙ୍ଗ ପୂର୍ବେ ଲେଖିଥିଲୁଁ ସେ ମକଦ୍ଦମା ଉଠିଗଲା । ବିଶ୍ୱାସଘାତକତା କିଛିହିଁ ପ୍ରମାଣ ନ ହେବାରୁ ଦେବାନ ଆସାମୀ ଖଲାସ ପାଇଲା ।

ଏଠାକଲେଜର ଅସିଷ୍ଟାଣ୍ଟ ପ୍ରୋଫେସର ବାବୁ ଶଶୀଭୂଷଣ ଦତ୍ତ ବେଥୁନ ବାଳିକା ବିଦ୍ୟାଳୟର ଶିକ୍ଷକ ସ୍ୱରୂପ ନିଯୁକ୍ତ ହେବାରୁ ତାଙ୍କ କର୍ମରେ ବାବୁ ଦେବେନ୍ଦ୍ରନାଥ ଘୋଷ ଏମ, ଏ, ନିଯୁକ୍ତ ହୋଇଅଛନ୍ତି ।

ପ୍ରୟାଗରେ ଗତବର୍ଷ ପଥକର ଓ ପ୍ରଦେଶୀୟ କର ଶତକଡା ୫ ୯୯ ୮ ଙ୍କା ଓସୁଲ ହୋଇଅଛି, ଏପରି କୌଣସି ଜିଲାରେ ହୋଇ ନାହିଁ । ଅମ୍ଭେମାନେ ଜାଣୁ ଥର୍ମଷ୍ଟ୍ରଂ ସାହେବ ଓସୁଲ ପକ୍ଷରେ ବିଶେଷ ତତ୍ପର ।

ଉତ୍କଳ ବ୍ରାହ୍ମସମାଜର ବାର୍ଷିକ ଉତ୍ସବ ଉପଲକ୍ଷେ ବାବୁ ଯଦୁମଣି ଘୋଷ ଗତ ସୋମବାର ଛାପାଖାନାରେ "ଈଶ୍ୱର ସେବାରେ ଉଲ୍ଲସିତ ହୁଅ" ଏହି ବିଷୟରେ ଇଂରେଜୀ ଭାଷାରେ ବକ୍ତୃତା କରିଥିଲେ । ବିଷୟ ଅନୁରୂପ ବକ୍ତୃତା ଉତ୍କୃଷ୍ଟ ବା ଉଲ୍ଲାସକର ହୋଇ ନ ଥିଲା ।

ବାଲେଶ୍ୱର ବନ୍ଦିବାସରୁ ଜଣେ ବନ୍ଦି ପଳାଇବାରୁ ତାହା ନାମରେ ହୁଲିଆ ପ୍ରଚାର ହୋଇଥିଲା । ଜଣେ ଲୋକ କଲିକତା ଯାଉଥିଲା ପୁଲିସ ଗୁନ୍ଦବାଲିଠାରେ ତାକୁ ପଳାତକ କଏଦୀ ସ୍ୱରୂପ ଧରିଲେ ସେ ଆର୍ତ୍ତନାଦରେ ପ୍ରତିବାଦ କଲେହେଁ ପୁଲିସ ନ ମାନି ହାତକଡି ଦେଇ ତାକୁ ବାଲେଶ୍ୱରକୁ ପଠାଇଦେଲେ । ସେଠାରେ ସେ ମୁକ୍ତି ପାଇଲା ପୁଲିସଙ୍କର ବିଷମ ବୁଦ୍ଧି ଓ ବିବେଚନା ! ଅକାରଣ ଜଣେ ନିର୍ଦ୍ଦୋଷୀ ଲୋକ ଏତେ କଷ୍ଟ, ଅପମାନ ଓ ପୀଡା ପାଇଲା ! ତାହାର କେତେ କ୍ଷତି ହୋଇଥିବ !

ଡାକରେ କ୍ଷୁଦ୍ର ଚିଠି ପଠାଇବାକାରଣ ପୋଷ୍ଟଲ କାର୍ଡ ପ୍ରଚାର ହୋଇଗଲା । ଏହା ଖଣ୍ଡିଏ ମୋଟାକାଗଜ, ଲମ୍ବ ପ୍ରାୟ ସାତଅଙ୍ଗୁଳ ଓ ଓସାର ପାଞ୍ଚଅଙ୍ଗୁଳ । ଏକପାଖରେ ପତ୍ର ଓ ଅନ୍ୟ ପାଖରେ ନାମ ଧାମାଦି ଲେଖାଯାଏ । ଏଥିର ମୂଲ୍ୟ ଏକପଇସା ଆଉ ଡାକଷ୍ଟାମ୍ପ ଲାଗିବ ନାହିଁ । ଏହାଦ୍ୱାରା ଅଳ୍ପ କଥା ଅଳ୍ପ ଖର୍ଚ୍ଚାରେ ଯିବାପକ୍ଷରେ ସୁବିଧା ହୋଇଅଛି । ଉତ୍ତମ ।

ପାର୍ସଲରେ ଏବେ ଡାକଟିକଲ ଦିଆଯିବ ନାହିଁ ପାର୍ସଲ ଓ ନଗଦ ଡାକଷ୍ଟାମ୍ପ ଡାକଘରେ ଦେବାକୁ ହେବ ଓ ତହିଁର ରସିଦ ମିଳିବ । ଏ ନିୟମ ଉତ୍ତମ ଅଟେ ।

ସରକାରୀ ବ୍ୟୟ କର୍ତ୍ତନ ସଂକ୍ରାନ୍ତରେ ମାନ୍ଦ୍ରାଜରେ ଜନରବ ଉଠିଅଛି ଯେ ଏକଶତ ଟଙ୍କାରୁ ଊର୍ଦ୍ଧ୍ୱ ବେତନଭୋଗୀ ଅତିରିକ୍ତ କର୍ମଗ୍ରହୀଙ୍କର ବେତନ ଶତକଡା କୋଡିଏଟଙ୍କା ଦରରେ କଟାଯିବ । ଏହା ସତ୍ୟ ହେଲେ ଅତିରିକ୍ତ କର୍ମଗ୍ରହୀଙ୍କ କି ଦୋଷ କାହିଁ । ହିଁ ଅତିରିକ୍ତ କର୍ମଗ୍ରହୀମାନେ ହର୍ତ୍ତା କର୍ତ୍ତା ।

ଗତବର୍ଷ ଭାରତବର୍ଷର ଆୟ ଅଠାବନକୋଟି ସତଷଠି ଲକ୍ଷ ଟଙ୍କା ହୋଇଥିଲା । ସନ ୧୮୬୧ । ୬୨ ସାଲରେ ଆୟ ତେୟାଳିଶକୋଟି ବୟାଳିଶଲକ୍ଷ ଟଙ୍କା ଥିଲା । ୧୭ବର୍ଷରେ ଆୟରେ ଚଉଦକୋଟି ପଚାଶଲକ୍ଷ ଟଙ୍କା ବୃଦ୍ଧି ହୋଇଅଛି, ତଥାପି ଖରଚକୁ ଅଣ୍ଟୁ ନାହିଁ ଓ ଟାକ୍ସ ଛାଡ ହେଉ ନାହିଁ ବଡ ଆଶ୍ଚର୍ଯ୍ୟ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଇନ୍ଦୋର ରାଜ୍ୟରେ ଦେବାନୀ ଓ ଫଉଜଦାରୀ ମକଦ୍ଦମାର ବିଚାର ନିମିତ୍ତ ପଞ୍ଚାଏତ ପ୍ରଥା ପ୍ରଚଳ ହୋଇ ଅଛି ଓ ସେଥିରେ ପ୍ରଜାମାନେ ପ୍ରୀତ ହୋଇ ଅଛନ୍ତି ଓ ମହାରାଜାଙ୍କର ମଧ୍ୟ ଆଶାତିରିକ୍ତ ଫଳଲାଭ ହୋଇ ଅଛି । ଜଣେ ପ୍ରଧାନ ବିଚାରପତି ବ୍ୟକ୍ତ କରିଅଛନ୍ତି ଯେ ପ୍ରମାଣ ଗ୍ରାହ୍ୟ ବା ଅଗ୍ରାହ୍ୟ କରିବା ପକ୍ଷରେ ଜଜମାନେ ବଡ କଷ୍ଟ ଅନୁଭବ କରନ୍ତି ସେ କଷ୍ଟ ଏ ପ୍ରଥାରେ ନିବୃତ୍ତ ହୋଇ ଅଛି । ପଞ୍ଚାଏତଙ୍କ ମଧ୍ୟରୁ ଚାରିଜଣ ଲୋକମାନଙ୍କ ଦ୍ୱାରା ଓ ଜଣେ ସରକାରଦ୍ୱାରା ମନୋନୀତ ହୁଅନ୍ତି । ଏଥିର ଗୋଟିଏ ଉତ୍ତମଫଳ ଏହି ଯେ କିଛି ଅନ୍ୟାୟ ବିଚାର ହେଲେ ସୁଦ୍ଧା ଲୋକମାନେ ସରକାରର ଦୋଷ ଦେଇ ପାରୁ ନାହାନ୍ତି । ରଘୁନାଥ ରାଓ ଏ ପ୍ରଥା ଚଳାଇ ଅଛନ୍ତି ଓ ପ୍ରଶଂସାର ଭାଜନ ହେଉଛନ୍ତି । ବାସ୍ତବିକ ଏ ପ୍ରଥା ମନ୍ଦ ନୁହେ ।

ସୁଲଭ ସମାଚାରରୁ ଅବଗତ ହେଲୁଁ ଯେ ବ୍ରହ୍ମଦେଶର ରାଜା ଥିବୁଙ୍କୁ ତାଙ୍କ ପୁରୋହିତ କହିଥିଲେ ଯେ ଶତ୍ରୁଦଳ ଆପଣଙ୍କର ହସ୍ତଗତ ଓ ପରାଜିତ ହେବେ ରାଜା ସେ ଭବିଷ୍ୟଦ୍‌ବାଣୀ ଉପରେ ନିର୍ଭର କରି ଇଂରାଜଙ୍କ ସହିତ ଯୁଦ୍ଧ କରିବାକୁ ଇଚ୍ଛା କଲେ ଶେଷରେ ଯେତେବେଳେ ଇଂରାଜଙ୍କର ତାଡନାରେ ନିଜେ ଘାଣ୍ଟି ହେଲେ ସେତେବେଳେ ସେହି ଗର୍ବିତ ପୁରୋହିତକୁ ପ୍ରାଣଦଣ୍ଡର ଆଜ୍ଞା ଦେଲେ ପୁରୋହିତ ଜାତିର ଧୂର୍ତ୍ତତାରେ ଏ ଦେଶୁଟା ଛାରଖାର ହୋଇଅଛି ।

ଜାବାର ଅଗ୍ନେୟଗିରିରୁ କ୍ରମାଗତ ଅଗ୍ନିର ନଦୀ ବହୁଅଛି । ନିକଟବର୍ତ୍ତୀ ପଲ୍ଲୀର ଲୋକେ ଦିନ ରାତି ଭୟାନକ ଶବ୍ଦର ଜ୍ୱାଲାରେ ଅସ୍ଥିର ହେଉ ଅଛନ୍ତି ।

ଗୁଣ୍ଡିଚା ଦିନ କମର୍ଦ୍ଦାର ରଥଯାତ୍ରାରେ ଜଣେଲୋକ ରଥଚକରେ ପେଷି ହୋଇ ମରି ଯାଇଅଛି ଏବର୍ଷ ଏତେ ଦୁର୍ଘଟନା କାହିଁକି ?

ଆମେରିକାରେ କାଉଙ୍କ ଅତ୍ୟାଚାର ନିବାରଣ ନିମନ୍ତେ ଏକପ୍ରକାର ଯନ୍ତ୍ର ସୃଷ୍ଟ ହୋଇଅଛି ; ତାହାରଆକୃତି କ୍ଷୁଦ୍ର ୨ ଶସ୍ୟର ଦାନାପରି । ଯେଉଁ ଠାରେ ଅଧିକ କାଉ ବୁଲୁ ଥାନ୍ତି, ସେଠାରେ ଏହି ଶସ୍ୟାକୃତ ଯନ୍ତ୍ରକୁ ବୁଣି ଦିଆଯାଏ । କାଉମାନେ ଶସ୍ୟ ଭ୍ରମରେ ଖୁଣ୍ଟି ଖାଇଲାକ୍ଷଣି ତାହା କାଉମାନଙ୍କ ତାଳୁ ଭେଦ କରି ଉପରକୁ ବାହାରିଯାଏ । ଧନ୍ୟରେ ବିଜ୍ଞାନର ମହିମା !!!

ଫରକାବାଦର ସଦର ଆମିନ ଆଗା ପଣ୍ଡିତ ହରସହାୟ ସେଠାର ଜଜସାହେବଙ୍କୁ ମାରପିଟ କରିଥିବାର ଓ ଏଥିର ବିଚାର ନିମିତ୍ତ କମିଶନ ବସିଥିବାର ପୂର୍ବେ ଲେଖିଥିଲୁଁ । କମିଶନ ସାକ୍ଷିମାନଙ୍କ ସାକ୍ଷ ନେଇ ତଦନ୍ତ ଶେଷକରି ଅଛନ୍ତି ମାତ୍ର କିଛି ଆଜ୍ଞା ଦେଇ ନାହାନ୍ତି । ଜଜସାହେବଙ୍କ ଉକିଲ ମକଦ୍ଦମାର ବକ୍ତୃତାରେ କହିଲେ କି ପଣ୍ଡିତ ହରସହାୟଙ୍କୁ କଠିନ ଦଣ୍ଡ ଦିଆଇବାର ଜଜଙ୍କର ଇଚ୍ଛା ନୁହେ । ପଣ୍ଡିତଙ୍କ ଉକିଲ ପ୍ରମାଣର ଦୋଷ ଦେଖାଇ କହିଲେ ଯଦ୍ୟପି ମାରପିଟ ହୋଇଥାଏ ତେବେ ତାହା ଆତ୍ମରକ୍ଷାରେ ହୋଇଅଛି । କମିଶନର ସଭାପତି ଓ ଦେଶୀୟ ସଭ୍ୟମାନେ ଏକ ଗୃହରେ ବାସ କରୁଥିଲେ ତା ୨୦ ରିଖରେ ପାଥେଗଡରୁ ବାହୁଡି ଗଲେଛନ୍ତି । କି ଆଜ୍ଞା ଦେବେ ଜଣା ଯିବ ।

ଫରାସୀ ଦେଶର ଭୂତ ପୂର୍ବ ସମ୍ରାଟ ନେପୋଲିୟନଙ୍କ କୁମାର ସ୍ୱେଚ୍ଛା ପୂର୍ବକ ଇଂରେଜଙ୍କ ସାହାଯ୍ୟରେ ଜୁଲୁଙ୍କ ସଙ୍ଗେ ଯୁଝିବାକୁ ଯାଇ ସମରରେ ସମନପୁରକୁ ଯାଇ ଅଛନ୍ତି । ଏଥିରେ ସମସ୍ତେ ବଡ ଦୁଃଖିତ ହେଉଛନ୍ତି ବାସ୍ତବରେ ଦୁଃଖର ବିଷୟ । ସେ ଯୁବରାଜଙ୍କର ବୟସ ବ ୨୩ବର୍ଷ ମାତ୍ର ଥିଲା । ତାଙ୍କ ପିତା ବିଗତ ଯୁଦ୍ଧରେ ରାଜ୍ୟ ଚ୍ୟୁତ ହୋଇ ସପରିବାରେ ବିଲାତରେ କେତେକ ବର୍ଷ ରହି ମୃତ୍ୟୁ ଲଭି ଥିଲେ ତାଙ୍କ ପୁତ୍ର ସେହି ରଣ ଯୁଝିବାକୁ ଯାଇ ପ୍ରାଣ ହରାଇଲେ । ସଂସାରର ସବୁ ଅସାର ।

କଲିକତାରେ ବିଦ୍ୟୁତ୍ ଆଲୋକ କର୍ମାନ ସ୍ଥାପିତ ହୋଇଅଛି । ବିଦ୍ୟୁତ୍ ଯୋଗେ ଆଲୋକହେବ ଓ କେତେକ ସ୍ଥାନରେ ଏହା ସଫଳ ହୋଇଅଛି । ଇଂରେଜମାନେ ବିଜୁଳିକୁ କେତେ କାର୍ଯ୍ୟରେ ଲଗାଇଲେଣି !

କାବୁଲ ଯୁଦ୍ଧ ଶେଷ ହୋଇ ସନ୍ଧି ହେବାରୁ କାବୁଲ ନଗରରେ ଗତମାସ ତା ୨୯ ଓ ୩୦ ରିଖରେ ନାନାପ୍ରକାର ରୋଷନି ହୋଇଥିଲା ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ରାଜା ସୌରୀନ୍ଦ୍ର ମୋହନ ଠାକୁର ପୁନର୍ବାର ଇଉରୋପରୁ ସମ୍ମାନ ପଦ ପାଇଅଛନ୍ତି । ସେ ପୂର୍ବେ ଡାକ୍ତର ପଦ ପାଇଥିଲେ ବର୍ତ୍ତମାନ ଫ୍ଲୋରେନ୍ସ ଅକେଡେମିର ମେମ୍ବର ହୋଇଅଛନ୍ତି । ଫରାସି ଦେଶର ଶିକ୍ଷାବିଭାଗର ମେମ୍ବର ହୋଇ ଅଛନ୍ତି ଓ ସେ

Digitized by srujanika@gmail.com

Split by PDF Splitter



ପତ୍ର ତତ୍ତ୍ୱସ୍ୱରୂପ ଗୋଟିଏ ସ୍ୱର୍ଣ୍ଣପତ୍ର ପାଇଅଛନ୍ତି । ବଦ୍ଧ୍ୟାନନ୍ତ ଦେଶ ଇଉରୋପସ୍ଥ ସଭାର ମେମ୍ବର ହେବା ସାମାନ୍ୟ ବିଷୟ ନୁହେ "ବିଦ୍ୟା ସର୍ବତ୍ର ପୂଜ୍ୟତେ" ଠିକକଥା ଅମ୍ଭେମାନେ ଆନନ୍ଦିତ ହୋଇ ସୌରିନ୍ଦ୍ର ବାବୁଙ୍କର ପ୍ରଶଂସା କରୁଅଛୁଁ । ଉତ୍କଳୀୟମାନେ ତାଙ୍କପ୍ରତି ନେତ୍ରପାତ କରନ୍ତୁ ।

ମେଜର କେଭ୍ଗନରି ସାହେବ କାବୁଲରେ ଶ୍ରୀମତୀ ସରକାରଙ୍କ ପଡ ସ୍ୱରୂପ ରହିବାରେ ନିଯୁକ୍ତ ହୋଇଅଛନ୍ତି ଓ ତାଙ୍କୁ ସମ୍ମାନ ପୂର୍ବକ ଅଗ୍ରଲାଇ ନେବାପାଇଁ ଅମିର ଆପଣାର ଜଣେ କର୍ମଚାରୀ ଓ କେତେକ ସୈନ୍ୟଙ୍କୁ ସେଠାକୁ ପଠାଇଅଛନ୍ତି । ତାଙ୍କରହିବାପାଇଁ ଗୋଟିଏ ଘର ସଜ୍ଜିତ ହୋଇଅଛି । କାବୁଲରେ ବର୍ତ୍ତମାନ କିଛି ଗଣ୍ଡଗୋଳ ନାହିଁ ।

୧ ସୁଲଭ ସମାଚାରରୁ ଅବଗତ ହେଲୁଁ ବମ୍ବାଇରେ ଜଣେ ପାର୍ଶି ସ୍ତ୍ରୀଲୋକ ଗର୍ଭରୁ ଏକାବେଳେକେ ଚାରୋଟି ସନ୍ତାନ ଜନ୍ମିଲେ । ତିନୋଟି ସେହିଦିନ ମଲେ ଆଉ ଗୋଟିଏ ଆରଦିନ ମଲା ।

୨ । ଲକ୍ଷ୍ନୌର ହୁସେନ ନାମରେ ଜଣେ ଭଦ୍ର ଲୋକ କୋର୍ଟଫିଷ୍ଟାମ୍ପ ଜାଲ କରି ବିକ୍ରୟ କରୁଥିଲା । ତାହାର ଦୋଷ ସପ୍ରମାଣ ହେବାରୁ ବିଚାରରେ ୭ ବର୍ଷ ମିଆଦ ହୋଇଅଛି ।

୩ । ମୋରାଦାବାଦର ସମ୍ପ୍ରଦାୟ ହିନ୍ଦୁ କାବୁଲ ଯୁଦ୍ଧରେ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଜୟଲାଭ ହେବାରୁ ରାଜ କୃତଜ୍ଞତା ଓ ଆନନ୍ଦ ପ୍ରକାଶ କରିବାପାଇଁ ଏକ ସଭା କରିଥିଲେ । ସେମାନେ ଏହି ଉପଲକ୍ଷରେ ଗୋଟିଏ ଚିରସ୍ମରଣୀୟ ଚିହ୍ନ ରଖିବା ଉଚିତ ମନେ କରି ଅର୍ଥ ସଂଗ୍ରହ କରିବାକୁ ସଂକଳ୍ପ କରିଅଛନ୍ତି । ଯଥାର୍ଥ ରାଜଭକ୍ତି ଅଟଇ ।

୪ । ରୁଷରେ ୨୦୦୦୦ ଲୋକ ରାଜତନ୍ତ୍ରର ବିରୋଧୀ ବୋଲି କଏଦ ଅଛନ୍ତି । ରୁଷିଆର ଲକ୍ଷଣ ଏପରି ଯେଉଁଠାରେ ଏତେ ଲୋକ ରାଜବିଦ୍ରୋହୀ ସେଠାରେ ରାଜ୍ୟରେ କୁଶଳ ଥିବାର ବଡ଼ କଠିନ ।

୫ । ଗୋବିଲଡିଙ୍ଗାର ନିକଟବର୍ତ୍ତୀ ଏକ ଗ୍ରାମରେ କୌଣସି ଭଦ୍ର ଲୋକର ୧୩/୧୪ ବର୍ଷର ପିଲାକୁ ଆତ୍ମୀୟମାନେ ବଳପୂର୍ବକ ବିବାହ ଦେବାକୁ ଯାଉଥିଲେ । ପିଲାର ବାପ ଏଥିର କିଛିହିଁ ଜାଣନ୍ତି ନାହିଁ । ସେମାନେ ଧରି ବାନ୍ଧି ଯେତେବେଳେ ପିଲା ଦେହରେ ହଳଦି ଦେବାକୁ ବସିଲେ ସେତେବେଳେ ସେ ଚିତ୍କାର କରି କାନ୍ଦି ଉଠିଲା । ଶେଷରେ କାନ୍ଦି କାନ୍ଦି ଦେହରେ ହଳଦି ଦେବାର ନୁହେ ବୋଲି ଆତ୍ମୀୟମାନେ ତାହାକୁ ଛାଡି ଦେଲେ । କୁଳୀନର ସନ୍ତାନ ନ ହେଲେ ଏରୂପ କୌଶଳ କରିବାର ସହଜ ନୁହଇ । ଯାହାହେଉ ଧରି ବିବାହ ଦେବା ଭଦ୍ରସମାଜରୁ କେବେ ବନ୍ଦ ହେବ?

୬ । ଏରୂପ ଜନରବ ଉଠିଅଛି ଯେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବ୍ୟୟ ଊଣା କରିବାପାଇଁ ମାନ୍ଦ୍ରାଜର ସ୍ୱତନ୍ତ୍ର ଗବର୍ଣ୍ଣରି ପଦ ଏକାବେଳକେ ଉଠାଇ ଦେଇ ସେହି ପଦରେ ଜଣେ ଲେଟ ଲାଟ ନିଯୁକ୍ତ କରିବାକୁ ମନସ୍ଥ କରିଅଛନ୍ତି । ଏପରି ସ୍ଥଳରେ ବ୍ୟୟ ଊଣା କଲେ ଭଲ ।

୭ । ଗତ ବୁଧବାର ଇଷ୍ଟଇଣ୍ଡିଆ ରେଲଓ୍ୱେର ଡାକ ଗାଡ଼ିରେ ବଜ୍ର ପଡିଥିଲା । ବୈଦ୍ୟନାଥ ଓ ମେମାରିର ମଧ୍ୟ ସ୍ଥଳରେ ଭୟାନକ ବୃଷ୍ଟି ଓ ଗର୍ଜନ ହେଲା, ବଜ୍ରଟି ପ୍ରଥମେ ଡାକ୍ତାରମେନଙ୍କ ଗୋଡ ପାଖ ଦେଇ ଗଲା । ତହିଁ ଉତ୍ତାରେ ଯେଉଁ ଗାଡିରେ ଡାକ ଅଫିସର କେତେକ ଜଣ ପିଅଦା ଥିଲେ ସେହି ଗାଡିକି ଗଲା । ଦୁଇଜଣ ଅତ୍ୟନ୍ତ ଆହତ ହୋଇଅଛନ୍ତି । ଆଉ କେତେ ଗୁଡିଏ ଲୋକ ସାମାନ୍ୟ ରକମ ଆଘାତ ପାଇଅଛନ୍ତି । ଏଥିର କାରଣ ଏହି ଯେ ସେହି ଗାଡିରେ କେତେ ଗୁଡିଏ ବୈଦ୍ୟୁତିକତାର ଥିଲା । କଲିକାତାରେ ବଜ୍ର ପଡିବା କଥା ଶୁଣା ନ ଥିଲା

ରୁଷର ସମ୍ବାଦପତ୍ରମାନେ ଲେଖନ୍ତି ଇଂରେଜଙ୍କର ମାନ ବୃଦ୍ଧି ହେଉ ନାହିଁ କାରଣ ଜୁଲୁମାନଙ୍କର ତୋପ ନ ଥିଲେହେଁ ଜୁଲୁମାନଙ୍କଦ୍ୱାରା ଇଂରେଜ ସେନାପତିମାନେ ପରାସ୍ତ ହେଉଅଛନ୍ତି, ମିଶରଦେଶର ରାଜା ଇଂରେଜ କର୍ମଚାରୀମାନଙ୍କୁ ବାହାର କରିଦେଇ ଅଛନ୍ତି ଏବଂ ଭାରତବର୍ଷରେ ଇଂରେଜ ରାଜପ୍ରତିନିଧି ଯେଉଁ ଅମୀର ହାରିଲେ ଓ ଆପଣା ରାଜ୍ୟର ଅନ୍ତଃପ୍ରାନ୍ତ ନ ଜାଣନ୍ତି ତାଙ୍କ ସହିତ ସନ୍ଧି କଲେ । ଏ ସବୁ ରୁଷକୁ ଭଲ ଦିଶିଲା ନାହିଁ କି ? ସେ କଉଣ ଅମୀରଙ୍କର ସର୍ବନାଶ ମନାସୁଥିଲେକି ?

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ମୟମନ ସିଂହରେ ଅନ୍ନ କଷ୍ଟ ଉପସ୍ଥିତ ହେବାରୁ ସେଠାରେ ଢାକାର ନବାବ ଅସାନୁଲ୍ଲାଖାଁ ପ୍ରଜାମାନଙ୍କର ସାହାଯ୍ୟ ପାଇଁ ଚାଉଳ କିଣି ବଜାର ଦରଠାରୁ ଅନେକ ଶସ୍ତା ଦରରେ ସେମାନଙ୍କୁ ବିକ୍ରୟ କରୁଅଛନ୍ତି ।

## ପ୍ରେରିତ ପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ

ନିମ୍ନଲିଖିତ ବିଷୟ ଉତ୍କଳଦୀପିକାରେ ଅନୁଗ୍ରହପୂର୍ବକ ଅଙ୍କିତ କରିବେ ଏପରି ଏଥିର ଉତ୍ତର କେଉଁଣସିଠାରୁ ପାଇଁଲେ ଏଠାର ମହାରାଜାଙ୍କୁ ପ୍ରାପ୍ତ କରିବେ ଅହୋ କି ଦୁଃଖର କଥା ଏ ତାଳଚେର ମଧ୍ୟବର୍ତ୍ତୀ କଣ୍ଟର ଓ ଜଗନ୍ନାଥପୁର ନାମକ ଗ୍ରାମରେ ଚାରି ପାଞ୍ଚଗୋଟି ବ୍ୟକ୍ତି ଗୋଟିଏ ଆଶ୍ଚର୍ଯ୍ୟ ଅପମୃତ୍ୟୁରେ ପତିତ ହୋଇଅଛନ୍ତି ପ୍ରକାଶ ଯେ ମୃତବ୍ୟକ୍ତି ରାତ୍ରରେ ଶୋଇଥିବା ସମୟେ ଗୃହରେ ହିମାକାର ଗୋଟିଏ ଜନ୍ତୁ ଆସି ଦଂଶନ କଲାରୁ ତତ୍କ୍ଷଣାତ୍ ତାହାର ବିଷ ଶରୀରର ସର୍ବସ୍ଥାନରେ ବ୍ୟାପ୍ତ ହୋଇ ଚର୍ମ ବଡ ମୋଟା ହୋଇ ପ୍ରଥମେ ମୁଖ ବନ୍ଦ ହୋଇ ତତ୍ପରେ ଏକଘଣ୍ଟା ମଧ୍ୟରେ ପ୍ରାଣ ନଷ୍ଟ କଲା ଜଣେ ବ୍ୟକ୍ତି କେବଳ କଥା ଦୁଇ ଏକପଦ କହି ପ୍ରାଣତ୍ୟାଗ କଲା ସେ କହିଲା ଯେ ଗୃହରେ ଶୋଇଥିବା ସମୟେ ତାହାଠାରେ ଦଂଶନ ହେଲାରୁ ସେ ଉଜାଗର ହୋଇ ଦଂଶନ ସ୍ଥାନ ବ୍ୟାକୁଳରେ ଉଣ୍ଡାଳିବାରେ ଗୋଟିଏ ଶୋଷକୀଟ ପ୍ରାୟ ଜୀବ ତାହାର ହସ୍ତଗତ ହେବାରୁ ସେ ତାକୁ ଫୋପାଡି ଦେଇ କିଛିକ୍ଷଣ ପରେ ବିଷଗ୍ରସ୍ତ ହୋଇ ପ୍ରାଣ ତ୍ୟାଗ କଲା । ଲୋକେ ଅନୁମାନ କରନ୍ତି ଯେ କେଉଁଣସି ପ୍ରକାର ସେ ଏକ ବିଷକୀଟ ଅଟେ ମାତ୍ର ତାକୁ କେହି ବ୍ୟକ୍ତି ଦେଖି ନାହିଁ ଅନେକ ଅନୁସନ୍ଧାନରେ ପାଇଁ ନ ଗଲା ଏଠାର ମହାରାଜା ପ୍ରତିଜ୍ଞା କରିଅଛନ୍ତି ଯେ ଏ ଦୁଷ୍ଟଜୀବକୁ ଯେ ପରିଚୟ କରିବ ଓ ତାହାର ବିଷନାଶକ ଔଷଧ ଯେ କେହି ପ୍ରସ୍ତୁତ କରିପାରିବ ତାହାକୁ ବନ୍ଧୁଭର ପୁରସ୍କାର ପ୍ରଦାନ କରିବେ ।

୯ ଇ ଜୁନ ସନ ୧୮୭୯ ମସିହା ।

ଆପଣଙ୍କର ବଶମ୍ବଦ

ନଟବରଦେଓ୍ୱାନ୍ ପଟ୍ଟନାୟକ ।

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| ପ୍ରଶ୍ନୋତ୍ତରଅବକାଶ | ଓ୧ ଟ° / |
| ଗୋପାଳମହତ୍ତ୍ୱାନ | ଓ୧ ଟ° /୩ |
| ଲକ୍ଷ୍ମୀପୁରାଣ | ଓ୧ ଟ° ୵ |
| ପଦ୍ୟପାଠକ | ଓ୧ ଟ° ୵୭ |
| ଜୀବନରକ୍ଷକ | ଓ୧ ଟ° ୵ |
| କବିତାକଳାପ | ଓ୧ ଟ° । |

ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡା ଡାକମାସୁଲ ପଡିବ ।

## ଅବଧୌତ ମତାନୁସାରେ ଔଷଧ ।

ବହୁଦିନଠାରୁ ଅମ୍ଭେ ନାନାସ୍ଥାନ ପର୍ଯ୍ୟଟନ, ନାନାଶାସ୍ତ୍ର ସମ୍ମତ, ସାଧାରଣ ବୈଦ୍ୟ, ଯଦ୍ରୋକାଡ଼ି ପରିଶ୍ରମ ଏବଂ ଅନେକାନେକ ଯୋଗୀ, ମହନ୍ତ, ଉଦାସିନ୍ ଓ ପରମହଂସାଦି ମହାତ୍ମାମାନଙ୍କ ସେବା କରି ଅବଧୌତମତାନୁସାରେ ସମସ୍ତ ପ୍ରକାର ରୋଗର ଭିନ୍ନ ଭିନ୍ନ ଅବସ୍ଥାରେ ପୃଥକ୍ ପୃଥକ୍ ଔଷଧ ଓ ଧାତୁବାହକ ଚିକିତ୍ସାପ୍ରଣାଳୀ ଶିକ୍ଷା କରି ଅନେକ ବ୍ୟକ୍ତିଙ୍କୁ ଅସାଧ୍ୟରୋଗରୁ ମୁକ୍ତ କରୁଅଛୁଁ । ସର୍ବସାଧାରଣଙ୍କ ହିତାର୍ଥରେ ସମସ୍ତ ଔଷଧ ବହୁବ୍ୟୟ ଓ ପରିଶ୍ରମରେ ପ୍ରସ୍ତୁତ କରି ଅଳ୍ପ ମୂଲ୍ୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ରଖା ହୋଇଅଛି ।

ସମାଗତ ଚିକିତ୍ସାଳେ ଆମ୍ଭ ନିକଟରେ ବିନା ମୂଲ୍ୟରେ ଔଷଧ ପ୍ରାପ୍ତ ହୋଇଥାନ୍ତି । ବାହାର ସହରରୁ ରୋଗୀ ଦେଖି ଯିବାକୁ ହେଲେ ଅମ୍ଭେ ଅବସ୍ଥାନୁସାରେ ଦକ୍ଷିଣା ନେଉଥାଉଁ । ବିଦେଶରେ ରୋଗୀ ଦେଖିବା ନିମନ୍ତେ ଯିବାକୁ ହେଲେ ପାଥେୟ ଭିନ୍ନ ଦୈନିକ ଟ ୧୬ଙ୍କା ଦକ୍ଷିଣା ନିରୂପିତ ଅଛି । ମଫସଲବାସୀମାନେ ପୀଡାର ବିସ୍ତାରିତ ବିବରଣ ସହ ପତ୍ର ଲେଖିଲେ ଚିକିତ୍ସିତ ହୋଇପାରନ୍ତି । ଯେଉଁ ବ୍ୟକ୍ତିମାନେ ପ୍ରମେହ, ଅସାଧ୍ୟ, କୁଷ୍ଠ, ରୋଗରେ ନିରନ୍ତର କଷ୍ଟଭୋଗ କରି ଔଷଧ ସେବନରୁ ହତାଶ ହୋଇଅଛନ୍ତି, ନାନାପ୍ରକାର ଚିକିତ୍ସାଦ୍ୱାରା ଯେଉଁମାନେ କିଛିମାତ୍ର ଉପକାର ପାଇ ନାହାନ୍ତି ସେମାନେ ଏହି ସାଧୁପ୍ରଦତ୍ତ ଅତ୍ୟାଶ୍ଚର୍ଯ୍ୟ ଅବଧୌତ ଚିକିତ୍ସାର ଆଶ୍ରୟ ଗ୍ରହଣ କଲେ ଆରୋଗ୍ୟ ହୋଇ ପାରିବେ ।—

ଚିକିତ୍ସାର୍ଥୀ ବ୍ୟକ୍ତିମାନେ କଟକ ମଲ୍ଲତାସ ବଜାର ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ ଗୃହଠାରେ ପ୍ରାତଃକାଳରେ ସମାଗତ ହେବେ ।

ସା । ହାଟ ମଲ୍ଲତାସ }
ବଜାର ସହର କଟକ } ଶ୍ରୀ ହେମଚନ୍ଦ୍ରବନ୍ଦ୍ୟୋପାଧ୍ୟାୟ ଅବଧୌତ—ଚିକିତ୍ସକ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତିରିକ୍ତ ।

ଉତ୍କଳଦୀପିକା ତା ୫ ରଖ ମାହେ ଜୁଲାଇ ସନ ୧୮୭୯ ମସିହା ।

## କଟକ ଜିଲାର ଶ୍ରୀଯୁତ ସବ୍ଅର୍ଡିନେଟ ଜଜ ସାହେବଙ୍କ ଅଦାଲତରେ ବିଜ୍ଞାପନ ।

ଚୌଧୁରୀ ବଇନାଥ ଦାସ ଡିକ୍ରୀଦାର ମୁତୋଫାର ୱାରିସମାନେ ପୁତ୍ର ଚୌଧୁରୀ କାଶିନାଥ ଦାସ ଓ ପୌତ୍ର ଚୌଧୁରୀ ବାଳକୃଷ୍ଣ ଦାସ ସ୍ୱୟଂ ଭାଇ ଓ ମାହାଫିଜ ଚୌଧୁରୀ ଦିବ୍ୟସିଂହ ଦାସ ନାବାଲଗ ବାଦୀମାନଙ୍କର ଦାୟେଦ୍ରୀ ଚୌଧୁରୀ ସହଦେବ ମହାପାତ୍ର ପ୍ରତିବାଦୀ ନାମର ସନ ୧୮୭୮ ମସିହାର ନଂ ୮୪ ମ୍ବର ଡିକ୍ରୀଜାରୀ ମୋକଦମାରେ ବାଦୀମାନଙ୍କର ପାଉଣା ଟ୯୦୯୫୭।୵ଙ୍କା ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୮୭୯ ମସିହା ଜୁଲାଇମାସ ତା ୧୫ ରଖ । ମୁ । ଓଡ଼ିଆ ସନ ୧୨୮୬ ସାଲ ଶ୍ରାବଣମାଧ ଦି ୧ ନ ମଙ୍ଗଳବାର ଦିନ କଟକ ଜିଲାର ଶ୍ରୀଯୁତ ଶ୍ରୀ ଜଜ ସାହେବ ଜିଉଙ୍କ ଅଦାଲତରେ ନିଲାମ ହେବ ଅତଏବ ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଖରିଦ ଆକାଂକ୍ଷୀ ବ୍ୟକ୍ତିମାନେ ଉକ୍ତ ତାରଖେ ଉପସ୍ଥିତ ହୋଇ ନିଲାମରେ ଖରିଦ କରିବେ ।

### ତପସିଲ ସମ୍ପତ୍ତି ।

| ନାମ ପ୍ରଗନା । | ତଉଜି ନମ୍ବର । | ନାମ ମାହାଲ । | ତଯୂନ ସଦରଜମା । | ନିଲାମ ହେବାର କସମତ । | |
|---|---|---|---|---|---|
| ଯାଜପୁର | ନ ୩୨୯୮ ମ୍ବର | । କ । ଛା । କାଳୀମେଘା | ଟ ୪୪୯ ୰୵ ୩ | ଟ ୦ ୰୵ ୧।୦ ୰ | |
| ଏଜନ | ନ ୫୮ ମ୍ବର | । ଛା । ନନ୍ଦପୁର | ଟ ୩୬୯୬ / ୩ ୰ | ଟ ୦ ୵ | |
| ଏଜନ | ନ ୨୨ ମ୍ବର | ମୌ । ଋଷିପୁର | ଟ ୪୪୯ ୧ ୯ ୰ | ଟ ୦। | |
| ଏଜନ | ନ ୩୬୫୭ ମ୍ବର | ମୌ । ତଥରେଶ୍ୱର | ଟ ୬୬ ୰ | ଟ ୧ ୧ | ସମୁଦାୟ |
| ଏଜନ | ନ ୬୨୫ ମ୍ବର | ଖ । ମୌ । ସନ୍ନମାଧବ | ଟ ୪୪ ୰୵ ୪ | ଟ ୦। | |
| ଏଜନ | ନ ୩୬୨୦ ମ୍ବର | । କ । ଛା । ସୁନ୍ଦରପୁର | ଟ ୧୬୩ ।୵ ୪ | ଟ ୧ ୧ | ସମୁଦାୟ |
| ଏଜନ | ନ ୩୬୯୦ ମ୍ବର | । କ । ଛା । ସୁନ୍ଦରପୁର | ଟ ୬୬୰୵ ୨୰ | ଟ ୧ ୧ | „ |
| ଏଜନ | ନ ୬୪ ମ୍ବର | । କ । ଛା । ଭୀମକରପୁର | ଟ ୫୪ ।୵ ୫୰ | ଟ ୦। | |
| ଏଜନ | ନ ୬୦ ମ୍ବର | । କ । ଛା । ଭୀମକରପୁର | ଟ ୪୬୫ ୵ ୮ | ଟ ୦ ୧ ୯୰୵ | |
| ଏଜନ | ନ ୧୬୬ ମ୍ବର | ଖ । ମୌ । ପାଲଦା ଓଗେର | ଟ ୨୪ ।୵ | ଟ ୦। | |
| ଏଜନ | ନ ୧୩୨ ମ୍ବର | । ମୌ । ପାଲଦା ଓଗେର | ଟ ୪୩ ୰ ୧୦ ୰ | ଟ ୦ ୵ ୩ ୧ ୧ | |
| ଯାଜପୁର ଓଗେର | ନ ୩୦୨ ମ୍ବର | ଖ । ମୌ । ବାରୁଆଁ ଓଗେର | ଟ ୬୪ ।୵ | ଟ ୦ ୧ ୬ | |
| ଏଜନ | ନ ୩୦୮ ମ୍ବର | ଖ । ମୌ । ପାଲଦା ଓଗେର | ଟ ୬୯ ।୵ ୮ | ଟ ୦ ୵ ୧୧ | |
| ଯାଜପୁର | ନ ୬୨୨ ମ୍ବର | ଖ । ମୌ । ପତରଖ | ଟ ୧୬୫୰୵ ୧ | ଟ ୦ ୧ ୩୰ | |
| ଯାଜପୁର | ନ ୬୨୬ ମ୍ବର | । ଆ । ଖା । ଦେବୋତ୍ତର । ମୌ । ମୁସ୍ତକଲ ପୁର | ଟ ୪୰୵ ୨ | ଟ ୦। | |
| ଏଜନ | ନ ୧୩୧ ମ୍ବର | ଅସ୍ତଳ ଲାଲବାଗ | ଟ ୬୫ / ୭ | ଟ ୦। | |
| ସାହେବନଗର | ନ ୧୮୬୯ ମ୍ବର | । କ । ମୌ । ବୃନ୍ଦାବନପୁର | ଟ ୪୪ ।୵୧୧ | ଟ ୦ ୧୧୦ | |
| ଏଜନ | ନ ୧୮୭୦ ମ୍ବର | । ମୌ । ଜାମୁଳଗର ଓଗେର | ଟ ୫୧ ।୵ ୩ | ଟ ୦ ୧୧୮ । ୧ | |
| ଏଜନ | ନ ୧୮୭୭ ମ୍ବର | । ମୌ । ବାସୁଦେଇପୁର ଓଗେର | ଟ ୧୦୧ ୰ | ଟ ୦ ୵ ୪ | |
| ଯାଜପୁର | ନ ୩୦୬୬ ମ୍ବର | । କ । ଖ । ମୌ । ସଇପୁର | ଟ ୧୯ ।୵ ୭ | ଟ ୦। | |
| ମାଇକଛାବାଦ | ନ ୧୮୯୬ ମ୍ବର | । ମୌ । ପାଟଲୀ | ଟ ୬୪୧ । ୫ | ଟ ୦୰ | |
| ବରୁଆଁ | ନ ୧୩୧୪ ମ୍ବର | । କ । ଛା । କେଶପୁର | ଟ ୧୭୬୦ ।୵ ୬୰ | ଟ ୦। ୪ ୧ ୪ | |
| ସରଗଡା | ନ ୩୬୬୮ ମ୍ବର | । କ । ଛା । ଜୁଗଲେ | ଟ ୯୪୬୰ ୫ | ଟ ୦୰୵୧୯ ୧ ୧୰୵୧୫ | |
| ଏଜନ | ନ ୧୬୯୬ ମ୍ବର | । କ । ମୌ । ବରଣ୍ଡେଲ | ଟ ୬୦ ୰୵ ୭ | ଟ ୦। | |
| ଏଜନ | ନ ୧୭୩୧ ମ୍ବର | । କ । ମୌ । ସ୍ୱଗା | ଟ ୧୧୮ ୵ ୭। | ଟ ୦ /୧୫ | |
| ଏଜନ | ନ ୩୬୮୪ ମ୍ବର | । କ । ଛା । ମକୁନ୍ଦପୁର | ଟ ୬୬୩ ୧ ୫ | ଟ ୧ ୧ | ସମୁଦାୟ |
| ଛାସାଣିଆ | ନ ୫୦୪ ମ୍ବର | ଖ । ମୌ । ଲେଙ୍କାସାହି | ଟ ୧୦୰୵ | ଟ ୦ / | |
| ଏଜନ | ନ ୫୩୧ ମ୍ବର | ଖ । ମୌ । ସେରପୁର | ଟ ୪୰୵ ୫ | ଟ ୦। | |

W. Wright.
*Sub Judge.*

☞ ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

REGISTERED NO. 1

125

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସଂ ୨୮ ଖ୍ୟା

ତା୧୨ରଖ ମାହେ ଜୁଲାଇ ସନ ୧୮୭୯ ମସିହା । ମୂ । ଆଷାଢ଼ ଦ ୩୦ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨୲୦
ମଫସଲପାଁଇ ଡାକମାସୁଲ ଟ ୧୲୵୦

ପୁରୀର ଠାକୁରମାନେ ଅଦ୍ୟାପି ମନ୍ଦିରକୁ ଫେରି ଆସିବାର ସଂବାଦ ପାଇ ନାହୁଁ । ଗତ ମଙ୍ଗଳବାର ପର୍ଯ୍ୟନ୍ତ କେବଳ ବଳଦେବଙ୍କ ରଥ ମନ୍ଦିର ନିକଟରେ ପହୁଞ୍ଚି ଥିଲା । ଦୁର୍ଘଟନା ନିବାରଣ ସକାଶେ ରଥମାନେ ଅତି ଧୀରେ ୨ ଗୋ ୪ ଟା ଦଉଡ଼ାଦ୍ୱାରା ଟଣା ହେଉଥିଲେ ଏବଂ ବୃଷ୍ଟି ହେତୁରୁ ମଧ୍ୟ କେତେକ ବ୍ୟାଘାତ ହୋଇଅଛି । ଓଲାଉଠାରୋଗ ନାନାନ୍ୟରୂପେ ରହିଅଛି ଏବଂ ଜ୍ୱରର ପ୍ରତାପ ଅନେକ ଊଣା ପଡ଼ିଅଛି ।

---

ଆମ୍ଭେମାନେ ଆନନ୍ଦ ସହିତ ଗବର୍ଣ୍ଣମେଣ୍ଟ ଗେଜେଟରେ ପାଠ କଲୁଁ ଯେ କେନ୍ଦ୍ରାପଡ଼ାର ଜଣେ ପ୍ରଧାନ ଜମିଦାର ବାବୁ ରାମଗୋବିନ୍ଦ ଜଗଦେବ ବାର୍ଷିକ ଟ ୪୦୯ ଙ୍କା ମୂଲ୍ୟର ଗୋଟିଏ ବୃତ୍ତି ସ୍ଥାପନ କରିବାକୁ ଅଙ୍ଗୀକାରକରି ଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ତାହା ପ୍ରଫୁଲ୍ଲଚିତ୍ତରେ ସ୍ୱୀକାର କରିଅଛନ୍ତି । ସଂସ୍କୃତ ଭାଷା ପରୀକ୍ଷାର ନୂତନ ପ୍ରଣାଳୀରେ କେନ୍ଦ୍ରାପଡ଼ା ଉପଭାଗରେ କଟକ ଜିଲ୍ଲା ଏବଂ ତଦଭାବେ ଓଡ଼ିଶାରେ ଯେଉଁ ଛାତ୍ର ଉତ୍ତୀର୍ଣ୍ଣ ହେବ ସେ ଉକ୍ତ ବୃତ୍ତି ପାଇବ । ନୋହିଲେ ବଙ୍ଗଳାର କୌଣସି ଛାତ୍ରକୁ ତାହା ଦିଆ ଯିବ । ଏହାର ନାମ ଗୌରୀଶ୍ୟାମ ବୃତ୍ତି ହେବ ।

---

ବାଲେଶ୍ୱର ସବ୍‌ଡେପୁଟୀକଲେକ୍ଟରଙ୍କ ମୋଫସଲ କର୍ମ ନିସ୍ତାର ହେବାରୁ ସେ ମହକୁମା କଟକ ଜିଲ୍ଲାକୁ ଉଠି ଯାଇଅଛି ଏବଂ ଏଥିର ପ୍ରଧାନ ଇଞ୍ଜିନିୟର ବର୍ଟାନିସ ସାହେବ ଛଅମାସସକାଶେ ସୋନ ଏଲାକାର ସୁପ୍ରେଣ୍ଟେଣ୍ଡିଂ ଇଞ୍ଜିନିୟର ପଦରେ ଏକ୍‌ଟିଂ ହୋଇଅଛନ୍ତି । କଥିତହୁଅଇ ଯେ ଅଳ୍ପଦିନରେ ସବୁ ମହକୁମା ଉଠିଯିବ ଓ କର୍ମଚାରୀମାନେ ଅନ୍ୟାନ୍ୟ ଏଲାକାକୁ ବଦଳି ହୋଇଯିବେ ।

---

ପ୍ରେସ୍‌କମିଶ୍ନର ସମ୍ବାଦ ଦେଇଅଛନ୍ତି କି ବଙ୍ଗଳାର ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସର ଇଡନ୍ ସାହେବ ସୈନିକ କମିଶ୍ନରଙ୍କ ସଭାପତି ପଦରେ ଯେତେକାଳ ରହିବେ ତେତେକାଳ ସର୍ ଷ୍ଟିଓ୍ୱାର୍ଟ ବେଲି ସାହେବ ବଙ୍ଗଳାର ଏକ୍‌ଟିଂ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ହେବେ ଅଥଚ ଆସାମର ପ୍ରଧାନ କମିଶ୍ନରଙ୍କ କର୍ମ କି ଯହିଁରେ ସେ ନିଯୁକ୍ତ ଅଛନ୍ତି କରୁଥିବେ । ଏହି ସୁଯୋଗରେ ଆସାମ ଓ ବଙ୍ଗଳାକୁ ପୁନର୍ବାର ମିଶାଇଦେଲେ ଗବର୍ଣ୍ଣମେଣ୍ଟଙ୍କର ଅନେକ ବ୍ୟୟଲାଘବ ହେବ ।

---

ଲାଇସେନ୍‌ସ ଟାକ୍ସଦ୍ୱାରା ଯେପରିମାଣରେ ଆୟ ହେବାର ଗବର୍ଣ୍ଣମେଣ୍ଟ ଆଶା କରିଥିଲେ ତାହା ହେଲ ନାହିଁ । ବଙ୍ଗଳା ଗବର୍ଣ୍ଣମେଣ୍ଟ ଚାରିଶଲକ୍ଷ ଟଙ୍କା ପାଇବାର ଅନୁମାନ କରିଥିଲେ କିନ୍ତୁ ପଚାଶଲକ୍ଷ ଟଙ୍କାରୁ ଅଧିକ ଉସୁଲ କରିପାରିଲେ ନାହିଁ । ଏକା କଲିକତା ନଗରରେ ଆଠଲକ୍ଷଟଙ୍କା ଆୟର ଇଷ୍ଟିମିଟ ହୋଇଥିଲା କିନ୍ତୁ ସାଢ଼େତିନିଲକ୍ଷ ଟଙ୍କା ଆଦାୟ ହେବା ଦୁଷ୍କର । ଏତିକି ଟଙ୍କା ସକାଶେ ଲୋକଙ୍କୁ କେତେ କ୍ଳେଶ ଓ ଭାବନାରେ ଗବର୍ଣ୍ଣମେଣ୍ଟ ପକାଇଲେ ! ଧାର୍ଯ୍ୟାକୃତ ଟାକ୍ସ ଯେ ଏଦେଶର ଲୋକଙ୍କ ଅବସ୍ଥାର ଅନୁରୂପ ନୁହଇ ତାହା ଆଉ କେବେ ଗବର୍ଣ୍ଣମେଣ୍ଟ ବୁଝିପାରିବେ !

---

ବ୍ରହ୍ମଦେଶରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ମଣ୍ଡାଲର ନୂତନ ରେସିଡେଣ୍ଟ କର୍ଣ୍ଣେଲ ବ୍ରାଉଣଙ୍କ ପହୁଞ୍ଚିବାର ପରଦିନଠାରୁ ବ୍ରହ୍ମାର ରାଜା ଥିବୁଙ୍କ ଆଜ୍ଞାରେ ନୂଆଙ୍ଗଙ୍ଗାନ ରାଜକୁମାରଙ୍କ ଅନୁଗୃହୀତମାନଙ୍କର ସମସ୍ତ ସ୍ତ୍ରୀ ପୁତ୍ର ଏବଂ କନ୍ୟାମାନଙ୍କର ଶିରଚ୍ଛେଦନ ହୋଇଅଛି । ଏଥିପୂର୍ବ ଭୂତପୂର୍ବ ରେସିଡେଣ୍ଟ ସାହେବଙ୍କଠାରେ ରାଜା ଯାହା ପ୍ରତିଜ୍ଞା କରିଥିଲେ କି ଆଉ କାହାରିକୁ ହତ୍ୟା କରିବେ ନାହିଁ ତାହା ଭଗ୍ନ କଲେ । ସାଧାରଣ ଭାବ ଏହି ଯେ ରାଜା ଇଂରାଜମାନଙ୍କ କ୍ଷମତାକୁ ଅତି ତୁଚ୍ଛ ମଣିବାରୁ ଏପ୍ରକାର ଦୁଷ୍କ୍ରିୟାମାନ ଅଦ୍ୟାପି ଚଳୁଅଛି । କାବୁଲର ଅମିରକୁ ବାର୍ଷିକ ଟଙ୍କା ଦେବାର ନିୟମ ହେବାରୁ ଉକ୍ତ ଭାବଟି ଆହୁରି ଦୃଢ଼ ହୋଇଅଛି କାରଣ ସେମାନେ ବ୍ୟଙ୍ଗ କରୁଅଛନ୍ତି କି ଇଂରାଜ ଟଙ୍କା ଦେଇ ଶାନ୍ତି କିଣି ଅମିରକୁ କିଣିଥିବାର କହୁଅଛନ୍ତି । ବ୍ରହ୍ମା ରାଜାଙ୍କ କାଣ୍ଡ ଶୁଣି ଆମ୍ଭେମାନେ ହତାଶ ହେଉଅଛୁଁ ।

---

Split by PDF Splitter

Digitized by srujanika@gmail.com

ଇଣ୍ଡିପେଣ୍ଡେଣ୍ଟ ଶୁଣିଅଛନ୍ତି କି ମାଞ୍ଚେଷ୍ଟରର ଲୁଗାବେପାରୀମାନଙ୍କେ ୩୦ ନମ୍ବର ସୂତାର ଲୁଗାରେ ଭାରତବର୍ଷ ସକାଶେ ଲୁଗା ବୁଣିବାକୁ ମନସ୍ଥ କରିଅଛନ୍ତି କାରଣ ଉକ୍ତ ନମ୍ବରପର୍ଯ୍ୟନ୍ତ ସୂତାର ଲୁଗା ଉପରେ ମାସୁଲ ଛାଡ ହୋଇଥିବାରୁ ସେମାନଙ୍କୁ ଆଉ ମାସୁଲ ଦେଣ ପଡିବ ନାହିଁ । ଏପରି ହେଲେ ଲୁଗାମାସୁଲ ଦ୍ୱାରା ଆଉ କିଛି ରାଜସ୍ୱ ଆଦାୟ ହେବ ନାହିଁ । ଲର୍ଡଲିଟନ ସାହେବ କପାମାସୁଲ ଉଠାଇ ଦେଇ କିଭଳି ବିପଦରେ ପଡିବାର ଜଣାଯାଏ ।

ପଶ୍ଚାତ୍ତରେ ମୋଟ ସୂତାର ଦେଶୀ ବେପାରୀମାନେ ଯେ ପୂର୍ବପ୍ରାପ୍ୟ ଭାରତବର୍ଷରେ ଲୁଗା କାର୍ଯ୍ୟତା ଲଭିବେ ଏମନ ସମ୍ଭାବନା ଅଧିକ ନାହିଁ । ବର୍ତ୍ତମାନ ଭାରତବର୍ଷରେ ଗୋ ୫୩ ଟା ଲୁଗା ବୁଣିବାର କଳ ବସିଅଛି ଅର୍ଥାତ୍ ବମ୍ବେଇରେ ଗୋ ୪୦ ଟା କଲିକତାରେ ଗୋ ୫ ଟା ମାନ୍ଦ୍ରାଜ ଓ କାନପୁରରେ ଗୋ୨ ଟା ଲେଖାଏ ଏବଂ ଇନ୍ଦୋର ହାଇଦରାବାଦ ଏବଂ ନାଗପୁରରେ ଗୋଟାଏ ଲେଖାଏ । ଏହିସବୁ କଳଦ୍ୱାରା ଭାରତବର୍ଷର ସମୁଦାୟ ପ୍ରୟୋଜନ ପୂର୍ଣ୍ଣ ହେଉ ନ ଥିଲେ ମଧ୍ୟ ଗତ ବର୍ଷରେ ଏସବୁ କଳରେ ପ୍ରସ୍ତୁତ ହୋଇଥିବା ଲୁଗାର ମୂଲ୍ୟ ୫୫୨, ୬୨,୫୮୦ଠାରୁ ୫୧,୧୪,୬୨,୩୨୩ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ବମ୍ବେଇର ଲୁଗା ବିଲାତି ଲୁଗାକୁ ହଟାଇ ଦେବ ର କାରଣ ଏହି ଯେ ବିଲାତି ଲୁଗାରେ ଷ୍ଟାର୍ଚ୍ଚ ଓ ମଣ୍ଡ ଇତ୍ୟାଦି ନାନାଦ୍ରବ୍ୟ ମିଶାଇବାରୁ ସେ ଲୁଗା ଟାଣ ପଡୁ ନାହିଁ କମ୍ଟଗଲେ ତାହାର ବଳ ଜଣା ହେଉଅଛି ମାତ୍ର ବମ୍ବେଇ ଅର୍ଥାତ୍ ଭାରତବର୍ଷୀୟ କଳର ଲୁଗା କେବଳ କପାସ୍ୱତାରେ ପ୍ରସ୍ତୁତ ହେବାରୁ ଟାଣ ପଡୁଅଛି ଓ ଏଠା ଲୋକମାନେ ତାହା ଯେମନ୍ତ ଜାଣିପାରୁଅଛନ୍ତି ବିଲାତିଲୁଗାର ଅବଲ ତେମନ୍ତ ଜଣା ହେଉଅଛି । ମାଞ୍ଚେଷ୍ଟରର ବେପାରୀମାନେ ଏଥିର କି ପ୍ରତିବିଧାନ କରିବେ ଦେଖାଯିବ ।

---

## ମୃତ ଲର୍ଡଲରେନ୍ସ ସାହେବ ।

ଆମ୍ଭେମାନେ ଅତି ଦୁଃଖିତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ ଯେ ଆମ୍ଭମାନଙ୍କର ଭୂତପୂର୍ବ ଗବର୍ଣ୍ଣରଜେନରଲ ଲର୍ଡଲରେନ୍ସ ସାହେବ ବିଲାତରେ ଗତ ମାସ ତା ୨୮ ଶେଷରେ ମାନବଲୀଳା ସମ୍ବରଣ କରିଅଛନ୍ତି । ଆମ୍ଭମାନଙ୍କ ବର୍ତ୍ତମାନର ଗବର୍ଣ୍ଣରଜେନରଲ ସାହେବ ଏ ଶୋକାବହ ବାର୍ତ୍ତାର ବିଜ୍ଞାପନ ଗେଜେଟରେ ଦେଇ ଲେଖନ୍ତି ଯେ ଯେଉଁ ମହାତ୍ମାଙ୍କର ଜୀବନଯାତ୍ରା ଅତି ସୁଖ୍ୟାତିରେ ବର୍ତ୍ତମାନ ଶେଷ ହେଲା ସେ ଯେପରି ବୁଦ୍ଧି ବିବେଚନା ଓ ଅନୁଭବ ସହିତ ଭାରତବର୍ଷକୁ ଶାସନ କରିଥିଲେ ୱାରନହେଷ୍ଟିଙ୍ଗସ୍‌ଙ୍କ ସମୟରୁ ସେପରି ଶାସନ କୌଣସି ଗବର୍ଣ୍ଣର କରି ନାହାନ୍ତି । ସେ ପଞ୍ଜାବର ଶାସନକର୍ତ୍ତା ଥିବା ବେଳେ ଇଂରେଜଙ୍କ ଆଧିପତ୍ୟ ରକ୍ଷାରେ ଓ ଲାଟଗବର୍ଣ୍ଣର ଥିବା ସମୟରେ ଭାରତବର୍ଷର ଶାନ୍ତିମୟ ଶାସନରେ ଯେ କାର୍ଯ୍ୟମାନ କରିଅଛନ୍ତି ସେ ସବୁ ଶୋକରେ ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା କରାଯାଇ ନ ପାରେ । ତାଙ୍କ ସମ୍ମାନାର୍ଥ କଲିକତା କିଲ୍ଲାରେ ୬୦ ତୋପ ଫାୟର ହେବ ଓ ପତାକାକୁ ନୂଆଇଁ ଦେବାକୁ ହେବ ଏବଂ ଭାରତବର୍ଷରେ ସମସ୍ତେ ତାଙ୍କ ପ୍ରତି ସମ୍ମାନ ପ୍ରକାଶ କରିବେ ।

ବାସ୍ତବରେ ଭାରତବର୍ଷ ବିଷୟରେ ଲର୍ଡଲରେନ୍ସ ଯେପରି ଅନୁରକ୍ତ ଥିଲେ ସେପରି କେହି ଗବର୍ଣ୍ଣରଜେନରଲ ନୁହନ୍ତି ଓ ଉଚ୍ଚପଦସ୍ଥ କର୍ମଚାରୀଙ୍କ ମଧ୍ୟରେ ସେ ଯେତେଦୂର ପଦୋନ୍ନତି ଲାଭ କରିଥିଲେ ସେପରି କେହି କରି ନାହାନ୍ତି । ସେ ପ୍ରଥମେ ଅଶିକ୍ଷିତ ସ୍ୱରୂପ ଭାରତବର୍ଷକୁ ଆସି ସଦ୍‌ଗୁଣ ଓ କାର୍ଯ୍ୟଦକ୍ଷତା ଦେଖାଇ ଏତେ ଉନ୍ନତି ଲାଭ ଥିବାରୁ ତାଙ୍କୁ ଅତି ଗୌରବର ପାତ୍ର ଅବଶ୍ୟ ବୋଲିବାକୁ ହେବ । ସେ ସନ ୧୮୧୧ ମସିହା ମାର୍ଚ୍ଚ ମାସରେ ଜନ୍ମଗ୍ରହଣ କରିଥିଲେ ଓ ସୁଶିକ୍ଷା ଲାଭ କରି ୧୮୩୧ ସାଲରେ ଭାରତବର୍ଷକୁ ଦିଲ୍ଲୀ କମିଶନରଙ୍କର ଅସିଷ୍ଟାଣ୍ଟ ସ୍ୱରୂପ ଆସିଲେ । ଏହି ପଦରେ କାର୍ଯ୍ୟଦକ୍ଷତା ଦେଖାଇବାରୁ ତାଙ୍କର ଶୀଘ୍ର ପଦୋନ୍ନତି ହେଲା ଅର୍ଥାତ୍ ୧୮୩୬ ରେ ସେ ଦିଲ୍ଲୀର ମେଜଷ୍ଟ୍ରେଟ ହେଲେ । ଏ ପଦରେ ଶାସନ ଶକ୍ତି ଦର୍ଶାଇ ଯେଉଁ ଜିଲାମାନ ଶିଖମାନଙ୍କଠାରୁ ସେ ସମୟରେ ଛଡ଼ାଇ ନିଆ ଯାଇଥିଲା ସେ ସବୁ ଜିଲାର ସେ କମିଶନର ହେଲେ । ତଦନନ୍ତର ପଞ୍ଜାବ ହସ୍ତଗତ ହେବାରୁ ସେ ତହିଁର ଚିଫ୍ କମିଶନର ହେଲେ । ସେ ପଞ୍ଜାବ ରକ୍ଷା କଲେ ଓ ଦିଲ୍ଲୀକୁ ଜୟ କଲେ ସେ ଏହି ପ୍ରକାର ଯୁଦ୍ଧ ଓ ଶାସନ କାର୍ଯ୍ୟରେ କାର୍ଯ୍ୟଦକ୍ଷତା ଦେଖାଇ ସୁଖ୍ୟାତି ଲାଭ କଲେ ଓ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ହେଲେ । ତହୁଁ ସେ ବିଲାତକୁ ଯାଇ ସେଠାରେ କିଛୁଦିନ ରହି ଭାରତବର୍ଷର ଗବର୍ଣ୍ଣରଜେନରଲ ପଦରେ ନିଯୁକ୍ତ ହୋଇ ଆସିଲେ । ସେ ଏ ପଦରେ ଉପସ୍ଥିତ କାଳ (ବର୍ଷ) ରହି ବିଲାତକୁ ପ୍ରତ୍ୟାଗତ ହେଲେ । ବିଲାତରେ ଭାରତବର୍ଷକୁ ଭୁଲି ନ ଥିଲେ ଏ ଦେଶ ସମ୍ବନ୍ଧରେ ସେ ପାର୍ଲିମେଣ୍ଟରେ ତର୍କ ବିତର୍କ କରୁଥିଲେ । ଗତବର୍ଷରେ ସେ ପାର୍ଲିମେଣ୍ଟ ସଭାରେ କପାମାସୁଲ ସମ୍ବନ୍ଧ ଲାଟ ସାହେବଙ୍କର ଭ୍ରମ ଅତି ସୁନ୍ଦରରୂପେ ଦର୍ଶାଇ ଥିଲେ । ଏ ହେତୁ ଭରସା ଥିଲା ଯେ ସେ ଏ ସମ୍ବନ୍ଧରେ ଭାରତବର୍ଷର ଆବେଦନର ସମର୍ଥନ କରିଥାନ୍ତେ ଅତଏବ ଏ ସମୟରେ ତାଙ୍କର ମୃତ୍ୟୁ ଅଧିକତର ଦୁଃଖର ବିଷୟ ହେଲା ସନ୍ଦେହ ନାହିଁ ।

---

## ଅସ୍ତ୍ରଶସ୍ତ୍ର ଆଇନ ।

ଏ ଆଇନ ଯେପରି ପ୍ରଚଳିତ ହୋଇଅଛି ତହିଁ ପ୍ରସଙ୍ଗ ଏଥିପୂର୍ବେ ଲେଖିଅଛୁଁ ବର୍ତ୍ତମାନ ବର୍ଜିତ କଥା ଲେଖୁଅଛୁଁ । ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବଙ୍କର ବିଶେଷ ଆଜ୍ଞାନୁସାରେ ନିମ୍ନ ଲିଖିତ ବ୍ୟକ୍ତିମାନେ ଏ ଆଇନରୁ ବର୍ଜିତ ହୋଇଅଛନ୍ତି । ଯଥା;

୧—ମହାରାଜା, ରାଜା, ନବାବ ଏବଂ ଗବର୍ଣ୍ଣମେଣ୍ଟରୁ ଯେଉଁମାନେ ପଦ ଉପାଧି ବା ସନ ୧୮୬୭ ସାଲ ଜାନୁଆରି ମାସ ତା ୧ ଦିନରେ ସାର୍ଟିଫିକେଟ ପାଇଅଛନ୍ତି ସେମାନେ ।

୨—ଗବର୍ଣ୍ଣରଜେନେରଲ, ଗବର୍ଣ୍ଣର ଓ ଲେଫ୍‌ଟନେଣ୍ଟ ଗବର୍ଣ୍ଣରଙ୍କ କାଉନସିଲର ମେମ୍ବରମାନେ ।

୩—ସୈନିକ ଓ ଜାହାଜ କର୍ମଚାରୀ, ଭଲଣ୍ଟିଅର, ପୋଲିସ କର୍ମଚାରୀ, ଡାକ କର୍ମଚାରୀ ଓ ଜେହଲ କର୍ମଚାରୀମାନେ ।

୪—ମେଜଷ୍ଟ୍ରେଲ, ଅବୈତନିକ ମେଜଷ୍ଟ୍ରେଟ ଓ ମୁନସଫ ଓ ତାଙ୍କ ଉପରର ବିଚାରପତିମାନେ ।

୫—ଇଂରେଜ, ଇଷ୍ଟଇଣ୍ଡିଆନ (ମାତୃଅ ଫିରିଙ୍ଗି)

୬—ଦେଶୀୟ ସ୍ୱାଧୀନ ରାଜାଙ୍କର ଏଜେଣ୍ଟ ବା ଉକିଲ ।

୭—ସ୍ୱାଧୀନ ରାଜାମାନେ ସେମାନଙ୍କର ଅନୁଚର ସହିତ ଇଂରେଜଙ୍କ ରାଜ୍ୟକୁ ଆସିଲେ ।

୮—ପଲଟନର ପେନସନ୍ ପ୍ରାପ୍ତ କର୍ମଚାରୀମାନେ ଓ ଶାସନ ବିଭାଗର ଯେଉଁ କର୍ମଚାରୀମାନେ ବର୍ଜିତ ହୋଇଥାନ୍ତି ସେମାନେ ପେନସନ୍ ପାଇଲେ ସୁଦ୍ଧା ।

୯—କେତେକ ବିଶେଷ ବ୍ୟକ୍ତି ସେମାନଙ୍କ ମଧ୍ୟରେ ବଙ୍ଗଳାର କଡ଼ି ଜମିଦାର ।

୧୦—ସକଳକ୍ର ଜମିଦାର ଏବଂ ମ୍ୟୁନସିପଲ କମିଟୀର ମେମ୍ବର ।

୧୧,୧୨,୧୩,୧୪—କେତେକ ବିଶେଷ ବ୍ୟକ୍ତିମାନେ ।

୧୫—ବନ୍ଧୁ ଚଢ଼ାଇ ରକ୍ଷ ଓ ଡାକକର୍ମଚାରୀମାନେ ।

ଏତଦ୍ଭିନ୍ନ ଏକ୬ ଜିଲାରେ ବିଶେଷ ବ୍ୟକ୍ତିମାନେ ବର୍ଜିତ ହୋଇଅଛନ୍ତି । ଏ ଜିଲାରେ କନିକା, ଚୌଷଠିପଡ଼ା ଓ ଡମପଡ଼ାର ଜମିଦାରମାନେ ଏବଂ ବାବୁ ଜଗନ୍ନାଥ ଭ୍ରମରବର ରାୟ ବାବୁ ରାମଗୋବିନ୍ଦ ଜଗଦେବ ଓ ବାବୁ ରାମନାଥ

Split by PDF Splitter

Digitized by srujanika@gmail.com

Split by PDF Splitter



ସ୍ୱ ଚୌଧୁରୀ ବର୍ଜିତ ହୋଇଅଛନ୍ତି। ମଧୁପୁର, ଓ ପଟିଆର ଜମିଦାରମାନେ ଓ ବାବୁ ଗୋଲକଚନ୍ଦ୍ର ଘୋଷ, ଚୌଧୁରୀ କୃତ୍ତିବାସ ଦାସ, ମୁନ୍ସୀ ମୋହନ ମହମ୍ମଦ ଓ ଆଉ ଦୁଇ ଏକ ଜମିଦାର ବର୍ଜିତ ହେବାର କଥା ଅଛି। ମାନିଅଫିସରମାନେ ସୁଦ୍ଧା ବର୍ଜିତ ହୋଇଥିବାରୁ ସ୍ପଷ୍ଟ ଜଣାଯାଏ ଯେ, ଦେଶୀୟ ଲୋକଙ୍କ ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କର ଅବିଶ୍ୱାସ ଓ ଆଶଙ୍କା ଅଛି ମାତ୍ର ଆମ୍ଭମାନଙ୍କ ପୂର୍ବେ ଲେଖାନୁସାରେ ଏରୂପ ଅବିଶ୍ୱାସ ଓ ଆଶଙ୍କାର ଲେଶମାତ୍ର କାରଣ ନାହିଁ। ପୁଣି ମହାରାଜା ରାଜା ଓ ପ୍ରଧାନ ଜମିଦାରମାନେ ଓ କେତେକ ସରକାରୀ କର୍ମଚାରୀମାନେ ଆଇନରୁ ମୁକ୍ତ ହୋଇଅଛନ୍ତି କେବଳ ସାଧାରଣ ଲୋକଙ୍କ ଉପରେ ଆଇନ ଖଟିଅଛି ଏ ସାମାନ୍ୟ ଲୋକଙ୍କଦ୍ୱାରା ଯେ ଗବର୍ଣ୍ଣମେଣ୍ଟଙ୍କର କି ଅନିଷ୍ଟ ଘଟିପାରେ ଆମ୍ଭେମାନେ କିଛି ବୁଝି ନ ପାରୁଁ। ଏମାନଙ୍କ ମଧ୍ୟରୁ ଅନେକ ଦୁଃସ୍ଥଲୋକ ଅର୍ଥାତ୍ ଚଢେଇମାର ଇତ୍ୟାଦିଙ୍କର ବନ୍ଧୁକଟି ଜୀବିକା ଅଟଇ ସେମାନଙ୍କୁ ଏବେ ସେଥିପାଇଁ ଏକପ୍ରକାର ଟାକ୍ସ ଦେବାକୁ ପଡ଼ିଲା। ଗରବଙ୍କ ଉପରେ ସମସ୍ତଙ୍କର ପ୍ରହାର ଠିକ କଥା। ସୂକ୍ଷ୍ମ ବିବେଚନାରେ ଏ ଆଇନଟି ନିତାନ୍ତ ପକ୍ଷପାତ ଓ କଷ୍ଟଦାୟକ ଅଟଇ। ଏ ଆଇନର ବଳେ ପୁଲିସର ମେଜେଷ୍ଟର ଅତି ଅନ୍ୟାୟ ଆଜ୍ଞା ପ୍ରଚାର କରିଥିଲେ ସେହିପରି ଅନ୍ୟ କର୍ମଚାରୀ ବିଶେଷତଃ ପୁଲିସଙ୍କଦ୍ୱାରା ଏସଂକ୍ରାନ୍ତରେ ଅନେକ ଅନିଷ୍ଟ ଘଟିବାର ସମ୍ଭାବନା।

ଏଦେଶର ଅସ୍ତ୍ର ମଧ୍ୟରେ ଧନୁଶର ଓ ସକଳପ୍ରକାର ବର୍ଛା ଏଆଇନରୁ ଛାଡ ହୋଇଅଛି। କେତେକ ଗଡଜାତଭିନ୍ନ ଏଦେଶରେ ଏ ଅସ୍ତ୍ରମାନଙ୍କର ବ୍ୟବହାର ନାହିଁବୋଲି ଗବର୍ଣ୍ଣମେଣ୍ଟ ସେସବୁକୁ ଛାଡ କଲେକି ?

---

### କଟକ ଖାସମହାଲ ବନ୍ଦୋବସ୍ତ ଓ ସିକମୀ ପ୍ରଜା।

ଖାସମହାଲର ନୂତନ ବନ୍ଦୋବସ୍ତରେ ସିକମୀ ପ୍ରଜାଙ୍କର କଷ୍ଟର ସୀମା ନାହିଁ। ସିକମୀ ପ୍ରଜା ଆମ୍ଭେମାନେ ସେହି ପ୍ରଜାଙ୍କୁ ବୋଲୁଅଛୁଁ କି ଯେଉଁମାନେ ସରକାରରୁ ପଟ୍ଟା ପାଇଥିବା ବ୍ୟକ୍ତିଠାରୁ ଜମି ପଟ୍ଟା ନେଇ ଘରବାଡି କରି ରହି ଅଛନ୍ତି। ଏମାନଙ୍କପରି ହୀନ ଓ କୃପାର ପାତ୍ର ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଅନ୍ୟ କୌଣସି ଶ୍ରେଣୀର ପ୍ରଜା ଥିବାର ଦେଖା ଯାଉ ନାହିଁ ଏବଂ ଏମାନଙ୍କୁ ରକ୍ଷା କରିବା ସକାଶେ ଅଦ୍ୟାପି କୌଣସି ଉପାୟ ହୋଇ ନାହିଁ। ସରକାରୀ ପଟ୍ଟାଦାରମାନେ ଏମାନଙ୍କର ଏକମାତ୍ର ବିଧାତା ଇଚ୍ଛା ହେଲେ ରଖିଲେ ନୋହିଲେ ଦଣ୍ଡକ ମଧ୍ୟରେ ଘର ଦ୍ୱାର ଭଙ୍ଗାଇ ଦେଲେ ଏଥିର କିଛି ପ୍ରତିବିଧାନ ନାହିଁ। ସରକାର ଖାସମହାଲର ନୂତନ ବନ୍ଦୋବସ୍ତରେ ପ୍ରଜାଙ୍କ ଉପରେ ଅଧିକା ଖଜଣା ବସାଇଲେ ଓ ପ୍ରଜାମାନେ ସେହି ବ୍ୟବହାରର ଅନୁକରଣ କରି ସିକମୀ ପ୍ରଜାଙ୍କଠାରୁ ଅଧିକା ଖଜଣା ତଲବ କରୁଅଛନ୍ତି। ଉକ୍ତ ଅଧିକା ଖଜଣା କେବଳ ସରକାରଙ୍କର ଅଧିକା ଜମା ପରିମାଣରେ ତଲବ କରୁ ନାହାନ୍ତି ମାତ୍ର ଯେପରି ସରକାର ଅଧିକ ଲାଭ କରି ଅଛନ୍ତି ସେପରି ସେମାନେ ମଧ୍ୟ ଆପଣା ପୂର୍ବଲାଭ ଉପରେ ଅଧିକ ଲୋଡୁଅଛନ୍ତି। ସୁତରାଂ ସିକମୀ ପ୍ରଜାଙ୍କୁ ଦୁଇଜଣ ମାଲିକଙ୍କୁ ବୋଧ କରିବାକୁ ପଡୁଅଛି। ସରକାର ଯେଉଁ ଜମିର ମାଣ ପଚଶଟଙ୍କା ସ୍ଥିର କରିଅଛନ୍ତି ସ୍ଥଳ ବିଶେଷରେ ସିକମୀ ପ୍ରଜାଠାରୁ ତହିଁର ଦ୍ୱିଗୁଣ ବା ତିନିଗୁଣ ସଦରପ୍ରଜା ଲୋଡୁଅଛି ଓ ତାହା ନ ଦେଲେ ରକ୍ଷା ନାହିଁ କଲେକ୍ଟର ସାହେବଙ୍କଠାରେ ଦୁଃଖ ଜଣାଇଲେ ସେ ସଦର ରଇତ ସଙ୍ଗରେ ରଫା କରିବାକୁ ଅଥବା ଅଦାଲତରେ ନାଲିଶ କରିବାକୁ କହିଦେଉ ଅଛନ୍ତି। ଆଜ୍ଞାଟି ଶୁଣିବାକୁ ବଡ ସହଜ କିନ୍ତୁ ଏହା କେତେଦୂର ସାଂଘାତିକ ତାହା ଯେ କଲେକ୍ଟର ସାହେବ ବୁଝି ପାରୁ ନାହାନ୍ତି ବଡ ଦୁଃଖର ବିଷୟ ଅଟଇ ସଦର ପ୍ରଜା ଅତିରିକ୍ତ ଖଜଣା ଲୋଡିଲା ବୋଲି ସିକମୀ ପ୍ରଜା ହାକିମ ନିକଟରେ ଗୁହାରି କଲେ କିନ୍ତୁ ଯାହା ବିରୁଦ୍ଧରେ ଗୁହାରି କଲେ ହାକିମ ତାହାର ନିକଟକୁ ପଠାଇ ଦେଲେ। ଏଥିରେ କି ପ୍ରତୀକାର ମିଳିବାର ଆଶା ହୋଇ ପାରେ ତାହା ସର୍ବସାଧାରଣ ସହଜରେ ବୁଝି ପାରନ୍ତି। ଆଉ ଅଦାଲତରେ ପ୍ରତୀକାର ପାଇବା କଥା ଆଦୌ ନାହିଁ। କାରଣ ଅଦାଲତରେ ସିକମୀ ପ୍ରଜା କେହି ନୁହଇ। ଦଶଆଇନ ଏହାଙ୍କ ପକ୍ଷରେ ଖଟୁଥିଲେ ଯୋତସ୍ୱତ୍ୱର ଦାବି ଚଳି ପାରନ୍ତା ମାତ୍ର ଖାସମହାଲର ପ୍ରଜା କୃଷି ନୁହନ୍ତି ଘର ବାରି କରି ରହି ଥିବାରୁ ଏହାଙ୍କର ଯୋତ ସ୍ୱତ୍ୱର ଦାବି ନାହିଁ ପଟ୍ଟା କବୁଲିୟତି ଅଧିକାଂଶ ପ୍ରଜା କରି ନାହାନ୍ତି କେତେ ପ୍ରଜାଠାରେ ଯେ ପଟ୍ଟା ଅଛି ତାହା ଆଇନାନୁସାରେ ଷ୍ଟାମ୍ପରେ ଲେଖା ବା ରେଜିଷ୍ଟରୀ ହୋଇ ନାହିଁ ଓ କେତେଲୋକ ପଟ୍ଟା ହଜାଇ ବସି ଅଛନ୍ତି। ଏ ସମସ୍ତ ପ୍ରଜାଙ୍କର ଅଦାଲତରେ କୌଣସି ଅଧିକାର ନାହିଁ। ସୁତରାଂ ଏହାଙ୍କର ନାଲିଶ ଶୁଣା ଯାଉ ନାହିଁ ଓ ପକ୍ଷାନ୍ତରେ ସଦର ପ୍ରଜାର ମନୋନୀତ ମତେ ଖଜଣା ନ ଦେଲେ ସଦର ପ୍ରଜା ଏହାଙ୍କ ନାମରେ ନାଲିଶ କରି ଘରଦ୍ୱାର ଭଙ୍ଗାଇ ବେଦଖଲ କରି ଦେଉ ଅଛି। ନୂତନବନ୍ଦୋବସ୍ତ ଉତ୍ତାରୁ ଏପରି ଦେଓ୍ୱାନୀ ମୋକଦ୍ଦମା ଅନେକ ହେଲାଣି ସଦରପ୍ରଜା ଇଚ୍ଛା କଲେ ସିକମୀପ୍ରଜାଙ୍କୁ ବେଦଖଲ କରୁଅଛି ଓ ଏଥିରେ ଯେ କେତେ ଲୋକ କେତେ କଷ୍ଟଭୋଗ କରୁ ଅଛନ୍ତି ତାହା ବର୍ଣ୍ଣନାତୀତ।

ଲୋକେ ଅନାୟାସରେ ଆଶା କରିପାରନ୍ତି ଯେ ଖାସମହାଲର ଜମିଦାର ସ୍ୱୟଂ ଗବର୍ଣ୍ଣମେଣ୍ଟ ସୁତରାଂ ଏଠା ପ୍ରଜାଙ୍କର ଅବସ୍ଥା ଅନ୍ୟ ପ୍ରଜାଠାରୁ ଭଲ ହେବ। ମାତ୍ର କାର୍ଯ୍ୟତଃ ତହିଁର ସମ୍ପୂର୍ଣ୍ଣ ବିପରୀତ ଘଟିଅଛି। ଖାସମହାଲ ବନ୍ଦୋବସ୍ତ ସମୟରେ ଜିଲାର ହାକିମମାନେ ସିକମୀ ପ୍ରଜାଙ୍କ ପ୍ରତି ଆଦୌ ଦୃଷ୍ଟି କଲେ ନାହିଁ ଓ ଯେବେ ଏକସ୍ଥଳରେ ସ୍ୱୟଂ ଗବର୍ଣ୍ଣମେଣ୍ଟ ସିକମୀ ପ୍ରଜା ଥିବାରୁ ସେମାନଙ୍କ ଦୁଃଖର କଥା ହାକିମଙ୍କ ଜ୍ଞାତସାରରେ ଆସିଲା ତେବେ କମିଶ୍ନର ସାହେବ କେବଳ ସେହି ସ୍ଥଳରେ ଖଜଣା ବୃଦ୍ଧି ସ୍ଥଗିତ କରି ଗବର୍ଣ୍ଣମେଣ୍ଟଙ୍କୁ ସଦର ପ୍ରଜାହାତରୁ ରକ୍ଷା କଲେ କିନ୍ତୁ ଅନ୍ୟ ସିକମୀ ପ୍ରଜାଙ୍କ କଥା କିଛି ବୁଝିଲେ ନାହିଁ। ଏଥକୁ ଆମ୍ଭେମାନେ ପ୍ରଶ୍ନ କରୁଁ ଯେ ସିକମୀ ପ୍ରଜାମାନେ କି କୌଣସି ପ୍ରତୀକାର ପାଇବାର ଯୋଗ୍ୟ ନୁହନ୍ତି। ଯେଉଁ ଜମିର ବଜାର ଦର ଗବର୍ଣ୍ଣମେଣ୍ଟ ଯଥେଷ୍ଟ ଅନୁସନ୍ଧାନ ପୂର୍ବକ ମାଣପ୍ରତି ୫ ।୬ ୭ ଅଥବା ୫ ୨୫ ଟଙ୍କା ସ୍ଥିର କଲେ ସେହି ଜମିର ପ୍ରଜାଠାରୁ ଗବର୍ଣ୍ଣମେଣ୍ଟ ସ୍ୱୟଂ କବୁଲିୟତି ନ ନେଇ ଆଉ ଜଣେ ପ୍ରଜାର ଅଧୀନ କରି ଦେଇ ତାହାଦ୍ୱାରା ତହିଁର ଦ୍ୱିଗୁଣ ତିନିଗୁଣ କର ବସାଇବା କି ଉଚିତ ହେଲା? ସଚରାଚର ବନ୍ଦୋବସ୍ତର ନିୟମ ଏହିଯେ ଦଖଲକାର ପ୍ରଜା ସହିତ ଗବର୍ଣ୍ଣମେଣ୍ଟ ପୂର୍ଣ୍ଣଜମା ବନ୍ଦୋବସ୍ତ କରି ତାହା ଉପରେ କେହି ହକ୍‌ୟୁତଦାର ଥିଲେ ତାହାକୁ ତହସିଲ ଖର୍ଚ୍ଚା ବା ମାଲକାନା ସ୍ୱରୂପ କିଛି ଦିଅନ୍ତି। ଏହିପରି ନିୟମରେ ଓଡିଶାର ସର୍ବତ୍ର ବନ୍ଦୋବସ୍ତ ହୋଇଅଛି କିନ୍ତୁ କଟକ ଖାସ-

Digitized by srujanika@gmail.com

# ଅତିରିକ୍ତ ।

ଉତ୍କଳଦୀପିକା ତା୧୨ରିଖ ମାହେ ଜୁଲାଇ ସନ ୧୮୭୯ ମସିହା ।

## କଟକ ଜିଲ୍ଲାର ଶ୍ରୀଯୁତ ସବ୍‌ଅର୍ଡିନେଟ ଜଜ ସାହେବଙ୍କ ଅଦାଲତରେ ବିଜ୍ଞାପନ ।

ଚୌଧୁରୀ ବୈଦ୍ୟନାଥ ଦାସ ଡିକ୍ରୀଦାର ମୁଦ୍ଦୋଫାର ଓ୍ୱାରିସମାନେ ପୁତ୍ର ଚୌଧୁରୀ କାଶୀନାଥ ଦାସ ଓ ପୌତ୍ର ଚୌଧୁରୀ ବାଳକୃଷ୍ଣ ଦାସ ସ୍ୱୟଂ ଭାଇ ଓ ମାହାଫିଜ ଚୌଧୁରୀ ଦିବ୍ୟସିଂହ ଦାସ ନାବାଲଗ ବାପାମାନଙ୍କର ଦାୟେମୀ ଚୌଧୁରୀ ସହଦେବ ମହାପାତ୍ର ପ୍ରତିବାଦୀ ନାମରେ ସନ ୧୮୭୮ ମସିହାର ନ ୮୪ ମ୍ବର ଡିକ୍ରୀଜାରୀ ମୋକଦ୍ଦମାରେ ବାଦୀମାନଙ୍କର ପାଉଣା ଟ୯୦୯୫୬୲ଙ୍କା ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୮୭୯ ମସିହା ଜୁଲାଇମାସ ତା ୧୫ ତାରିଖ । ମୁ । ଓଡ଼ିଆ ସନ ୧୨୮୬ ସାଲ ଶ୍ରାବଣମାସ ତା ୧ ନ ମଙ୍ଗଳବାର ଦିନ କଟକ ଜିଲ୍ଲାର ଶ୍ରୀଯୁତ ଶ୍ରୀ ଜଜ ସାହେବ ଜଉଙ୍କ ଅଦାଲତରେ ନିଲାମ ହେବ ଅତଏବ ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଖରିଦ ଆକାଙ୍କ୍ଷୀ ବ୍ୟକ୍ତିମାନେ ଉକ୍ତ ତାରିଖେ ଉପସ୍ଥିତ ହୋଇ ନିଲାମରେ ଖରିଦ କରିବେ ।

### ତଫସିଲ ସମ୍ପତ୍ତି ।

| ନାମ ପ୍ରଗନା । | ତଉଜି ନମ୍ବର । | ନାମ ମାହାଲ । | ତଯ୍ଟନ ସଦରଜମା । | ନିଲାମ ହେବାର କିସମତ । | |
|---|---|---|---|---|---|
| ଯାଜପୁର | ନ ୩୨୯୮ ମ୍ବର | । କ । ତା । କାଲୀମେଘା | ଟ ୪୪୯ ୳୵ ୩ | ଟ ୦ ୳୵ ୧।୦ ୴ | |
| ଏଜନ | ନ ୫୮ ମ୍ବର | । ତା । ନନ୍ଦସ୍ପୁର | ଟ ୩୬୯୬ ୵ ୩୴ | ଟ ୦ ୵ | |
| ଏଜନ | ନ ୨୨ ମ୍ବର | ମୌ । ଋଷିପୁର | ଟ ୪୪୯ ୧ ୯୳ | ଟ ୦। | |
| ଏଜନ | ନ ୩୬୫୭ ମ୍ବର | ମୌ । ଜଥରେଶ୍ୱର | ଟ ୬୬ ୳ | ଟ ୧ ୧ | ସମୁଦାୟ |
| ଏଜନ | ନ ୬୨୫ ମ୍ବର | ଖ । ମୌ । ସନ୍ତମାଧବ | ଟ ୪୪ ୳୵ ୪ | ଟ ୦। | |
| ଏଜନ | ନ ୩୬୨୦ ମ୍ବର | । କ । ତା । ସୁନ୍ଦରପୁର | ଟ ୧୬୩ ।୵ ୪ | ଟ ୧ ୧ | ସମୁଦାୟ |
| ଏଜନ | ନ ୩୬୯୦ ମ୍ବର | । କ । ତା । ସୁନ୍ଦରପୁର | ଟ ୬୨୴୵ ୨୳ | ଟ ୧ ୧ | ” |
| ଏଜନ | ନ ୬୪ ମ୍ବର | । କ । ତା । ଭୀମକରପୁର | ଟ ୫୪ ।୵ ୫୳ | ଟ ୦। | |
| ଏଜନ | ନ ୬୦ ମ୍ବର | । କ । ତା । ଭୀମକରପୁର | ଟ ୪୬୫ ୵ ୮ | ଟ ୦ ୧ ୯୳ | |
| ଏଜନ | ନ ୧୬୬ ମ୍ବର | ଖ । ମୌ । ପାଳଦା ଓଗେର | ଟ ୨୪ ।୵ | ଟ ୦। | |
| ଏଜନ | ନ ୧୩୨ ମ୍ବର | । ମୌ । ପାଳଦା ଓଗେର | ଟ ୪୩ ୳ ୧୦୴ | ଟ ୦ ୵ ୩ ୧ ୧ | |
| ଯାଜପୁର ଓଗେର | ନ ୩୦୨ ମ୍ବର | ଖ । ମୌ । ଗାରୁଅଁ ଓଗେର | ଟ ୨୪ ।୵ | ଟ ୦ ୧ ୨ | |
| ଏଜନ | ନ ୩୦୮ ମ୍ବର | ଖ । ମୌ । ପାଳଦା ଓଗେର | ଟ ୨୯ ।୵ ୮ | ଟ ୦ ୵ ୧୧ | |
| ଯାଜପୁର | ନ ୬୨୨ ମ୍ବର | ଖ । ମୌ । ପଇରଖ | ଟ ୧୬୫୴୵ ୧ | ଟ ୦ ୧ ୩୴ | |
| ଯାଜପୁର | ନ ୬୬୬ ମ୍ବର | । ଅ । ଖା । ଦେବୋତ୍ତର । ମୌ । ମସ୍ତକଲ ପୁର | ଟ ୪୴୵ ୬ | ଟ ୦। | |
| ଏଜନ | ନ ୧୩୧ ମ୍ବର | ଅଗ୍ରଜ ଲାଲବାଗ | ଟ ୬୫ ୵ ୨ | ଟ ୦। | |
| ସାହେବନଗର | ନ ୧୮୬୯ ମ୍ବର | । କ । ମୌ । ବୃନ୍ଦାବନପୁର | ଟ ୪୪ ।୵୧୧ | ଟ ୦ ୧୧୦ | |
| ଏଜନ | ନ ୧୮୭୦ ମ୍ବର | । ମୌ । ଜାମୂନଗର ଓଗେର | ଟ ୫୧ ।୵ ୩ | ଟ ୦ ୧୧୮ । ୧ | |
| ଏଜନ | ନ ୧୮୭୭ ମ୍ବର | । ମୌ । ବାସୁଦେଇପୁର ଓଗେର | ଟ ୧୦୧ ୳ | ଟ ୦ ୵ ୪ | |
| ଯାଜପୁର | ନ ୩୦୬୬ ମ୍ବର | । କ । ଖ । ମୌ । ସଇପୁର | ଟ ୧୯ ।୵ ୨ | ଟ ୦। | |
| ମାଟକଡାବାଦ | ନ ୧୮୯୬ ମ୍ବର | । ମୌ । ପାଟଲୀ | ଟ ୬୪୧ । ୫ | ଟ ୦୳ | |
| କରୁଆଁ | ନ ୧୩୧୪ ମ୍ବର | । କ । ତା । କେଶପୁର | ଟ ୧୭୬୦ ।୵ ୬୳ | ଟ ୦। ୪ ୧ ୪ | |
| ସରଗଡା | ନ ୩୬୬୮ ମ୍ବର | । କ । ତା । କୁଗଲେ | ଟ ୯୪୬୴ ୫ | ଟ ୦୳୵୧୯ ୧ ୧୴୵୧୫ | |
| ଏଜନ | ନ ୧୬୯୬ ମ୍ବର | । କ । ମୌ । ବରଣ୍ଡେଲ | ଟ ୨୦ ୳୵ ୨ | ଟ ୦। | |
| ଏଜନ | ନ ୧୨୩୧ ମ୍ବର | । କ । ମୌ । ସ୍ୱଗ୍ରା | ଟ ୧୧୮ ୵ ୨। | ଟ ୦ ୵୧୫ | |
| ଏଜନ | ନ ୩୬୮୪ ମ୍ବର | । କ । ତା । ମଲୁନପୁର | ଟ ୬୬୩ ୧ ୫ | ଟ ୧ ୧ | ସମୁଦାୟ |
| ଟାସାଣିଆ | ନ ୫୦୪ ମ୍ବର | ଖ । ମୌ । ଲେଙ୍କାସାହି | ଟ ୧୦୴୵ | ଟ ୦ ୵ | |
| ଏଜନ | ନ ୫୩୧ ମ୍ବର | ଖ । ମୌ । ସେରପୁର | ଟ ୪୴୵ ୫ | ଟ ୦। | |

W. WRIGHT.
*Sub Judge.*

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୦ଶ } ତା୧୦ରଖ ମାହେ ଜୁଲାଇ ସନ ୧୮୭୫ ମସିହା । ମୁ । ଶ୍ରାବଣ ଦ ୪ ନ ସନ ୧୨୮୨ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦

ସ ୨୯. ସଂଖ୍ୟା } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୦

ମଫସଲପାଇଁ ଡାକମାସୁଲ ଟ୧୪୵


ଅଦ୍ୟ ଗୋଟିଏ ଆଂଶିକ ସୂର୍ଯ୍ୟପରାଗ ହେବ । ଉତ୍କଳପଞ୍ଜିକା ମତେ ଦବା ଦୁଇପ୍ରହର ଉତ୍ତାରୁ ଦ ୨।୫୩ ମିନିଟରେ ନୈର୍ଋତ କୋଣରୁ ସ୍ପର୍ଶ ହୋଇ ଘ ୪।୧୨ ମିନିଟ ସମୟରେ ଦକ୍ଷିଣ ଦଗେ ମୋକ୍ଷ ହେବ । ସୂର୍ଯ୍ୟ ମଣ୍ଡଳରୁ ହ ୵୧୫ ଗଣ୍ଡା ଗ୍ରାସ କରବ । ଇଂରାଜୀ ଗଣନା ମତେ ଘ ୨।୧୮ ମିନିଟ ସମୟରେ ଆରମ୍ଭ ଏବଂ ଘ ୪।୫୦ ମିନିଟଠାରେ ଶେଷ ହେବ ।

---

ଏ ନଗରର ମିଉନିସିପାଲିଟିର କମିଶନରଙ୍କ ମଧ୍ୟରେ କେତେକ ପରିବର୍ତ୍ତନ ହୋଇ ଅଛି । ହାଜେଗା ମହମଦ ଅଭହର, ମୁନସି ଗୋଲାମ-ରସୁଲ ଏବଂ ବାବୁ ହରିବଲ୍ଲଭ ବୋଷ ବାହାର ଯାଇ ତାହାଙ୍କ ସ୍ଥଳରେ ଯେ, ବଣ୍ଟରଷ୍ଟେଲ ସାହେବ, ବାବୁ ଯଦୁମଣି ଘୋଷ ଓ ମୁନ୍‌ସୀ ସୁଲତାନ ମହମ୍ମଦ ନୂତନ କମିଶନର ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି ।

---

ଓଛର ଫତେଖାନଙ୍କ ପୁତ୍ର ସରଦାର ମହମ୍ମଦ ହୋସେନଖାନଙ୍କୁ କାବୁଲର ଅମିର ଜେଲ-ଲାବାଦର ଗବର୍ଣ୍ଣର ନିଯୁକ୍ତ କରଅଛନ୍ତି । ସେ ନିଯୁକ୍ତ ହେଲା ଉତ୍ତାରୁ ପ୍ରଥମରେ ସେଠା କାଜିଙ୍କର ଗୋଟିଏ ହୁକୁମ ରହିତ କରି କାଜିଙ୍କୁ ତିରସ୍କାର କରଅଛନ୍ତି । ସେଠା ନିବାସୀ ହିନ୍ଦୁ-ମାନଙ୍କୁ ଏକ ବିଶେଷ ବର୍ଣ୍ଣର ପାଗ ପିନ୍ଧିବାକୁ କାଜି ଆଜ୍ଞା ଦେଇଥିଲେ । ଅଫଗାନ ସ୍ଥାନ ମଧ୍ୟରେ ହିନ୍ଦୁ ଅଛନ୍ତି ବୋଲି ଜଣା ନ ଥିଲା । ଏଣିକି ବୋଧ ହୁଅଇ ହିନ୍ଦୁମାନେ ଇଂରାଜଙ୍କ ଅଧିକୃତ ରାଜ୍ୟକୁ ଉଠି ଆସିବେ ।

---

ତେଲିଗ୍ରାଫରେ ଗୋଟିଏ ଅଶୁଭ ସମ୍ବାଦ ପାଠ କଲୁଁ । ତାହା ଏହି ଯେ ଆସନ୍ତା ଦୁର୍ଗା ପୂଜା ସମୟରେ ପୂର୍ବ ପ୍ରାୟ ଦ ୧୨ ନ କଚେରୀ ବନ୍ଦ ନ ହୋଇ କେବଳ ଅକ୍ଟୋବର ମାସ ତା ୨୧ ରିଖଠାରୁ ତା ୨୫ ରଖ ପର୍ଯ୍ୟନ୍ତ ବନ୍ଦ ହେବ । ଏପରି ହେଲେ ଗରିବ ଅମଲା ଲୋକ-ମାନଙ୍କର ଦୁଃଖର ସୀମା ରହିବ ନାହିଁ ଓ ଭବି-ଷ୍ୟତକୁ ଏହାଙ୍କ ବଳ ବୃଦ୍ଧି ହେବା କଠିନ ହେବ । ବର୍ଷକ ନାନାପ୍ରକାର ତାଡନା ସହି ଦବା ରାତ୍ର ମାନସିକ ଓ କାୟିକ ପରିଶ୍ରମରେ କଟାଇ ଦନ କାରଟା ଯାହା ଆନନ୍ଦ ଭୋଗ କରୁଥିଲେ ତହିଁରୁ ଯେବେ ବଞ୍ଚିତ ହେବେ ତେବେ ଏମାନଙ୍କର ଆଉ କି ଗତି ହେବ । ସଭେକ ଗବର୍ଣ୍ଣମେଣ୍ଟ ଏତେ ନିର୍ଦ୍ଦୟ ହେବେ !!

---

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ପୁରୀର ମହାରାଣୀ ଆପଣା ଦେଓ୍ୱାନର ପଦରେ ବାବୁ ରାମପ୍ରସାଦ ସିଂହଙ୍କୁ ମନୋନୀତ କରି ତାହାଙ୍କୁ ପାଇବା କାରଣ କମିଶ୍ନର ସାହେ-ବଙ୍କଠାରେ ଆବେଦନ କରଅଛନ୍ତି ଏବଂ ବାବୁଙ୍କ ପ୍ରାର୍ଥନା ମତେ ମାସକୁ ଟ ୩୦୦ ଙ୍କା ଲେଖାଏ ବେତନ ଦେବାକୁ ସ୍ୱୀକୃତ ହୋଇ-ଅଛନ୍ତି । ଆପାତତଃ ରାମପ୍ରସାଦ ବାବୁ ମା ୬ ସ ସକାଶେ ସେଠାକୁ ଯିବେ ଓ କୌଣସି ଅସୁବିଧା ନ ହେଲେ ଏ ଉତ୍ତାରୁ ମଧ୍ୟ ରହି ପାରନ୍ତି । ବାବୁଙ୍କର ନିଯୋଗରେ ସର୍ବସାଧାରଣ ସନ୍ତୁଷ୍ଟ ଥିବାର ଜଣା ଯାଏ କାରଣ ବାବୁଙ୍କଦ୍ୱାରା ରାଜ-ସଂସାର ଏବଂ ମନ୍ଦିରର ସମସ୍ତ କର୍ମ ସୁଶୃ-ଙ୍ଖଳାରେ ଚାଲିବ ବୋଲି ସମସ୍ତଙ୍କର ବିଶ୍ୱାସ ହେଉଅଛି । ମହାରାଣୀ ଏହାଙ୍କୁ ମନୋନୀତ କରିବାରେ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

---

ପୁରୀର ରଥଯାତ୍ରା ଗତ ଶନିବାର ଶେଷ ହେଲା । ସେହି ଦନ ଅପରାହ୍ନ କାଳରେ ଠାକୁ-ରମାନେ ରଥରୁ ଓହ୍ଲାଇ ପହଣ୍ଡି ବିଜେଦ୍ୱାରା ସନ୍ଧ୍ୟା ସମୟରେ ରତ୍ନସିଂହାସନରେ ବିଜେ ହୋଇ ବସିଲେ ଏବଂ ତହିଁ ଆରଦନ ଅର୍ଥାତ୍ ଗତ ରବିବାରଠାରୁ ଯଥାମତ ଅନ୍ନ ଭୋଗ ହେଲା । ଏଥର ଯାତ୍ରାରେ ଯାତ୍ରିମାନେ ଅପେକ୍ଷାକୃତ ଅନେକ ସୁଖରେ ଠାକୁର ଦେଖି ଫେରି ଯାଇଅଛନ୍ତି । ଓଲାଉଠା ପ୍ରବଳ କିମ୍ବା ଜ୍ୱର ମାରାତ୍ମକ ହୋଇ ନ ଥିଲା ଏବଂ ନଦୀ ବଢିର କଷ୍ଟ ମଧ୍ୟ କିଛିର ଭୋଗିବାକୁ ହୋଇ ନ ଥିଲା । ବର୍ତ୍ତମାନ କୌଣସି ରୋଗ ପ୍ରବଳ ନାହିଁ ଓଲାଉଠା ଓ ଜ୍ୱର ଉଭୟ ଜଣା ପଡ-ଅଛି । ରଥ ମାଡ ଯାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁ ଦୁଇଜଣ ବଞ୍ଚିଥିଲେ ତହିଁରୁ ତୃତୀୟ ବ୍ୟକ୍ତି ପ୍ରାଣ ତ୍ୟାଗ କରଅଛି ଓ ଚତୁର୍ଥ ବ୍ୟକ୍ତି

Split by PDF Splitter

Digitized by srujanika@gmail.com

ଆରୋଗ୍ୟ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି ।

---

କଲିକତାର ଗାଡ଼ିବାଲାମାନେ ଲାଇସେନ୍ସ ଟାକ୍ସ ଉଣା କରାଇବାର ଆଶ୍ଚ ଉପାୟଟିଏ କଲେ । ସେମାନଙ୍କ ଉପରେ ପ୍ରତି ଜଣକେ ପାଞ୍ଚଟଙ୍କା ଲେଖାଏ ଟାକ୍ସ ଧାର୍ଯ୍ୟ ହୋଇଥିଲା । ସେମାନେ ଯେ କେବଳ ଏହା ନ ଦେଲେ ଏମନ୍ତ ନୁହେ ଯେଉଁ ପିଆଦାମାନେ ଉସୁଲ କରିବା ନିମିତ୍ତ କୋରକୀ ପରୱାନା ଘେନି ଯାଇଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ମାରପିଟ କଲେ ଓ ଗାଡ଼ି ସବୁ ଲୁଚାଇ ଦେଲେ । ଚାରିଦିନ ପର୍ଯ୍ୟନ୍ତ ଗୋଟିଏ ଗାଡ଼ି ମିଳିଲା ନାହିଁ । ଦ୍ରବ୍ୟାଦି ଏକସ୍ଥାନରୁ ଅନ୍ୟ ସ୍ଥାନକୁ ନେବାର ସ୍ଥଗିତ ହେଲା ଜହାଜମାନ ବୋଝାଇ ହୋଇ ପାରିଲା ନାହିଁ ଓ ସହରରେ ବାଣିଜ୍ୟର ଯେତେ କାରବାର ସବୁଏ ସଂସ୍ଥଗିତ ହେଲା । ଏଥିରେ ଯେ କେତେ ଲୋକର କେତେ କ୍ଷତି ହୋଇଥିବ ବୋଲି ଯାଇ ନ ପାରେ । ଏପରି ଅବସ୍ଥା ଦେଖି ସାଉଟର ସାହେବ ବିବେଚନା ପୂର୍ବକ ପ୍ରତି ଜଣର ଟାକ୍ସ ଚାରିଟଙ୍କା କାଟି କେଇ ଟଙ୍କାଏ ଲେଖାଏ ରଖିଲେ । ଏଥିରେ ଗାଡ଼ିବାଲାମାନେ ସମ୍ମତ ହୋଇ ଗାଡ଼ି ସବୁ ବାହାର କଲେ । ଯାହା ହେଉ ଗାଡ଼ିବାଲାମାନେ ବଳ କଳରେ ଫଳ ପ୍ରାପ୍ତ ହେଲେ ନୋହିଲେ କି କଲିକତା !

---

ଗୋପାଳଜିଉ ମଠର ବରଖାସ୍ତ ମହନ୍ତଙ୍କର ହାଇକୋର୍ଟରେ ଯେ କିଛି ଆଶା ଭରସା ଥିଲା ତାହା ସମସ୍ତ ନଷ୍ଟ ହେଲା । ହାଇକୋର୍ଟ ତାହାଙ୍କର ଅପିଲ ଡିସମିସ୍ କରି ଜଣେ ମହନ୍ତ ନିଯୁକ୍ତ କରିବା କାରଣ ଜଜସାହେବଙ୍କୁ ଆଜ୍ଞା ଦେଇ ଅଛନ୍ତି । ଜଜସାହେବଙ୍କ ରାୟ ବାହାଲ ହେଲା ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ । ଏତେଦିନେ ଏ ନଗରବାସୀ କେତେକଜଣ ହିନ୍ଦୁଙ୍କର ଗୋଟିଏ ଉତ୍କୃଷ୍ଟ ସଦାବର୍ତ୍ତ ମଠକୁ ଜଣେ ଦୁଷ୍ଟଚରିତ୍ର ମହନ୍ତର ସ୍ୱେଚ୍ଛାଚାରିତା ଓ ଅପବ୍ୟୟରୁ ରକ୍ଷା କରିବାର ଚେଷ୍ଟା ସଫଳ ହେଲା ଏବଂ ସନ ୧୮୬୩ ସାଲର ୨୦ ଆଇନ ଜାରିତ ହେଲା ସାଧାରଣ ସୁଖର ବିଷୟ ଅଟଇ ଏ ମୋକଦ୍ଦମା ପଟ୍ରେ ସତ୍ୟବାଦୀ ମଠର ସୁପରିଣ୍ଟେଣ୍ଡେଣ୍ଟ ସେହି ଆଇନ ମତେ ଅଦାଲତଙ୍କ ଆଜ୍ଞାକ୍ରମେ ମଠ ଓ ତହିଁ ସମ୍ପର୍କୀୟ ସମ୍ପତ୍ତିର ଅଧିକାରରୁ ବହିଷ୍କୃତ ହୋଇ ଅଛନ୍ତି ଆମ୍ଭେମାନେ ଆଶା କରୁଁ ଯେ ଏହି ଦୃଢ଼ ଦୃଷ୍ଟାନ୍ତ ଦେଖି ସଦାବର୍ତ୍ତ ମଠର ମହନ୍ତ ଅଧିକାରିମାନେ ସତର୍କ ହେବେ ଓ ସଦାବର୍ତ୍ତ ସମ୍ପତ୍ତିକି ଆପଣାର ନିଜଧନ ମନେ କରି ସ୍ୱେଚ୍ଛାଚାରୀ ନ ହୋଇ ଯଥାର୍ଥ ମାରଫତଦାର ସ୍ୱରୂପ ଦାତାଙ୍କର ଉଦ୍ଦେଶ୍ୟମାନ ପ୍ରତିପାଳନ କରିବେ ନୋହିଲେ ତାହାଙ୍କ ଉପରେ ବିପଦ ଘଟିବାର ଆଉ କିଛି ବାଧା ନାହିଁ ।

---

ସର୍ଭେ ଅମିନମାନେ ମୋଫସଲରେ କୌଣସି ଗ୍ରାମରେ ପ୍ରବେଶ ହେଲେ ଆଗେ ଆପଣାର ସମ୍ମାନ ଲୋଡ଼ନ୍ତି ଓ ଗ୍ରାମବାସିଏ ଏଥିରେ ତ୍ରୁଟି କଲେ ହରବରରେ ପଡ଼ନ୍ତି । ଆମ୍ଭେମାନେ ଶୁଣିଲୁଁ କେତେକଦିନ ତଳେ କେନ୍ଦ୍ରାପଡ଼ା ସବଡିଭିଜନ ଇଲାକାରେ ଏକ ଗ୍ରାମର ଲୋକେ ମଉସଉଦ୍ଦିନ ନାମକ ସର୍ଭେ ଅମିନକୁ ପ୍ରହାରଦ୍ୱାରା ଯଥୋଚିତ ସମ୍ମାନ କଲେ । ଅନ୍ୟ ଅମିନମାନେ ଏରୂପ ସମ୍ମାନ ଗ୍ରହଣ କରିବାକୁ ବାସନା କଲେ ନାହିଁ କିନ୍ତୁ ବିନା ସମ୍ମାନରେ ସରକାରୀ କର୍ମ କରିବେ କିପରି ଏହେତୁ ସେମାନେ ଉପ୍ୟୁର ଛଳନା କରି ସେମାନଙ୍କର କର୍ତ୍ତା ଲିଟିଲ ଉଡ୍ ସାହେବ ନିକଟକୁ ଆବେଦନ କଲେ । ସାହେବ ଅମିନମାନଙ୍କୁ ଅଭୟ ପ୍ରଦାନ ନିମିତ୍ତ ଜଣେ କନଷ୍ଟବଲ ସେ ଗ୍ରାମରେ ମୁତୟିନ ରଖିବା କାରଣ କେନ୍ଦ୍ରାପଡ଼ାର ଜଏଣ୍ଟ ମେଜିଷ୍ଟ୍ରେଟଙ୍କୁ ପ୍ରାର୍ଥନା କରିବାରୁ ସେ ଜଣେ କନଷ୍ଟବଲ ସେ ଗ୍ରାମକୁ ପଠାଇଲେ ମାତ୍ର ପୁଲିସ ସାହେବ ଏଥିରେ ଆପତ୍ତି କରିବାରୁ କନଷ୍ଟବଲ ଉଠିଗଲା । ଜଏଣ୍ଟମେଜିଷ୍ଟ୍ରେଟଙ୍କର ଏ କାର୍ଯ୍ୟଟି ଆମ୍ଭମାନଙ୍କ ମନକୁ ଆସିଲା ନାହିଁ । ମୋଫସଲ ଲୋକେ ସଚରାଚର ସରକାରୀ କର୍ମଚାରିମାନଙ୍କୁ ଭୟ କରନ୍ତି ଓ ସେମାନଙ୍କପ୍ରତି ଅତିଶୟ ଅତ୍ୟାଚାର ନ ହେଲେ ସେମାନେ ସରକାରୀ କର୍ମଚାରିଙ୍କ ପ୍ରତି ଏତାଦୃଶ ବ୍ୟବହାରରେ ପ୍ରବର୍ତ୍ତ ହେବାର ଅସମ୍ଭବ ; ଆମ୍ଭମାନଙ୍କୁ ବୋଧ ହେଉ ଅଛି ଯେ ଅମିନମାନେ ଯେପରି ଅତ୍ୟାଚାର କରନ୍ତି ସେପରି କିଛି କରିଥିବାରୁ ଗ୍ରାମବାସିଏ ତାହା ସହି ନ ପାରି ତାକୁ ପ୍ରହାର କରିଥିବେ ଅତଏବ ଏ ବିଷୟକୁ ଉତ୍ତମରୂପେ ତଦନ୍ତ କରି ଦୋଷୀ ପକ୍ଷକୁ ଉଚିତ ଦଣ୍ଡ ଦେବାର ଉଚିତ ଥିଲା । ଏଥିର ଫଳ ଉତ୍ତମ ହୋଇ ଥାନ୍ତା କନଷ୍ଟବଲ ପଠାଇବାର ଫଳ ଏହି ଅନୁମାନ ହେଉଅଛି ଗ୍ରାମବାସିଏ ସଶଙ୍କିତ ହୋଇଥିବେ ଓ ଅମିନମାନେ ଉତ୍ସାହିତ ହୋଇ ମନୋମତ ସମ୍ମାନ ଲୋଡ଼ୁଥିବେ । ଯାହାହେଉ ପୁଲିସ ସାହେବଙ୍କ ଆପତ୍ତିମତେ ଯେ ମେଜିଷ୍ଟ୍ରେଟସାହେବ କନଷ୍ଟବଲ ଉଠାଇ ଦେଇ ଅଛନ୍ତି ଅତି ଉତ୍ତମ ହୋଇଅଛି ।

---

ଧର୍ମଶାଳା ଓ ଶାଖାଚିକିତ୍ସାଳୟ ।

ଆମ୍ଭମାନଙ୍କର କଲେକ୍ଟର ସାହେବଙ୍କର ଆହ୍ୱାନମତେ ଗତ ମଙ୍ଗଳବାର ଦିନ ଏଠା ଶାଖାଚିକିତ୍ସାଳୟ ଓ ଧର୍ମଶାଳା ଚିକିତ୍ସାଳୟର ହିସାବ ବୁଝିବା ନିମନ୍ତେ କଲେକ୍ଟରୀରେ ଗୋଟିଏ କମିଟୀ ହୋଇଥିଲା । ଶାଖା ଚିକିତ୍ସାଳୟର କମିଟୀ ଆଦୌ ନାହିଁ ଧର୍ମଶାଳା ଚିକିତ୍ସାଳୟ କମିଟୀଟିଏ ଅଛି କିନ୍ତୁ ତହିଁର ଅଧିବେଶନ କେବେ ଦେଖା ନ ଥିଲା । ପ୍ରଥମୋକ୍ତ ଚିକିତ୍ସାଳୟ ଏ ନଗରରେ ଥାଇଁ ମିଉନିସିପାଲିଟିର ଦାନ ଓ ଗବର୍ଣ୍ଣମେଣ୍ଟର ସାହାଯ୍ୟରେ ଓ ଶେଷୋକ୍ତ ଚିକିତ୍ସାଳୟଟି ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁରଙ୍କଦ୍ୱାରା ସ୍ଥାପିତ ହୋଇ ତାଙ୍କର ଦାନରେ ଚଳୁଅଛି । ଏ କମିଟୀରେ କଲେକ୍ଟର ସାହେବଙ୍କ ଭିନ୍ନ ଡାକ୍ତର ଷ୍ଟିୱାର୍ଟ ସାହେବ, ବୈଦ୍ୟନାଥ ବାବୁ ଓ ତାଙ୍କର ନାଏବ ବାବୁ ମାଧୋପ୍ରସାଦ ପଣ୍ଡିତ ଉପସ୍ଥିତ ଥିଲେ । ଚିକିତ୍ସାଳୟ ସ୍ଥାପନ ସମୟରୁ ଗତ ଜୁନ ମାସ ପର୍ଯ୍ୟନ୍ତ ହିସାବ ବୁଝାଗଲା ଓ ପ୍ରତି ଜାନୁଏରୀ ଓ ଜୁଲାଇ ମାସରେ କମିଟୀଙ୍କର ଅଧିବେଶନ ହେବାର ପ୍ରସ୍ତାବ ହେଲା । ଏତଦ୍ଭିନ୍ନ ଆଉ କିଛି ବିଶେଷ କାର୍ଯ୍ୟ ସଭାରେ ହୋଇ ନାହିଁ ।

ଶାଖାଚିକିତ୍ସାଳୟ ସକାଶେ ମିଉନିସିପାଲିଟି ବାର୍ଷିକ ଟ ୪୮୦ ଙ୍କା ଓ ଗବର୍ଣ୍ଣମେଣ୍ଟ ଟ୧୮୦ ଦିଅନ୍ତି । ଏରୂପ ଟ୬୬୦ ଙ୍କା ତହିଁର ନିରୂପିତ ଆୟ ଅଟଇ ଏହା ଛଡ଼ା ଆଉ କିଛି ଦାନ କେବେ ମିଳଇ । ଗତବର୍ଷ ତହିଁର ବ୍ୟୟ ଟ ୬୬୩ ୟ ହୋଇଥିଲା ଓ ପ୍ରତିବର୍ଷର ନିରୂପିତ ବ୍ୟୟ ପ୍ରାୟ ତେତିକି ଅଟଇ । ଏହାଦ୍ୱାରା ଯେ ବିଶେଷ ଉପକାର ହେଉଅଛି ବୋଲିବା ବାହୁଲ୍ୟ ଅଟେ । ଧର୍ମଶାଳା ଚିକିତ୍ସାଳୟ ସକାଶେ ବାବୁ ବୈଦ୍ୟନାଥ ପଣ୍ଡିତ ରାଏବାହାଦୁର ପ୍ରତିବର୍ଷ ଟ [illegible],୦୦୦ ଙ୍କା ଦିଅନ୍ତି ଓ ତହିଁର ବାର୍ଷିକ ବ୍ୟୟ ଆଠ ନଅଶ ଅଟେ ।

ଏ ଚିକିତ୍ସାଳୟ ଦ୍ୱାରା ମଧ୍ୟ ଅନେକ ଉପକାର ହେଉଅଛି ଓ ଏହାକୁ ଚିରସ୍ଥାୟୀ କରି-

Split by PDF Splitter

Digitized by srujanika@gmail.com

ବାର ଅତି ଆବଶ୍ୟକ । ଏ ପରୋପକାର କାର୍ଯ୍ୟ ସକାଶେ ବୈଦ୍ୟନାଥ ବାବୁଙ୍କୁ ଆମ୍ଭେମାନେ ପ୍ରଶଂସା କରୁଅଛୁଁ ଓ ଅନୁରୋଧ କରୁଅଛୁଁ ଯେ ସେ ତାହା ଚିରସ୍ଥାୟୀ କରିଦେଉନ୍ତୁ । ଏହା କରିବାକୁ ସେ ସମ୍ପୂର୍ଣ୍ଣରୂପେ ସକ୍ଷମ ଅଟନ୍ତି ଓ କରିଦେଲେ ତାଙ୍କର ନାମ ଓ କୀର୍ତ୍ତି ଯୁଗଯୁଗକୁ ରହିବ । ସେ ସଭାରେ ବ୍ୟକ୍ତ କଲେ ଯେ ସେ ବାର୍ଷିକ ଦାନରେ ବୃଦ୍ଧି କରିବେ ନାହିଁ କିନ୍ତୁ ଏଥିରେ ତାଙ୍କର ବିଶେଷ କ୍ଷତି ଲକ୍ଷିତ ହେଉଅଛି । ପ୍ରତିବର୍ଷ ଏକସହସ୍ର ଟଙ୍କା ଦେଲେ ୨୦ ବର୍ଷରେ ୨୦ ସହସ୍ର ଟଙ୍କା ଦେବେ ମାତ୍ର ଏହା ସମୁଦାୟ ବ୍ୟୟ ହୋଇଯିବ ତେଣିକି ଆଉରି ଦେବାକୁ ପଡିବ ଆଉ କୋଡିଏ ବର୍ଷରେ ଚାଳିଶସହସ୍ର ବ୍ୟୟ ହୋଇଯିବ । ଯଦ୍ୟପି ସେ ବର୍ତ୍ତମାନ ଦୁଇ ତିନି କିସ୍ତିରେ କୋଡିଏହଜାର ଟଙ୍କାର ଗଭର୍ଣ୍ଣମେଣ୍ଟ କାଗଜ କିଣି ଦାନ କରନ୍ତି ତେବେ ତାହାଁର ସୁଧରୁ ଚିକିତ୍ସାଳୟର କାର୍ଯ୍ୟ ଚିରକାଳକୁ ଚଳିବ ଆଉ କିଛି ଦେବାକୁ ପଡିବ ନାହିଁ ଏବଂ କୀର୍ତ୍ତି ଚିରସ୍ଥାୟୀ ହେବ । ଏକକାଳୀନ ଦାନ ନ କରିବାର ଆଉଗୋଟିଏ ଦୋଷ ଏହି ଯେ ବାବୁଙ୍କ ଅନ୍ତେ ତାଙ୍କ ଉତ୍ତରାଧିକାରୀମାନେ ଯଦ୍ୟପି ତାଙ୍କ ତୁଲ୍ୟ ପ୍ରତିବର୍ଷ ଦାନ ନ କରନ୍ତି ତେବେ ତାଙ୍କର ଏରୂପ ପରୋପକାର କୀର୍ତ୍ତି ଲୋପ ହୋଇଯିବ । ଅତଏବ ତାହାଁର ଚିରସ୍ଥାୟୀତ୍ୱର ଉପାୟ କରିବାର ଉଚିତ ଓ ଆବଶ୍ୟକ । ଆମ୍ଭେମାନେ ଭରସା କରୁଁ ରାୟ ବାହାଦୁର ଏକଥାକୁ ଧ୍ୟାନ କରିବେ ।

---

ଅବଧାନଦୀପିକା ନାମରେ ଖଣ୍ଡିଏ ପୁସ୍ତକ ଆମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । କୁମାର ବୈକୁଣ୍ଠନାଥ ଦେ ଏହାର ପ୍ରଣେତା ଅଟନ୍ତି ଏବଂ ତାହାଙ୍କ ଯନ୍ତ୍ରାଳୟରେ ଏହା ମୁଦ୍ରିତ ହୋଇଅଛି । ଓଡିଶା ପାଠଶାଳମାନଙ୍କର ବ୍ୟବହାର ଉଦ୍ଦେଶରେ ଏହା ବାହାରିବାର ଜଣାଯାଏ ମାତ୍ର ତହିଁକି ଯେ ଏହା ବିଶେଷ ଉପଯୋଗୀ ହେବ ଆମ୍ଭମାନଙ୍କର ବିବେଚନା ହେଉ ନାହିଁ । ପୁରୁଣାରୀତିରେ ଅଙ୍କ ଶିଖାଇବାରେ ଅଧିକ ସମୟ ନଷ୍ଟ ହୁଅଇ ଓ ବିସ୍ତର ଅନର୍ଥକ ଶ୍ରମ କରିବାକୁ ପଡେ । ଅଥଚ ଆଶାନୁରୂପ ବ୍ୟୁତ୍ପତ୍ତି ହୁଅଇ ନାହିଁ । ଚାଟଶାଳୀରେ ଅଙ୍କପଢା ଶେଷ କରି ବାହାରିବା ପିଲାଙ୍କୁ ଯେଉଁମାନେ ଦେଖିଅଛନ୍ତି ସେମାନେ ଅବଶ୍ୟ ତାହା ଅନୁଭବ କରିଥିବେ । ବର୍ତ୍ତମାନ ଯେଉଁ ଇଂଗ୍ରାଜୀ ପ୍ରଣାଳୀରେ ବିଦ୍ୟାଳୟମାନଙ୍କରେ ଅଙ୍କଶିକ୍ଷା ଦିଆଯାଉଅଛି ତାହା ଯେ ପୂର୍ବ ରୀତିଠାରୁ ଅନେକ ପରିମାଣରେ ସହଜ ଏବଂ ଅଳ୍ପକାଳରେ ଆୟତ୍ତ ହୁଅଇ ଏକଥା ବୋଧ ହୁଅଇ କେହି ଅସ୍ୱୀକାର କରିବେ ନାହିଁ । ତେବେ ପୂର୍ବରୀତି କିପ୍ରକାର ଥିଲା ଅଥବା ଗ୍ରାମ୍ୟ ଅବଧାନମାନେ କିପ୍ରକାରରେ ଶିକ୍ଷା ଦେଉଅଛନ୍ତି ତାହା ଯେଉଁମାନେ ନ ଜାଣନ୍ତି ଏ ପୁସ୍ତକ ସେମାନଙ୍କ କୌତୁକ ଚରିତାର୍ଥ କରିବ । ଫଳତଃ ପୂର୍ବନିୟମ ଶୁଭଙ୍କ ଏକଠରେ ଲେଖା ହୋଇ ରହିଲା ମନ୍ଦ ନୁହଇ କିନ୍ତୁ ପ୍ରଣେତା ପୁସ୍ତକଟିକୁ ଅଧିକ ସଂକ୍ଷେପ କରିବାକୁ ଯାଇ ଅନେକ ସ୍ଥଳରେ ଏଥି ଲକ୍ଷିତ ବିଷୟମାନ ଭଲ କରି ବୁଝାଇ ପାରି ନାହାନ୍ତି । ଯାହା ହେଉ ଏଥିଲକ୍ଷିତ ରୀତିରେ ଶିକ୍ଷା ଦେବା କାରଣ ଆମ୍ଭେମାନେ ଅନୁରୋଧ କରି ନ ପାରୁଁ ।

---

# ସାପ୍ତାହିକସଂବାଦ ।

ଏଠା ଜେଲଖାନାରୁ ଓଲାଉଠା ଅବଧି ଅନ୍ତର୍ହିତ ହେବାର ଜଣା ଯାଉ ନାହିଁ କାରଣ ଗୋଟିଏ ୨ ମଡ଼ା ବାହାରିବାର ଅବଧି ଦେଖାଯାଉଅଛି । ନଗରର କୌଣସି ୨ ସ୍ଥାନରେ ଏହାର ଅସ୍ତିତ୍ୱ ଦେଖାଯାଏ କିନ୍ତୁ ସାଧାରଣ ଉପଦ୍ରବ ବିଷୟ ହୋଇ ନାହିଁ ।

ନୂତନ ବାରିଷ୍ଟର ଗତ ଗୁରୁବାର ଏକ ଫଉଜଦାରି ମୋକଦ୍ଦମାରେ ପ୍ରଥମ ବକ୍ତୃତା କରିଥିଲେ । ବକ୍ତୃତା ଶୁଣିବାକୁ ଅନେକ ଲୋକ ଯାଇଥିଲେ ଶ୍ରୋତାମାନେ ବାରିଷ୍ଟରଙ୍କ ପ୍ରତି ସନ୍ତୁଷ୍ଟ ହୋଇଥିବାର ଜଣାଯାଏ ।

ଏ ସପ୍ତାହରେ ବୃଷ୍ଟି ଓ ଜଳବୃଦ୍ଧି ପୂର୍ବ ସପ୍ତାହ ଅପେକ୍ଷା ଊଣା । ଜଳବୃଦ୍ଧି ଅଧିକ ହୋଇ ନାହିଁ ଏବଂ ବୃଷ୍ଟି ପ୍ରତିଦିନ ହେଉଥିଲେହେଁ ତହିଁର ପରିମାଣ ଏତେ ଊଣା ଯେ କି ବିଲ କି ପୋଖରୀ କୌଣସିଠାରେ ଟୋପାଏ ପାଣି ବୃଦ୍ଧି ହୋଇ ନାହିଁ । ଶ୍ରାବଣମାସରେ ଏପରି ଅବସ୍ଥା ଶଙ୍କାର କାରଣ ଅଟଇ ଓ ଲୋକେ କହୁଅଛନ୍ତି କି ବିଆଳିଫସଲ ଭଲ ହେବ ନାହିଁ ।

ଏଠାର ସବ୍ ଡେପୁଟୀ କଲେକ୍ଟର ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ ତୃତୀୟ ଶ୍ରେଣୀର ମେଜେଷ୍ଟ୍ରୀ କ୍ଷମତା ପାଇଅଛନ୍ତି ।

ବିଖ୍ୟାତ ଜାଲସୃଣ ସୁରୁଖି ଦଉସରେ ଜାଲ ମକଦ୍ଦମାରୁ ମୁକ୍ତ ପାଇଗଲା । ଉତ୍ତମ ପ୍ରମାଣ ନ ଥିବାରୁ ସରକାର ଓକିଲ ମକଦ୍ଦମା ଚଳାଇବାକୁ ଚାହିଁଲେ ନାହିଁ ଏ ମକଦ୍ଦମାରେ ସୁପର୍ଦ୍ଦକର୍ତ୍ତା ଡେପୁଟୀ ମେଜେଷ୍ଟର ବାବୁ ପ୍ରାଣକୃଷ୍ଣରାୟଙ୍କର ବିବେଚନାର ତ୍ରୁଟୀ ଦେଖାଯାଏ ଅମ୍ଭେମାନେ ଶୁଣିଲୁଁ ଏ ହେତୁ ତାଙ୍କୁ କଏଫିୟତ ତଲବ ହୋଇଅଛି ।

ଜଗତ୍‌ସିଂହପୁର ଥାନା ଇଲକାରେ ଏକ ଗ୍ରାମରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଜମି ସମ୍ପର୍କରେ କଳହ ହେବାରୁ ଏକଜଣ ଅନ୍ୟକୁ ଦାଆରେ ଏପରି ଘାତ କଲାଯେ ସେ ତହିଁଅରଦିନ ମରିଗଲା । ମକଦ୍ଦମାର ତଦନ୍ତ ହେଉଅଛି ।

କଦମ୍ବ ଲର ତହସିଲଦାର ଛନମାସର ବିଦାୟ ନେବାରୁ ତାଙ୍କ କର୍ମରେ ଏଠା ଫଉଜଦାରି ମହାଫିଜ ବାବୁ ହରମୋହନ ଦତ୍ତ ଏକ୍‌ଟୀଙ୍ଗ ନିଯୁକ୍ତ ହୋଇଅଛନ୍ତି । ଦତ୍ତ ମହାଶୟ ପୂର୍ବେ ଥରେ ଏକର୍ମରେ ଛନମାସ ପାଇଁ ଏକ୍‌ଟୀଙ୍ଗ ହୋଇଥିଲେ ।

ଅନଗୁଳର ତହସିଲଦାର ପନ୍ଦରମାସର ଛୁଟୀ ଗ୍ରହିଥିବା ଓ ତାଙ୍କ କର୍ମ ସକାଶେ ମନୋନୀତ ବ୍ୟକ୍ତିମାନେ ସେଠାକୁ ଯିବାକାରଣ ଉନ୍ନାହୂକ ଥିବା ପ୍ରସଙ୍ଗ ପୂର୍ବେ ଲେଖିଥିଲୁଁ । ବର୍ତ୍ତମାନ ଶୁଣିଲୁ ସେମାନଙ୍କ ମଧ୍ୟରୁ କେହି ନ ବାହାରିବାରୁ ଶ୍ରୀଯୁତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଠା ଫୌଜଦାରି ହେଡ ମୋହରର ହାରଧନ ଘୋଷଙ୍କୁ ଏକ୍‌ଟୀଙ୍ଗ ସ୍ୱରୂପ ନିଯୁକ୍ତ କରିବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟକୁ ପଠାଇ ଅଛନ୍ତି ବୋଧ ହୁଏ ଏହା ଗୃହୀତ ହେବ ।

ଏ ସପ୍ତାହରେ ମେଘାଚ୍ଛନ୍ନ ଦିନେ ବନ୍ଦ ନାହିଁ ମାତ୍ର ତାଦୃଶ ବୃଷ୍ଟି ହେବାକୁ ନାହିଁ । ନଦୀମାନ ମଧ୍ୟ ଶୁଖିଯାଇ ଅଛି । ଯଥେଷ୍ଟ ବର୍ଷା ଅଭାବରେ ଅନେକ ସ୍ଥାନରେ ବେଉଷଣ ହୋଇ ପାରୁ ନାହିଁ । କେବଳ ନାଳଜଳ ପ୍ରାପ୍ତ ଭୂମିର କୃଷି ଉତ୍ତମ ହୋଇଅଛି । ଇନ୍ଦ୍ରଦେବତା ଏଣିକି ଏତେ ନିଦାରୁଣ କାହିଁକି ?

ଏ ବର୍ଷ ଏପର୍ଯ୍ୟନ୍ତ ଆମ୍ବ ଅଛି । ଏଠାରେ ଜଣେ ଦୋକାନୀ ଅଳ୍ପ ଆମ୍ବ ରଖି ଗୋଟି ଦୁଇ ତିନି ଅଣା ଲେଖାଏ ବିକୁଅଛି । କିନ୍ତୁ ତହା ସ୍ୱାଦୁ ନୁହେ ଯାହାହେଉ ଅପୂର୍ବ ।

ବୋର୍ଡ ବିଧାନ କରିଅଛନ୍ତି ଯେ ନିମକ ଓ ଅବକାରି ଆଇନ ଉଲ୍ଲଙ୍ଘନ ଅପରାଧ ଧରିବାରେ ପୁଲିସର ଇନସ୍ପେକ୍ଟର ମାନେ ମୁଦ୍ରା ପୁରସ୍କାର ପାଇବେ ।

ବରୋଦାର ଯୁବା ଗାଇକୁଆଁରଙ୍କର ସମ୍ବନ୍ଧ ତାଞ୍ଜୋରର ଜଣେ ରାଜକନ୍ୟା ସଙ୍ଗରେ ସ୍ଥିର ହୋଇଅଛି । ଆଗାମୀ ଜାନୁଏରି ମାସ ତା ୭ ରିଖରେ ବିବାହ ହେବ । ଭାରତବର୍ଷର ବଡ ୨ ମହାରାଜାମାନଙ୍କୁ ଆମନ୍ତ୍ରଣ ହେବ ଏବଂ ବିବାହ ରାତ୍ରରେ ସମସ୍ତ ନଗରଯାକ ବହୁଂତ ଆଲୋକରେ ସେଷକାର ହେବ । ରାଜ ସମାରୋହରେ ଏ ବିବାହ ଉତ୍ସବ ନିର୍ବାହ ହେବାର କଳ୍ପନା ଅଛି । ମୁକ୍ତିମଣ୍ଡପର ପଣ୍ଡିତମାନଙ୍କ ମଧ୍ୟରୁ କେହି ବରଣ ହେବେ କି ?

ଜନାଘାଟ ମ୍ୟୁନିସିପାଲିଟିର ହେଡକ୍ଲାର୍କ ଭୁବନମୋହନ ଭଟ୍ଟାଚାର୍ଯ୍ୟ ତହବିଲ ତୋସରଫ ଅପରାଧରେ ଅଭିଯୁକ୍ତ ହେବାରୁ ଦୋଷ ସ୍ୱୀକାର କରି ଏକବର୍ଷ କାରାବାସ ଦଣ୍ଡ ପାଇଅଛନ୍ତି । ଏ ଜଣେ ଉଦ୍ରଗ୍ରେର ।

ଅମ୍ଭେମାନେ ଅନନ୍ଦ ସହିତ ହିନ୍ଦୁପେଟ୍ରିଅଟରେ ପାଠ କଲୁଁ କି କଲିକତାରେ ଯେଉଁ ଗୃହସ୍ଥର ସ୍ତ୍ରୀକି ପୁଲିସ ବଳପୂର୍ବକ ବେଶ୍ୟା ବୋଲି ରେଜଷ୍ଟରି କରିଥିବାର ସମ୍ବାଦ ଅମ୍ଭେମାନେ ଏଥିପୂର୍ବ ଲେଖିଥିଲୁଁ ଇଂଲିସମ୍ୟାନରେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହା ପାଠ କରି କଲିକତା ପୁଲିସକମିଶନରଙ୍କ ନିକଟକୁ ତାରଯୋଗେ ସମ୍ବାଦ ପଠାଇଥିଲେ । ଡେପୁଟୀ କମିଶନର ତଦାରଖ କରି ପୁଲିସକର୍ମଚାରୀକୁ ଉପଯୁକ୍ତ ଦଣ୍ଡ ଦେଇଅଛନ୍ତି ଅର୍ଥାତ ପୁଲିସ ଇନ୍‌ସ୍ପେକ୍ଟରଙ୍କ ପଦ ଏକଶ୍ରେଣୀ ତଳକୁ ଖସିଅଛି ଓ ସେ ଅନ୍ୟ ଇଲକାକୁ ବଦଳି ହୋଇଅଛି । ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଏହି ପରି କାର୍ଯ୍ୟମାନ ପ୍ରଶଂସନୀୟ ଅଟଇ ।

ବାଙ୍କୁଡ଼ାର ଜଣେ ସଇକଲ ଅଫିସର ଅନ୍ନଦାପ୍ରସାଦ ଗୁହଁଧୀ ଦଣ୍ଡବିଧିର ଦ ୧୭୧ ଧା ଓ ଅନ୍ୟାନ୍ୟ ଦଫାରେ ଦୋଷୀସମ୍ପୂର୍ଣ୍ଣ ହୋଇ ତିନିବର୍ଷ କାରାବାସ ଦଣ୍ଡ ପାଇଅଛି । ଏ ବ୍ୟକ୍ତି ଆଉ କେବେ ସରକାରୀ କର୍ମ ପାଇବ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ଗେଜେଟରେ ବିଜ୍ଞାପନ ଦିଆ ଯାଇଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



କେତେଜଣ ସରକଲ୍ଲ ଅଫିସର ସବ୍‌ସୁଦ୍ଧା ଦଣ୍ଡ ପାଇଲେ ତହିଁର ତାଲିକା ଗବର୍ଣ୍ଣମେଣ୍ଟ ବାହାର କରନ୍ତୁ ଯେ ଇନ୍‌ସ୍ପେକ୍ଟରର ମହତ୍ତ୍ୱ ତହିଁରୁ ଜଣା ଯିବ । କେତେ ସରକଲ ଅଫିସର ହାକମଙ୍କ ଆଖିରେ ଧୂଳି ଦେଇଅଛନ୍ତି ତାହାଙ୍କ କଥା କଏ ଲେଖିବ ।

ଏଲାହାବାଦରେ କେତେ ଜଣ ମୂଲିଆ ଜଣେ ମହାଜନର ବାଉ ଖୋଲି ଟ ୧୮୪୯ ଙ୍କା ପାଇଲେ ମାତ୍ର ପୁଲିସ ହାତରେ ତାହା ପଡ଼ିବାରୁ ସେମାନେ ବଡ଼ ବିରକ୍ତ ହେଲେ କପାଳରେ ଥିଲେତ ମିଳନ୍ତା !

ଜଣେ ପତ୍ରପ୍ରେରକ ମଣ୍ଡାଲେରୁ ଲେଖିଅଛନ୍ତି କି ବ୍ରହ୍ମଦେଶରେ ଉପବାସର କାଳ ପଡ଼ିଥିବାରୁ ରାଜା ଆଉ ମଧ୍ୟ ଉପବାସ କରୁଅଛନ୍ତି ଓ ସରକାରୀ କର୍ମମାନ ବନ୍ଦ ଅଛି । କିନ୍ତୁ ରାଜା ଉପବାସ କଲେ କି ହେବ ପାନ କରିବା ଛାଡ଼ି ନାହାନ୍ତି ବରଂ ବଢ଼ାଇଅଛନ୍ତି । କଥିତ ହୁଅଇ ଯେ ସେ ହ୍ଲାଣ୍ଡ୍ରିକ ନାମକ ମଦ ଅଧିକ ପାନ କରନ୍ତି ଏମନ୍ତ କି ଜଳ ନ ମିଶାଇ ଏକାଥରକେ ପୂର୍ଣ୍ଣ ଏକଗ୍ଲାସ ପାନ କରନ୍ତି । ଏପରି ନ ହେଲେ କି ରାଜପ୍ରାସାଦକୁ କସେଇଘର କରନ୍ତେ ! ଏ ଦୁରବସ୍ଥାର ଶାନ୍ତି କେବେ ହେବ !!

ଇଂଲଣ୍ଡ ଓ ଭାରତବର୍ଷ ମଧ୍ୟରେ ସରକାରୀ ଚିଠି ପତ୍ର ଯିବା ଆସିବାରେ ଗତବର୍ଷ ଟ ୮୬୩୯୦ ଙ୍କା ଡାକମାସୁଲ ଲାଗିଥିଲା ।

ଗବର୍ଣ୍ଣମେଣ୍ଟ ବ୍ୟୟ ଲାଘବ କରିବା ଉଦ୍ଦେଶରେ ସ୍ଥିର କରିଅଛନ୍ତି କି ହାତୀମାନଙ୍କୁ ଗୁଡ଼ଲ ଅଟା ଇତ୍ୟାଦି ଯେତେ ପ୍ରକାର ଦାନା ଦିଆ ଯାଉଥିଲା ଏଣିକି ତାହା ଦିଆ ନ ଯାଇ ବନରେ ଥାଇ ସେମାନେ ଯେମନ୍ତ ଗଛ ପତ୍ର ଖାଉଥିଲେ କେବଳ ସେହି ଖାଦ୍ୟ ଦିଆ ଯିବ । ପରୀକ୍ଷାରେ ଦେଖା ଯାଇଅଛି କି ଦାନା ଅପେକ୍ଷା ଗଛପତ୍ରରେ ହାତୀମାନେ ପୁଷ୍ଟ ହୁଅନ୍ତି । ହାତୀ ପାଳିବାର ଏଣିକି ବଡ଼ ଖର୍ଚ୍ଚାର ବିଷୟ ହେବ ନାହିଁ ।

କଥିତ ହୁଅଇ ଯେ ବମ୍ବେଇର ଡକାଇତଙ୍କ ସରଦାର ବାସୁଦେବ ଫାର୍ଡକେ ଗୋସାଇଁ ବେଶ ଧରି ବନାରସ ବାଟେ ନେପାଳକୁ ପଳାଇଅଛି । ବୋଧ ହୁଅଇ ସେ ଆଉ ଡକାଇତି କରିବାର ସୁଯୋଗ ନ ଦେଖି ଏଥର ଫକୀର ହୋଇ ବନବାସ କରିବେ ତାହା ହେଲେ ଉଚିତ ଦଣ୍ଡରୁ କୌଣସିରୂପେ ଅନ୍ତର ଥାଇ ପାରନ୍ତି ।

ବମ୍ବେଇରେ ମୂଷାମାନେ ଅନେକ ଫସଲ ନଷ୍ଟ ହେବାରୁ ତହିଁର ତଦାରଖ ନିମିତ୍ତ ପୁନାରେ ଗୋଟିଏ କମିସନ ବସିଅଛି । କହୁତଲେକରେ ମୂଷା ମରଇ ନାହିଁ ପରା ।

ଫେମିନ କମିଶନ କାର୍ଯ୍ୟ ଶେଷରେ ମହାମାନ୍ୟ ଇଲିଅଟ ସାହେବ ମାନ୍ଦ୍ରାଜ କିମ୍ବା ବମ୍ବଇକୁ ଯିବାର ଯେ ଜନରବ ଶୁଣା ଯାଇଥିଲା ତାହା ମିଥ୍ୟା ଥିବାର ହିନ୍ଦୁ ପେଟ୍ରିଅଟ ଲେଖିଅଛନ୍ତି ।

୧ । ସୁଲଭ ସମାଚାରରୁ ଅବଗତ ହେଲୁଁ ଗତ ସୋମବାର ରାତ୍ରି ୨ଟା ସମୟରେ କାଶିପୁର ପାଟ ଗୋଦାମରେ ଅଗ୍ନି ଲାଗିଥିଲା । ସବୁ ପୋଡ଼ି ଭସ୍ମ ହୋଇଅଛି । ଦନ୍ତର ଟଙ୍କା କ୍ଷତି ହୋଇ ଅଛି ।

୨ । ଜୁଲୁ ଯୁଦ୍ଧରେ ମାସକୁ ୫୦୦୦୦୦୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଅଛି । ନର୍ଥବ୍ରୋକ ସାହେବ ସାଧାରଣ ସଭାରେ ଏଥିର ହିସାବ ଦାଖଲ କରି ଅଛନ୍ତି । କେତେ ଟଙ୍କା ଯେ ଖର୍ଚ୍ଚ ହେବ ତାହା କଏ କହିପାରେ । ଏତ ସାମାନ୍ୟ ହିସାବ ।

୩ । ଇଜିପ୍ତର ଖେଦିଭକୁ ସିଂହାସନ ଚ୍ୟୁତ କରା ଯାଇଅଛି । ଇଂଲଣ୍ଡ ଓ ଫ୍ରାନ୍ସ ତାହାର ରାଜସ୍ୱ ଓ ଅର୍ଥ ସମ୍ବନ୍ଧୀୟ ଭାର ଆପଣା ହସ୍ତରେ ନେଇ ଅଛନ୍ତି ।

## ପ୍ରେରିତପତ୍ର ।

ମାନନୀୟ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ବାଲେଶ୍ୱର ଯେ ଶିକ୍ଷାବିଷୟରେ ଅପେକ୍ଷାକୃତ ସମୁନ୍ନତ ହୋଇଅଛି ତାହା ଯଥାର୍ଥ ଅଟଇ । କେତେକ ଧନୀବ୍ୟକ୍ତି ବିଦ୍ୟୋତ୍ସାହିତା ଦେଖାଇ ସ୍କୁଲର ଶିକ୍ଷକମାନଙ୍କୁ ପୁରସ୍କାର ବିତରଣ କରିବାରୁ ପ୍ରଶଂସିତ ହୋଇଅଛନ୍ତି କଟକରେ କି ପୁରୀରେ କିଛି ହେଉ ନାହିଁ ଏମାନଙ୍କରେ କି ଧନବନ୍ତ ନାହାନ୍ତି ନା ସରସ୍ୱତୀଦେବୀଙ୍କର କୃପାଭାଜନ ହୋଇପାରି ନାହାନ୍ତି ବଡ଼ ଲଜ୍ଜାଜନକ । ଯାହାହେଉ ପୁରୀର ଜଣେ ବଙ୍ଗୀୟ ବ୍ୟକ୍ତିଙ୍କ ବିଦ୍ୟୋତ୍ସାହିତା ଦର୍ଶନରେ ପୁରୀ ଲଜ୍ଜାରୁ ଅବ୍ୟାହତି କିୟତ୍‌ପରିମାଣରେ ପାଇଲା ଶ୍ରୀଯୁକ୍ତ ବାବୁ କ୍ଷେତ୍ରମୋହନ ବୋଷ ମହାଶୟ ଅଙ୍ଗୀକାର କରିଅଛନ୍ତି ଯେ ସମ୍ପ୍ରତି ସ୍କୁଲରେ ପଢ଼ିବା ନିମନ୍ତେ ଦୁଇଜଣ ଦରିଦ୍ର ସନ୍ତାନଙ୍କୁ ମାସିକ ଟ ୨ ଙ୍କା ହିସାବେ ଟ ୪ ଙ୍କା ବୃତ୍ତି ଦେବେ ଉକ୍ତ ସ୍କୁଲ ସମ୍ପ୍ରତି ଛାତ୍ରସଂଖ୍ୟା ବିଷୟରେ ମନ୍ଦ ହୋଇଥିବାରୁ ବାବୁ ଏହା ବିଧାନ କରି ଉକ୍ତ କମେଟୀଙ୍କ କାର୍ଯ୍ୟର ପୋଷକତା କରିଅଛନ୍ତି ।

ଏସ୍କୁଲ ସ୍ଥାପନ ସମ୍ବନ୍ଧରେ ମୃତପଣ୍ଡିତ ହରିହରଦାସ କାରଣ, ଏହା ସର୍ବବାଦିତ କିନ୍ତୁ ବାବୁ ମହାଶୟ ଯେ ପରମକାରଣ ଏହା ପ୍ରାୟ ସମସ୍ତେ ଜାଣନ୍ତି ନାହିଁ ଏସ୍କୁଲକାର୍ଯ୍ୟ ଆଦ୍ୟରେ ବାବୁ ମହାଶୟଙ୍କ ହସ୍ତରେ ନ୍ୟସ୍ତ ଥିଲା ସେ ରାଜା ଦିଗ୍‌ବିଜୟ ସିଂହ ଓ ପଣ୍ଡିତ ହରିହର ଦାସ ଦୁଇଜଣଙ୍କୁ ତତ୍କାଳୀନ ମେଜିଷ୍ଟ୍ରେଟ ସାହେବ ମହୋଦୟଙ୍କ ନିକଟକୁ ଆଣି ଉକ୍ତ ସ୍କୁଲ ସ୍ଥାପନ ସମ୍ବନ୍ଧରେ ଯେତେଦୂର ଯତ୍ନ କରିବାର କହିତ ତାହା ମଧ୍ୟ କରିଥିଲେ ସମ୍ପ୍ରତି ଛାତ୍ରବୃତ୍ତି ଦେଇ ଆମ୍ଭମାନଙ୍କର ଅଶେଷ କୃତଜ୍ଞତାର ଭାଜନ ହୋଇଅଛନ୍ତି ।

ପୁନଶ୍ଚ ବାବୁ ମହାଶୟ ଅଙ୍ଗୀକାର କରିଅଛନ୍ତି କଲିକତାର ସଂସ୍କୃତ କଲେଜରେ ଯେଉଁ ପରୀକ୍ଷାର ସୃଷ୍ଟି ହୋଇଅଛି ପୁରୀର ଯେଉଁ ଛାତ୍ର ଉକ୍ତ ପରୀକ୍ଷା ନିମନ୍ତେ ନିୟମିତରୂପେ ଅଧ୍ୟୟନ କରିବ ତାହାକୁ ଟ ୪ ଙ୍କା ବୃତ୍ତି ପ୍ରଦାନ କରିବା ନିମନ୍ତେ କୋମ୍ପାନୀକାଗଜ କ୍ରୟ କରି ବୃତ୍ତିଟି ଚିରସ୍ଥାୟୀ କରିବେ ।

୭ । ୭ । ୭୯ } ଶ୍ରୀ ଗୋପୀନାଥ ମିଶ୍ର ଶର୍ମ୍ମା
ପୁରୁଷୋତ୍ତମ ନିବାସୀ ।

## ବିଜ୍ଞାପନ

ଗବର୍ଣ୍ଣମେଣ୍ଟ ସିନ୍‌କୋନା ଜ୍ୱରଘ୍ନ

କୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ । କଲିକତାର ପ୍ରଧାନ ୨ ଦେଶୀୟ ଓ ବିଲାତୀ ଔଷଧବିକ୍ରେତାଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନସକୁ ଟ ୨ ଙ୍କା ୮ ଅଃ ରୁ ଟ ୧୧ ଙ୍କା ୧୬ ଅଃ ରୁ ଟ ୨୦।୩ ଫରମାସ ସଙ୍ଗେ ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

ଓଡ଼ିଶା ସ୍କୁଲମାନଙ୍କରେ ବ୍ୟବହାର ନିମିତ୍ତ ଉତ୍କଳଭାଷାରେ ନିମ୍ନଲିଖିତ ପୁସ୍ତକ ରଚନା କଲେ ତଳଲିଖିତ ପୁରସ୍କାର ଦିଆଯିବ ।

ନର୍ମ୍ମାଲସ୍କୁଲ ଓ ଉଚ୍ଚଶ୍ରେଣୀସ୍ଥ ସ୍କୁଲମାନଙ୍କରେ ବ୍ୟବହାରୋପଯୋଗୀ ଗଦ୍ୟମୟ ଏକଖଣ୍ଡ ସାହିତ୍ୟ ପାଠ ନିମନ୍ତେ — ଟ ୩୦୦ ଙ୍କା

ଇଦାନୀଂ ବୈଜ୍ଞାନିକ ମତମାନ ଅତି ସଂକ୍ଷେପରେ ଓ ସ୍ପଷ୍ଟରୂପେ ସଂଗୃହୀତ ଏକଖଣ୍ଡ କୃଷିବିଷୟକ ପାଠଶାଳାର ପାଠୋପଯୋଗୀ ପୁସ୍ତକ ନିମିତ୍ତ — ଟ ୧୦୦ ଙ୍କା

ଉପରୋକ୍ତ ପାଣ୍ଡୁଲିପ୍ୟ ଗ୍ରନ୍ଥମାନ ଜଏଣ୍ଟ ଇଃ ଦ୍ୱାରା କମିଶ୍ନର ସାହେବଙ୍କ ମନୋନୀତ ହେବା କାରଣ ପଠାଇବାକୁ ହେବ ଏବଂ ଯାହାଙ୍କର ପୁସ୍ତକ ସର୍ବୋତ୍କୃଷ୍ଟ ହେବ ତଳଲିଖିତ ନିୟମାନୁସାରେ କେବଳ ତାହାଙ୍କୁ ପୁରସ୍କାର ଦିଆଯିବ ।

(୧) ସନ ୧୮୭୯ ମସିହା ଡିସେମ୍ବରମାସ ତା ୩୧ ରିଖ କିମ୍ବା ତହିଁ ପୂର୍ବରେ ଉକ୍ତ ପୁସ୍ତକମାନଙ୍କର ପାଣ୍ଡୁଲିପ୍ୟ ପଠାଇବାକୁ ହେବ ।

(୨) ଯାହାଙ୍କର ପୁସ୍ତକ ମନୋନୀତ ହେବ ସେ ସନ୧୮୮୦ ମସିହା ଫିବ୍ରୁଏରୀମାସ ତା ୨୯ ରିଖ ପୂର୍ବରେ ଛପାଇବେ ।

(୩) ମୁଦ୍ରିତ ପୁସ୍ତକ ନ୍ୟାଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ସ୍ୱୀକାର କରିବେ ଯାହା କି କମିଶ୍ନରସାହେବଙ୍କର ମନୋନୀତ ହେବ ।

A. Smith.
*Off. Commissioner.*
Orissa.

ଆଗାମି ଉତ୍କଳ ଛାତ୍ରବୃତ୍ତି ପରୀକ୍ଷାରେ ଯେଉଁ ଶିକ୍ଷକମାନଙ୍କ ଛାତ୍ର ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ହେବେ ଓ ନିମ୍ନ ବୃତ୍ତି ପରୀକ୍ଷାରେ ଯେଉଁ ବାଳକ ସର୍ବପ୍ରଥମ ହେବ ସେମାନଙ୍କୁ ବାଲେଶ୍ୱର ନିବାସୀ କୁମାର ବୈକୁଣ୍ଠନାଥ ଦେ ମହୋଦୟ ନିମ୍ନ ଲିଖିତ ପାରିତୋଷିକ ପ୍ରଦାନ କରିବା ନିମନ୍ତେ ପ୍ରସ୍ତୁତ ହୋଇ ଅଛନ୍ତି ।

| | |
|---|---|
| ରାଜା ଶ୍ୟାମାନନ୍ଦ ଦେଙ୍କ ପାରିତୋଷିକ | ଟ ୧୬ ଙ୍କା |
| ରାଣୀ ଶ୍ରୀମତୀ ଦାସୀଙ୍କ | ଟ ୧୪ ଙ୍କା |
| ଭୂଦେବ ମୁଖୋପାଧ୍ୟାୟଙ୍କ | ଟ ୧୨ ଙ୍କା |
| କୁମାର ବୈକୁଣ୍ଠନାଥ ଦେଙ୍କ | ଟ ୧୦ ଙ୍କା |
| ଭୁବନେଶ୍ୱରୀ ଦାସୀ | ଟ ୧୨ ଙ୍କା |
| | ଟ ୬୪ ଙ୍କା |

Radhanath Rai
Joint Inspector
Orissa.

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Digitized by srujanika@gmail.com

Split by PDF Splitter



SUPPLIMENT TO THE UTKAL DIPICA 19th July 1879.

## CORRESPONDENCE.

### ON STUDY OF POLITICS BY OUR INDIAN STUDENTS.

THE EDITOR OF THE UTKAL DIPICA
CUTTACK.

R,

A hot controversy has been going for some time past between the *lian Mirror* and the *Bengalee* anent study of Politics by our young idents. The *Bengalee* is of opinion at, it is of the utmost importance to r students to be initiated into the ysteries of politics from their early ge, so that they may on attaining anhand be able to carry on discusons on political subjects in which the terests of this country is greatly involved. The *Mirror* maintains an pinion diametrically opposite to what as been entertained by his contemorary, and thinks it is not safe at all entrust its study to the hands of he pupils of such a tender age.

Before entering into any discussion s to the relative merits of these arguments, it is necessary I think to deine what politics is. "Politics," Dr. Webster explains, "is that part of ethics which has to do with the regulation and Government of a nation or state, the preservation of its safety, peace and prosperity, the defence of its existence and rights against foreign control or conquest, the augmentation of its strength and resources, and the protection of its citizens or their rights, with the preservation and improvement of their morals." I accept here Dr. Webster's definition, and it is most concise and illustrative; and as he is one of the best authorities with whom we do generally consult. If the scope of Politics be what is given in the context, I think the more we discountenance its study, especially amongst our students, the better. For the time that will be devoted to it will be so much the time lost. It is a subject the study of which should engross the attention of a free nation. Is India, I may ask, a free country, and the Indians a free people? As questions of the kind have since of late been much sifted in many quarters, I think it may interest our English students in Orissa to have some idea of it. But the subject is so vast and comprehensive that one may write volumes upon it. I must however crave indulgence for the meagreness of the explanations into which I have now to enter, for my object is to make it as short as possible, so that you, Mr. Editor, may be able to afford space for it in your paper.

Let us now see which of the conditions ennunciated by Dr. Webster in his definition of Politics can practically be fulfilled if our native students were to pursue its study in the manner suggested by the Bengalee. In the first place Dr. Webster says, "Politics has to do with the regulation and Government of a nation or state." We should leave this matter altogether out of our consideration as it does not concern us, and appear too much above the nature and capacity of a subject nation to think upon. With regard to the "preservation of the safety, peace and prosperity," of our own selves, or of our state, we are helpless in the extreme and must have always to depend entirely upon British Government for the enjoyment of the same. The same may be said with regard to the "defence and existence of our rights against foreign control or conquest," as well as "the augmentation of its strength and resources."

Nine hudred years' continued subjection under foreign yoke has damped all our energies and manly spirits and has told much upon our physique and constitution with the loss of our former independence, our national strength is gone, our courage is gone. We have been turned into a nation fit for no other occupation (the performance of which requires great muscular strength and agility) than that of quill-driving. It is almost certain that the Bengalees will never make a good soldier, or a good sailor. For they are too weak to bear any sort of fatigue. Looking moreover to their physical organization it will be manifest that they are doomed to live more under subjection than to flutter for a day even in the air of political freedom. But thanks to their stars, that they have been placed under the beneficent rule of the British Government, and are enjoying in common with their rulers, many of the rights and privileges of a free and civilized nation. The education which they are receiving has evinced a marked change in their social and intellectual condition. They have nothing to fear from a foreign enemy, for in all cases of foreign aggressions, they are sure to be protected by British Valor and British force. They are in fact well off in almost every thing which concerns their every day life. Under these circumstances one may fail to understand of what earthly good will the study of politics be to them? It will

Digitized by srujanika@gmail.com

on the other hand create a longing for some of those rights to which they can lay no claim, or even should they do so, they are sure never to get them. When a desire is once created and left unsatisfied, it will lead them to discontent, and make them unhappy all their life. They should therefore give up all such idea for "where ignorance is bliss it is folly to be wise." Why do they not therefore pay attention instead to many other important matters in which they are sadly deficient, and the improvement of which would really contribute to their own weal? Their mode of agriculture, for instance, is bad, why do they not try to improve it? Their manufacture is in a state of stagnation why do they not exert to revive it? We have abundant mines of precious metals and many other useful mineral substances, why do they not form joint stock companies to work these out for their own advantage? We have nice hilly tracts suitable for Tea and Cinchona plantations; why do they not grow tea and cinchona for themselves? They have means as well as opportunities enough to carry on merchandize in the plentiful produce of their own country, but how many of them can you show have laid out capital in enterprizes like these. In all matters therefore, it has been observed, which constitute to raise a nation to eminence and greatness, they show an extreme abhorrence and depend entirely upon foreign industry and enterprize, which they show great avidity in doing things which directly are of no material advantage, to them. The *Mirror* is quite right in saying, with referenc to the late proceedings of the Dacca Student's Association that "it is very bad that young men in their teens should leave their studies and take to the discussion of subjects about which they know as little as probably does the man in the moon know about our mundane affairs."

There is already a complaint that many of our young graduates have been puffed up with an over-weening opinion of their own sufficiency and with a sublime sense of their own importance as distinct units in the body politic. If disobedience to parents and elders and insubordination to official superiors constitute a crime, it is nowhere I think to be found so much as in our present "half-formed" and "ill-informed" graduates. If to this they add the knowledge of politics they may possibly turn out fire brands not only to the annoyance of their neighbours but to our rulers also. Owing to these reasons I am entirely at one with the *Mirror* in deprecating the study of politics by our students. I have no objection to their doing so when they have grown sufficiently old in years and judgment. I fear my young friends will come down upon me for such an expression of opinion. But if they think over the matter calmly and dispassionately, I doubt not, they will take me as their true friend for this well-meant advice.

Yours sincerely

QUIDNUNC.

Split by PDF Splitter

REGISTERED NO. 1

137

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଂ ୧୪ ଶ
ସଂ ୩୦ ଖ୍ୟା

ତା ୨୭ ଇଙ୍ଗ ମାହେ ଜୁଲାଇ ସନ ୧୮୭୫ ମସିହା । ମୂ । ଶ୍ରାବଣ ଦି ୧୬ ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୫॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬॥୦
ମଫସଲପାଇଁ ଡାକମାସୁଲ ଟ ୧।୵

ଏ ସପ୍ତାହରେ ବର୍ଷା ବା ମେଘାଚ୍ଛନ୍ନ ଆଦୌ ନାହିଁ । ଆକାଶ ଅତି ନିର୍ମଳ ହୋଇ ପ୍ରଚଣ୍ଡ ରୌଦ୍ର ହେଉଅଛି । ମାତ୍ର ଏହା କ୍ଷେତ ପକ୍ଷରେ ହାନିକର ନୁହେ କେତେକ ଦିନରୁ ରୌଦ୍ର ଦେଖା ନ ଥିବାରୁ ପତ୍ରଚୂର୍ଣ୍ଣା ଫସଲ ମନ୍ଦାବସ୍ଥାରେ ଥାଇ ରୌଦ୍ର ଲୋଡୁଥିଲା ତାହା ପକ୍ଷରେ ଏହା ବିଶେଷ ଉପକାରୀ ଅଟଇ । ନାଳଜଳ ଯୋଗେ ଯେଉଁ ଫସଲ ସବୁ ପ୍ରଫୁଲ୍ଲ ଅବସ୍ଥାରେ ଅଛି ତହିଁ ପକ୍ଷରେ ମଧ୍ୟ ଏହା ଭଲ ଅଟଇ । କିନ୍ତୁ ଏପରି ରୌଦ୍ର ଦୀର୍ଘସ୍ଥାୟୀ ହେଲେ କ୍ଷେତ ପ୍ରତି ନିଶ୍ଚୟ କ୍ଷତିକର ହେବ ମାତ୍ର ଶୀଘ୍ରହିଁ ସତ୍ୱର ବର୍ଷା ହେବାର ଭରସା ଦିଶୁଅଛି ଏଥିରେ ଯାହା ହେଉ । ଏହା ଲେଖିବାଉତ୍ତାରେ ଅଳ୍ପ ବୃଷ୍ଟି ଓ ନଦୀ କିଞ୍ଚିତ୍ ବୃଦ୍ଧି ହୋଇଅଛି ।

---

ଗତ ଶନିବାର ସୂର୍ଯ୍ୟୋପରାଗ ହୋଇଥିଲା ମାତ୍ର ସମୟରେ ଅନେକ ଅନ୍ତର ପଡିଲା । ଉତ୍କଳ ପଞ୍ଜିକାନୁସାରେ ଦିବା ଦୁଇ ପ୍ରହର ଘ ୨।୫୩।୧୭ ସମୟରେ ଗ୍ରାସ ଓ ଘ ୫।୧୧।୩୭ ସମୟେ ମୋକ୍ଷ ହେବାର ଥିଲା ମାତ୍ର ପ୍ରକୃତରେ ଘ ୩।୪୦ ବେଳେ ଗ୍ରାସ ଓ ଘ ୫।୧୦ ସମୟେ ମୋକ୍ଷ ହେଲା । ଅର୍ଦ୍ଧ ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଅନ୍ତର ହେବାରୁ ଗଣନାକୁ ଠିକ ବୋଲିଯାଇ ନ ପାରେ । ଇଂରେଜି ଗଣନା ମଧ୍ୟ ଠିକ ନ ଆସିଲା ସେଥିରେ ଅଧିକ ଅନ୍ତର ପଡିଲା ଏହା ଆଶ୍ଚର୍ଯ୍ୟ ସ୍ଥଳ ଅଟଇ । ଉତ୍କଳଦର୍ପଣ ବୋଲନ୍ତି ବାଲେଶ୍ୱରରେ ସେ ଦିନ ମେଘାଚ୍ଛନ୍ନ ନ ଥିଲେହେଁ ଗ୍ରହଣ ଆଦୌ ଦୃଶ୍ୟ ନ ହେଲା । କୌଣସି ଗ୍ରହଣ ପୃଥିବୀର ସକଳ ସ୍ଥାନରେ ଦୃଶ୍ୟ ହୁଏ ନାହିଁ ସତ୍ୟ, ମାତ୍ର କଟକରୁ ବାଲେଶ୍ୱର ଅଳ୍ପ ଅନ୍ତର ଥିଲେହେଁ କଟକରେ ଗ୍ରହଣ ଦିଶିଲା ଓ ବାଲେଶ୍ୱରରେ ତାହା ନ ଘଟିଲା ବଡ଼ ଆଶ୍ଚର୍ଯ୍ୟର ବିଷୟ । ଜ୍ୟୋତିଷମାନେ ଏଥିର କିଛି କାରଣ ନିର୍ଦ୍ଦିଷ୍ଟ କରି ପାରିବେ କି ?

---

ପୁରୀର ଗତ ରଥଯାତ୍ରା ସମ୍ବନ୍ଧରେ ହିନ୍ଦୁପେଟ୍ରିଅଟ ବୋଲନ୍ତି ମୁସଲମାନ କନଷ୍ଟବଲମାନେ ଓ ପୁଲିସର ଅସିଷ୍ଟାଣ୍ଟ ସାହେବମାନେ ରଥକୁ ଛୁଇଁବାରେ ହିନ୍ଦୁମାନଙ୍କର ମନୋବେଦନା ଜାତ ହୋଇଅଛି ଓ ପ୍ରଧାନ କର୍ମଚାରୀ ଏହା କିପରି କରାଇଦେଲେ ଆଶ୍ଚର୍ଯ୍ୟର ବିଷୟ । ହିନ୍ଦୁ ଯାତ୍ରାର ଭାର କାହିଁକି ଦୁଇଜଣ ନବଯୁବକ ଇଙ୍ଗରେଜଙ୍କ ହସ୍ତେ ଦିଆଗଲା ବୁଝା ଯାଉ ନାହିଁ । ଆର୍ମଷ୍ଟ୍ରଂସାହେବ ନୂତନ ନୁହନ୍ତି ସେ ତାଙ୍କ ଚାକିରିର ଅର୍ଦ୍ଧସମୟ ପୁରୀରେ ଅତିବାହିତ କରିଅଛନ୍ତି । ଗତବର୍ଷ ସେ ଉତ୍ତମ ବନ୍ଦୋବସ୍ତ କରିଥିଲେ ଏବର୍ଷ କାହିଁକି ଏତେ ଅମନୋଯୋଗୀ ହେଲେ । ବର୍ଦ୍ଧମାନର କମିଶନର ସ୍ବବନସାସାହେବ ସ୍ୱୟଂ ମହେଶ ରଥଯାତ୍ରାରେ ଉପସ୍ଥିତ ଥିଲେ ପୁରୀର ମେଜଷ୍ଟ୍ରର ଘରେ କିଷ୍ଟିନ୍ ବସିଲେ । ଦୁଇ ତିନିବର୍ଷ ପୂର୍ବେ ଏହି ମେଜଷ୍ଟ୍ରରଙ୍କ ସମୟରେ ସିଂହଦ୍ୱାରରେ କେତେଜଣ ଯାତ୍ରୀ ମଡାଦଳାରେ ମରି ଯାଇଥିଲେ ଏବର୍ଷ ରଥତଳେ ତିନିଜଣଙ୍କର ପ୍ରାଣ ଗଲା । ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ଯାତ୍ରାହେତୁ ପୁରୀ ପ୍ରଧାନ ଅତଏବ ଯାତ୍ରାସମୟରେ ମେଜଷ୍ଟରଙ୍କର ବିଶେଷରୂପେ ସାବଧାନ ହେବାର ଉଚିତ । ଯେଉଁ ମେଜଷ୍ଟର ଆପଣାର ଦାୟିତ୍ୱ ଜାଣି ଏପରି ଘଟଣାରେ କର୍ତ୍ତବ୍ୟକର୍ମରେ ତ୍ରୁଟି କରନ୍ତି ସେ କର୍ମର ଉପଯୁକ୍ତ ନୁହନ୍ତି । ଆମ୍ଭେମାନେ ମଧ୍ୟ କହିଥିଲୁଁ ରଥ ତଳେ ମନୁଷ୍ୟ ପଡିବାର ଗୋଟିଏ କାରଣ ହାକିମମାନଙ୍କ ତରତର ଆପଣ ଅଟଇ । ଏତେ ତରତରରେ ରଥ ଟାଣିନେବାର କିଛି ଆବଶ୍ୟକ ନ ଥିଲା । ଏହେତୁ ହିନ୍ଦୁପେଟ୍ରିଅଟ କହନ୍ତି ଭାରପ୍ରାପ୍ତ କର୍ମଚାରୀମାନେ ରଥଟଣା କାର୍ଯ୍ୟ ଶୀଘ୍ର ସାରି କ୍ଳେଶରୁ ପାର ପାଇବା ଉଦ୍ଦେଶ୍ୟରେ ଲୋକଙ୍କ ଧର୍ମ ଓ ଅଭିପ୍ରାୟପ୍ରତି ଆସ୍ଥା ନ କରି ତରତରରେ କର୍ମ କରିଥିବାର ବୋଧ ହେଉଅଛି । ଉକ୍ତ ପତ୍ରିକା ରାମସାଓ ସବ୍‌ଇନସ୍ପେକ୍ଟରଙ୍କର ପ୍ରଶଂସା କରି ବୋଲନ୍ତି ସେ ସେ ଭୟଙ୍କର ସମୟରେ ସାହସ ପ୍ରକାଶ କରି ନ ଥିଲେ ଆହୁରି କେତେକଜଣଙ୍କର ପ୍ରାଣ ନାଶ ହୋଇଥାନ୍ତା ।

---

### ସମ୍ଭ୍ରାନ୍ତସଭାରେ ଭାରତର କଥା ।

ପାର୍ଲିମେଣ୍ଟର ସମ୍ଭ୍ରାନ୍ତସଭାରେ ଭାରତବର୍ଷର ଆୟବ୍ୟୟ ବିଷୟରେ ନିକଟରେ ତର୍କବିତର୍କ ହୋଇଥିଲା । ଆମ୍ଭମାନଙ୍କର ପୂର୍ବ ଗବର୍ଣ୍ଣର ଜେନରେଲ ଲର୍ଡ ନର୍ଥବ୍ରୁକ୍ ସାହେବ

Digitized by srujanika@gmail.com

Split by PDF Splitter



କାବୁଲ ଯୁଦ୍ଧର ବ୍ୟୟ ସଂକ୍ରାନ୍ତରେ କଲିକତାସ୍ଥ ଭାରତବର୍ଷୀୟ ସଭାର ଆବେଦନ ସଭାରେ ଆଗତ କରି ତହିଁ ପୋଷକତାରେ ଆପଣାର ଅଭିମତ ବ୍ୟକ୍ତ କଲେ । କପାମାସୁଲ କର୍ତ୍ତନ ବିଷୟରେ କହିଲେ ଏଥିରେ ବର୍ଷକରେ ତୋଡ଼ିଏଲକ୍ଷ ଟଙ୍କା କ୍ଷତି ପଡୁଅଛି ଓ ଯେଉଁ ସମୟରେ ଓ ଯେପ୍ରକାରରେ ଏ କର୍ତ୍ତନ ହୋଇଅଛି ତାହା ଅତି ଆପତ୍ତିଯୋଗ୍ୟ ଅଟଇ । ଭାରତବର୍ଷରେ ସମସ୍ତଙ୍କର ଏହି ହୃଦୟଙ୍ଗମ ହୋଇଅଛି ଯେ ତାହା ସେ ଦେଶର ଉପକାର ନିମିତ୍ତ ନ ହୋଇ ବିଲାଏତର ଲାଭ ଉଦ୍ଦେଶ୍ୟରେ ହୋଇଅଛି । ଗବର୍ଣ୍ଣର ଜେନରଲ ଆପଣା କାଉନସଲର ସଭ୍ୟମାନଙ୍କ ମତ ବିରୁଦ୍ଧରେ କାର୍ଯ୍ୟ କରିବାର ଶଙ୍କାଯୁକ୍ତ ଅଟଇ । ବାରକମାଷ୍ଟରୀ ବ୍ୟୟ ଲାଘବ କରିବାର ଆବଶ୍ୟକ ମାତ୍ର ଯେଉଁ କର୍ମମାନଙ୍କରେ ଲାଭ ଅଛି ସେସବୁର ବ୍ୟୟ ହଠାତ୍ କାଟିଦେବାର ଉଚିତ ନୁହେ । ସୈନିକ ବ୍ୟୟ ଊଣା କରିବାର ଉଚିତ । ଦେଶୀୟଲୋକଙ୍କୁ ଅଧିକ ପରିମାଣରେ ସରକାରୀ କର୍ମରେ ନିଯୁକ୍ତ କଲେ ଅତିରିକ୍ତ ବେତନ ସବୁରୁ କିଛି କର୍ତ୍ତନ କଲେ ଓ କେତେକ କର୍ମ ଉଠାଇଦେଲେ ବ୍ୟୟ ଅନେକ ଊଣା ହେବ । ଅନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏ ବିଷୟରେ ମନୋଯୋଗୀ ହୋଇ ଯେପରି ତର୍କବିତର୍କ କଲେ ଓ ବିଲାତର ପ୍ରଧାନ ପତ୍ରିକାମାନଙ୍କର ଯେପରି ଭାବ ହୋଇଅଛି ସେଥିରୁ ସୁବିଚାରର ଭରସା ହେଉଅଛି । କପାମାସୁଲ କର୍ତ୍ତନ ପୋଷକତାରେ ଗବର୍ଣ୍ଣମେଣ୍ଟଙ୍କର ହେତୁମାନ ଅତି ଦୁର୍ବଳ ଅଟଇ । ନର୍ଥବ୍ରୁକ ସାହେବ ବିଶେଷ ପ୍ରସ୍ତାବ କରି ନ ଥିଲେହେଁ ତାଙ୍କର ବକ୍ତୃତା ଯୋଗେ ଗବର୍ଣ୍ଣମେଣ୍ଟ ପକ୍ଷୀୟ ପତ୍ରିକାମାନେ ସୁଦ୍ଧା ପ୍ରଶଂସିତ ସାହେବଙ୍କର ପୋଷକତା କରି ଗବର୍ଣ୍ଣମେଣ୍ଟଙ୍କର ଦୋଷ ଦେଉଅଛନ୍ତି ।

ଲର୍ଡ ନର୍ଥ ବ୍ରୁକ୍ କହିଅଛନ୍ତି ଯେ ସୈନ୍ୟ ବ୍ୟୟରୁ ପ୍ରାୟ ତିନିକୋଟି ଟଙ୍କା କର୍ତ୍ତନ ହୋଇପାରେ ଓ ସେ ବିଲାତସ୍ଥ ସୈନ୍ୟକମିଶନ ସଭାର ପ୍ରଧାନ ବ୍ୟକ୍ତି ଥିବାରୁ ଏ ବିଷୟରେ କିଛି କହିପାରନ୍ତି । ପ୍ରଶଂସିତ ସାହେବ ଅନେକ ଦେଶୀୟ କର୍ମଚାରୀ ନିଯୁକ୍ତ କରିବା, ଉଚ୍ଚ ବେତନ କର୍ତ୍ତନ କରିବା ଓ କେତେକ କର୍ମ ଉଠାଇଦେବାର ଯେ କହିଅଛନ୍ତି ତାହା ଅତି ଯୁକ୍ତିଯୁକ୍ତ ଓ ନ୍ୟାୟସଙ୍ଗତ ଅଟେ ।

ଦେଶୀୟଲୋକଙ୍କୁ ଅଧିକ ପରିମାଣରେ ସରକାରୀ କର୍ମରେ ନିଯୁକ୍ତ କରିବା କଥା ଅନେକ ଦିନରୁ ଶୁଣୁଅଛୁଁ ମାତ୍ର କାର୍ଯ୍ୟରେ କିଛି ଦେଖାଯାଉ ନାହିଁ ଏଥର ଏକଥା କିଛି ବିଶେଷରୂପେ ବାହାରିଅଛି । କେତେକ ଦିନ ପୂର୍ବେ କେହି ମେମ୍ବର କହିଥିଲେ ଯେ ଯେଉଁ ଉଚ୍ଚ ବେତନର କର୍ମସବୁରେ ଇଂରେଜମାନେ ଅଛନ୍ତି ସେସବୁର ବେତନ ଊଣା କରି ଦେଶୀୟ ଲୋକଙ୍କୁ ନିଯୁକ୍ତ କଲେ ଅନେକ ଲାଭ ହେବ । ଏଥିରେ କାମ୍ପବେଲ ସାହେବ ଆପତ୍ତି କରି କହିଥିଲେ ବେତନ ଊଣା କରି ଦେଶୀୟଲୋକଙ୍କୁ ନିଯୁକ୍ତ କଲେ ସେମାନେ ଅସନ୍ତୁଷ୍ଟ ହେବେ ଓ ଏହା ଆମ୍ଭେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଥିବା ସମୟରେ ଅନୁଭବ କରିଅଛୁଁ ଅର୍ଥାତ୍ ଅଳ୍ପ ବେତନରେ ସବ୍ ଡେପୁଟୀ ପଦ ସୃଷ୍ଟି କରି ଦେଶୀୟ ଲୋକଙ୍କଠାରୁ ଅନେକ ଗାଳି ଖାଇଅଛୁଁ । ଏ କଥାଟି ଏହିପରି କଥାରେ କଥାରେ ଯିବ ନା କାର୍ଯ୍ୟରେ ପରିଣତ ହେବ ସତେ କି ଦେଶୀୟ ଲୋକଙ୍କର କପାଳ ଫିଟିବ !

---

ଦିବସେ ଚନ୍ଦ୍ରନକ୍ଷତ୍ର ଦର୍ଶନ ।

ଅଜ୍ଞାନତା ଓ କୁସଂସ୍କାରରୁ କେତେ ଭ୍ରମ ଜନ୍ମେ ଓ ଅନର୍ଥକ କେତେ ଅନିଷ୍ଟର ଆଶଙ୍କା ହୁଏ ବୋଲିଯାଇ ନ ପାରେ । ଲେଶମାତ୍ର ଅସାଧାରଣ ଘଟନା ହେଲାକ୍ଷଣି ଲୋକେ ତହିଁର ତତ୍ତ୍ୱ ବୁଝି ନ ପାରି କିମ୍ବା ବୁଝିବାକୁ ଚେଷ୍ଟା ନ କରି ନାନାଦି ଅନୁମାନିକ କଥା ବାହାର କରନ୍ତି ଓ ତହିଁ ସଙ୍ଗେ ଅମଙ୍ଗଳର ଆଶଙ୍କା କରି ବ୍ୟସ୍ତ ହୁଅନ୍ତି । ଆମ୍ଭେମାନେ ଗୋଟିଏ ସାମାନ୍ୟ ଘଟନାରେ ଅନେକ ଲୋକଙ୍କୁ ବ୍ୟସ୍ତ ହେବାର ଦେଖି ଦୁଃଖିତ ହେଲୁଁ । ତାହା ଏ ପ୍ରସ୍ତାବର ଶିର୍ଷାଙ୍କିତ ବିଷୟ ଅଟଇ । ସେ ଘଟନାଟି ଅଦ୍ଭୁତ ବା ଅସାଧାରଣ ନ ହେଲେହେଁ ତାହା ଦେଖି ଲୋକେ ବଡ ଚମତ୍କୃତ ଓ ଅସ୍ତବ୍ୟସ୍ତ ହୋଇଗଲେ । ଏଥିର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ।

ଗତ ମଙ୍ଗଳବାର ଦିନ ଦିବା ପ୍ରାୟ ତିନିପ୍ରହର ସମୟରେ କଲେକ୍‌ଟରୀ କଚେରିରେ କେହି ଜଣେ ଦୈବାତ୍ ଆକାଶରେ ଚନ୍ଦ୍ରନକ୍ଷତ୍ର ଦେଖି ପ୍ରକାଶ କରିବାରୁ ଅନ୍ୟ ଲୋକମାନେ ଦେଖିବାକୁ ବ୍ୟଗ୍ର ହେଲେ । ଖଣ୍ଡବେଳେ ଚନ୍ଦ୍ରନକ୍ଷତ୍ର ଉଦୟ ହୋଇଅଛନ୍ତି ଏହିକଥାର ଚହଲ ପଡ଼ିଗଲା, କି ମାମଲତକାର କି ଅମଲା କି ଇତର କି ଭଦ୍ର ସମସ୍ତେ ଆପଣାଆପଣା କର୍ମ ଛାଡି ଦେଖିବାକୁ ଦଉଡିଲେ ଓ ଦେଖି ଅତି ଚମତ୍କୃତ ହେଲେ । କିରୂପେ ଏହା ଘଟିଲା ବୁଝି ନ ପାରିବାରୁ ଭାରି ଆନ୍ଦୋଳନ ଲାଗିଲା ଓ ପରିଶେଷେ ଏହି ସିଦ୍ଧାନ୍ତ ହେଲା ଯେ ଏ ସମୟର ନାନାଦି ଅମଙ୍ଗଳ ଘଟିବ । ଜାଣିବା ବ୍ୟକ୍ତିମାନେ (ସେମାନଙ୍କର ସଂଖ୍ୟା ଅଳ୍ପ ଅଟଇ) ନିଶ୍ଚିନ୍ତ ବସିଲେ ବା ତହିଁର ତତ୍ତ୍ୱ ବୁଝାଇ ଦେଲେ ବାକି ସମସ୍ତେ ବଡ ବ୍ୟସ୍ତରେ ପଡିଲେ ଓ ଜଣେ ଜ୍ୟୋତିଷଙ୍କୁ ମଧ୍ୟ ବ୍ୟସ୍ତ ଦେଖିଲୁଁ । କଲେକ୍‌ଟରୀ କଚେରୀ ଭିନ୍ନ ଅନ୍ୟ ସ୍ଥାନମାନଙ୍କରେ ଏହା ଦୃଶ୍ୟ ହୋଇଅଛି ଓ ସକଳସ୍ଥାନରେ ଏହିପରି ଆନ୍ଦୋଳନ ଲାଗିଅଛି ଓ ଭାରି ଅମଙ୍ଗଳର ଆଶଙ୍କା ହୋଇଅଛି । ଏହେତୁ ଆମ୍ଭେମାନେ ଏ ଘଟନାର ତତ୍ତ୍ୱ ବୁଝାଇ ସେମାନଙ୍କର ଆଶଙ୍କା ଦୂର କରିବା ଉଦ୍ଦେଶରେ ଏ ପ୍ରସ୍ତାବ ଲେଖିବାରେ ପ୍ରବର୍ତ୍ତ ହୋଇଅଛୁଁ । ନଚେତ୍ କିଛି ଆବଶ୍ୟକ ନ ଥିଲା କିମ୍ବା ଏହା ତାଦୃଶ ପ୍ରଧାନ ବିଷୟ ନୁହଇ ।

ବୋଧ ହୁଏ ଅଧିକାଂଶ ଲୋକଙ୍କର ବିଶ୍ୱାସ ଏହି ଯେ ନକ୍ଷତ୍ରମାନେ ଦିବସରେ ନ ଥାନ୍ତି ରାତ୍ରେ ବାହାରନ୍ତି । ଏହା ଭ୍ରମ ଅଟଇ । ନକ୍ଷତ୍ରଗଣ ଦିବସରେ ଦୃଶ୍ୟ ନ ହେବାର ପ୍ରଧାନ କାରଣ କେବଳ ସୂର୍ଯ୍ୟ ତେଜ ଅଟଇ । ସୂର୍ଯ୍ୟ ତେଜ କିଞ୍ଚିତ୍ ଊଣା ଓ ଆକାଶ ଅତି ସୁନିର୍ମଳ ହେଲେ ଦିନବେଳେ ଗୋଟିଏ ନକ୍ଷତ୍ର ଦୃଶ୍ୟ ହୁଏ ଏହା ବର୍ଷାଋତୁରେ କେବେ ଘଟିଥାଏ । କାରଣ କିଛିଦିନ ବର୍ଷା ହୋଇ ରୌଦ୍ର ହେଲେ ଆକାଶ ନିର୍ମଳ ହୁଏ ଓ ସୂର୍ଯ୍ୟଙ୍କର ତେଜ ମଧ୍ୟ ଊଣା ଥାଏ । ଆମ୍ଭେମାନେ ଏପରି ଅନେକଥର ଦେଖିଅଛୁଁ ଓ ସଂସାରର ସାଧାରଣ ସୁଖ ଦୁଃଖ ଭିନ୍ନ କୌଣସିଥର କିଛି ବିଶେଷ ଅନିଷ୍ଟ ଘଟି ନାହିଁ କିମ୍ବା ଘଟିବାର ତାହା କାରଣ ନୁହେ ! ଉକ୍ତ ଦିନ ଶୁକ୍ଳପକ୍ଷ ତୃତୀୟା ଥିବାରୁ ଦିବା ଛଅଘଡି ସମୟରେ ଚନ୍ଦ୍ରର ଉଦୟ ଓ ରାତ୍ର ଛଅଘଡି ବେଳେ ଅସ୍ତର କାଳ ଥିଲା । ଏପରି କ୍ଷୀଣଚନ୍ଦ୍ର ଦିବସରେ ସର୍ବଦା ଦୃଶ୍ୟ ହୁଏ ନାହିଁ ସତ୍ୟ, ମାତ୍ର ଯେଉଁ କାରଣରୁ ନକ୍ଷତ୍ର ଦୃଶ୍ୟ ହେଲା ସେହି କାରଣରୁ କ୍ଷୀଣଚନ୍ଦ୍ର ମଧ୍ୟ ଦୃଶ୍ୟ ହେଲା । ଅତଏବ ଏହା ଅଦ୍ଭୁତ ନୁହେ କିମ୍ବା ଏହା ଭବିଷ୍ୟତ୍ ଅନିଷ୍ଟର କାରଣ ନୁହେ । ସଂସାରରେ ସୁଖ ଦୁଃଖ ଲାଗିଅଛି ଓ କେବେ ଅବା ଦୁଃଖ ଅଧିକ ଘଟୁଅଛି ତହିଁର କାରଣ ମନୁଷ୍ୟମାନଙ୍କର

Digitized by srujanika@gmail.com

ଜଳଦୋଷ ବା ପାପ ହୋଇପାରେ ଦବଳରେ ଚନ୍ଦ୍ରନକ୍ଷତ୍ର ଦର୍ଶନ ସଙ୍ଗେ ତହିଁର କିଛିହିଁ ସମ୍ପର୍କ ନାହିଁ। ଅତଏବ ଲୋକେ ଏଥିରେ ଆଉ ବ୍ୟସ୍ତ ନ ହୁଅନ୍ତୁ ଅବା କିଛି ଆଶଙ୍କା ନ କରନ୍ତୁ।

---

### ସର୍ଭେ ଅତ୍ୟାଚାର ।

କେନ୍ଦ୍ରାପଡ଼ା ଇଲାକାରେ ଏକ ଗ୍ରାମର ଲୋକେ ମଉସଉଦ୍ଦୀନ ସର୍ଭେ ଅମିନକୁ ମାର ପିଟଦ୍ୱାରା ସମ୍ମାନ କରିଥିବା ଓ ଏଥିର ତଦନ୍ତ ନ ହୋଇ ଜଣେ କନେଷ୍ଟବଲ ସେ ଗ୍ରାମରେ ମୃତ୍ୟୁନ ହୋଇଥିବା ପ୍ରସଙ୍ଗ ଗତ ସପ୍ତାହରେ ଲେଖିଥିଲୁଁ। ବର୍ତ୍ତମାନ ବୁଝିଲୁଁ ଯେ ସେ ମକଦ୍ଦମାର ତଦନ୍ତ ହୋଇଅଛି ଏବଂ ଗ୍ରାମବାସିମାନେ ଅମିନକୁ ମାରି ନାହାନ୍ତି ବରଂ ଅମିନମାନେ ଗ୍ରାମର କେତେକ ବ୍ୟକ୍ତିଙ୍କୁ ମାରପିଟ କରିଥିଲେ। କେନ୍ଦ୍ରାପଡ଼ାର ଜଏଣ୍ଟ ମେଜିଷ୍ଟ୍ରେଟଙ୍କଠାରେ ଅମିନ ଗ୍ରାମବାସୀଙ୍କ ନାମରେ ମାରପିଟର ଦରଖାସ୍ତ ଦେବାରୁ ସେ ପ୍ରଥମେ ସବ୍ ଇନସ୍ପେକ୍ଟରଦ୍ୱାରା ଓ ତତ୍ପରେ ଇନସ୍ପେକ୍ଟରଦ୍ୱାରା ତହିଁର ତଦନ୍ତ କରାଇଲେ। ଏ ଦୁଇ ତଦନ୍ତରେ ମାରପିଟର ନାଲିଶ ମିଥ୍ୟା ଥିବାର ପ୍ରକାଶ ହେବାରୁ ତାହା ଅଗ୍ରାହ୍ୟ ହେଲା। ଗ୍ରାମର ଜଣେ ବ୍ୟକ୍ତିକୁ ଅମିନ ବିଶେଷ ଆଘାତ କରିଥିବାରୁ ପୁଲିସଦ୍ୱାରା ଚଲାଣ ହୋଇ ଥିଲା ମାତ୍ର ଡାକ୍ତରଙ୍କ ସାକ୍ଷରେ ମକଦ୍ଦମା ମାଡ ଖାଇ ଗଲା ଓ ଅମିନ ଖଲାସ ପାଇଲା।

ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଅମିନମାନେ ସେ ଗ୍ରାମରେ ଅତ୍ୟାଚାର କରିଅଛନ୍ତି ଓ ଏହା ଆମ୍ଭେମାନେ ପୂର୍ବରୁ କହିଅଛୁଁ। ପ୍ରମାଣରେ ତ୍ରୁଟି ହେବାରୁ ଅମିନ ମୁକ୍ତ ହେଲା ସେଥିପାଇଁ ଶୋଚନା ନାହିଁ, କିନ୍ତୁ କନଷ୍ଟବଲ କି ସକାଶେ ସେ ଗ୍ରାମକୁ ପ୍ରେରିତ ହେଲା? ଅମିନମାନଙ୍କର ଅଧ୍ୟକ୍ଷ ଲଟଲଉଡ ସାହେବ ଅମିନମାନଙ୍କୁ ଅଭୟ ପ୍ରଦାନ ନିମିତ୍ତ ଜଏଣ୍ଟ ମେଜିଷ୍ଟ୍ରେଟଙ୍କୁ ଚିଠି ଲେଖିବାରୁ ସିନା ତାଙ୍କ ଅନୁରୋଧରେ ଏହା ହେଲା!! ଜଏଣ୍ଟ ମେଜିଷ୍ଟ୍ରେଟ କୃଷ୍ଣଗୋବିନ୍ଦ ଗୁପ୍ତ ସାହେବ ଦେଶୀୟ ଲୋକ ଥିବାରୁ ମୋଫସଲୀ ଲୋକଙ୍କର ରୀତି ତାଙ୍କୁ ଉତ୍ତମରୂପେ ଜଣା ଥିବ। ସରକାରୀ କର୍ମଚାରୀଙ୍କ ପ୍ରତି ସେମାନେ ଆଗେ ଉଠିବାର କଦାପି ସମ୍ଭବ ନୁହେ। ଅମିନମାନେ ମୋଫସଲରେ ରସଦ ଓ ସଲାମୀ ସକାଶେ ନାନାଦି ଅତ୍ୟାଚାର କରୁଥିବାର କାହାରିକୁ ଅବିଦିତ ନାହିଁ। ପୁନଶ୍ଚ ମକଦ୍ଦମାର ଦୁଇ ତଦନ୍ତରୁ ସେମାନଙ୍କର ନାଲିଶ ସମ୍ପୂର୍ଣ୍ଣ ମିଥ୍ୟା ଥିବାର ପ୍ରକାଶ ହେଲା ବରଂ ଅମିନମାନେ ଗ୍ରାମ୍ୟ ଲୋକଙ୍କ ପ୍ରତି ଅତ୍ୟାଚାର କରିଥିବାର ସମ୍ଭବ ଜଣା ଗଲା। ସେମାନେ ସରକାରୀ କର୍ମଚାରୀ ହୋଇ ଅତ୍ୟାଚାର କରି ଉଲଟି ମିଥ୍ୟା ନାଲିଶ କରିବା ସ୍ଥଳେ ଜଏଣ୍ଟ ମେଜିଷ୍ଟ୍ରେଟ ସେମାନଙ୍କର ଏ ଦୁଷ୍ଟତାର ଉପରସ୍ଥ ହାକିମଙ୍କୁ ନ ଜଣାଇ ସାହେବଙ୍କ ଚିଠି ଅନୁସାରେ କନଷ୍ଟବଲ ସେ ଗ୍ରାମକୁ ପଠାଇବାର ବଡ଼ ଆଶ୍ଚର୍ଯ୍ୟ। ଏଥିର ଯେଉଁ ଫଳ ଆମ୍ଭେମାନେ ଆଶଙ୍କା କରିଅଛୁଁ ତାହା ଘଟି ଥିବାରେ ବିଚିତ୍ର କଣ? ଯାହା ହେଉ ମେଜିଷ୍ଟ୍ରେଟ ସାହେବ କନଷ୍ଟବଲ ଉଠାଇ ଦେଇଅଛନ୍ତି ସୁଖର ବିଷୟ।

ଅମିନମାନଙ୍କର ଅତ୍ୟାଚାର କିପରି ରହିତ ହେବ? ଏଥିର କି କିଛି ଉପାୟ ନାହିଁ? ଆମ୍ଭେମାନେ ଲେଖି ଥକିଲୁଣି କେହିତ ଶୁଣିବାକୁ ନାହିଁ। ଅତ୍ୟାଚାରର ଗୋଟିଏ ମକଦ୍ଦମାରେ ଜଣେ ଜଏଣ୍ଟ ମେଜିଷ୍ଟ୍ରେଟ କହିଲେ ବିନା ଜୁଲମରେ ସରକାରୀ କର୍ମ ଚଳଇ ନାହିଁ। ଅନ୍ୟ ମକଦ୍ଦମାରେ ସର୍ଭେଅର ସାହେବଙ୍କ ଚିଠି ଅନୁସାରେ ଅନ୍ୟ ଜଣେ ଜଏଣ୍ଟ ମେଜିଷ୍ଟ୍ରେଟ କନଷ୍ଟବଲ ପଠାଇଲେ। ଏ ସ୍ଥଳେ ସେମାନଙ୍କ ଅତ୍ୟାଚାର କିପରି ଊଣା ହେବ। ଅମିନମାନେ ଅତ୍ୟାଚାର କରୁଅଛନ୍ତି ପୁଣି ଲୋକଙ୍କ ନାମରେ ଉଲଟି ମିଥ୍ୟା ନାଲିଶ କରୁଅଛନ୍ତି, ଏହା କି ସହ୍ୟ ହୋଇ ପାରେ। ଅତଏବ ଆମ୍ଭେମାନେ ସବିନୟେ କମିଶନର ଓ କଲେକ୍ଟର ସାହେବମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଅମିନଙ୍କ ଅତ୍ୟାଚାର ନିବାରଣ ପକ୍ଷରେ କିଛି ବିଶେଷ ଉପାୟ ଅବଲମ୍ବନ କରନ୍ତୁ।

---

ଆମ୍ଭମାନଙ୍କ ଯାଜପୁର ସଂବାଦଦାତା ଲେଖିଅଛନ୍ତି ଯଥା—

ଗତମାସ ତା୧୭ରିଖ ଗୁରୁବାର ଶ୍ରୀଯୁତ ବାବ୍ସେ ସାହେବ ଅଶିଷ୍ଟାଣ୍ଟ ମେଜିଷ୍ଟ୍ରେଟ ଏଠାରେ ପ୍ରବେଶ ହୋଇ ସବଡିଭିଜନ ଭାର ଗ୍ରହଣ କରିବାରୁ ଶ୍ରୀଯୁତ ଫେବର ସାହେବ ଜଏଣ୍ଟ ମାଜିଷ୍ଟ୍ରେଟ ସେହି ଦିନ ବାରଘଣ୍ଟା ସମୟରେ ଗ୍ରନ୍ଦବାଲ୍ ଜଳପଥରେ ଶିଉଜଗଞ୍ଜ ମୁକାମରୁ ପ୍ରସ୍ଥାନ କଲେ, ଯିବା ସମୟରେ ଅମ୍ଭମାନଙ୍କ ନିକଟରୁ ସାହେବ ମହୋଦୟ ଏପରି ସଦ୍ଭାବରେ ବିଦାୟ ଗ୍ରହଣ କଲେ ଯେ ପ୍ରାୟ ସମସ୍ତଙ୍କର ଅଶ୍ରୁପାତ ହୋଇ ଥିଲା। ସାହେବ ମହୋଦୟ ପ୍ରାୟ ଦୁଇବର୍ଷ କାଳ ଏଠାରେ ଥିଲେ ତାଙ୍କର ବୁଦ୍ଧିତୀକ୍ଷ୍ଣତା ଓ ଶାନ୍ତ ଉକ୍ତ ପରିଶ୍ରମଦ୍ୱାରା ଏସ୍ଥାନର କୌଣସି ବିଷୟ ତାଙ୍କର ଅଗୋଚର ନ ଥିଲା। ତାଙ୍କର ସୁବିଚାରରେ ପ୍ରାୟ ସବଡିଭିଜନସ୍ଥ ସକଳ ଲୋକେ ସନ୍ତୁଷ୍ଟ ଥିଲେ।

ସୁକିନ୍ଦା ନିବାସୀ ଯେଉଁ ହାଜତି କଏଦୀ ଏଠା ଜେଲଖାନାରୁ ପଳାୟନ କରିଥିଲା ସେ ପୁନର୍ବାର ଧୃତ ହୋଇ ଆସିଅଛି ସେ କହେ ଯେ ଦିନବେଳେ ଜେଲର ସଦରଦରଜା ବାଟେ ସେ ବାହାର ହୋଇ ଯାଇଥିଲା।

ଗତ ସପ୍ତାହରେ ପ୍ରତିଦିନ କିଛି୨ ବୃଷ୍ଟି ହେଉଥିଲା ବର୍ତ୍ତମାନ ଗ୍ରୀଷ୍ମକାଳ ତୁଲ୍ୟ ହୋଇ ଅଛି ଖରସ୍ରୁଆ ବ୍ରାହ୍ମଣୀ ଓ ବୈତରଣୀ ନଦୀମାନେ ବୃଦ୍ଧି ହୋଇ ଥିଲେ ବର୍ତ୍ତମାନ ଧାନ ଗଛମାନ ଏ ତରଫରେ ଉତ୍ତମ ହୋଇଅଛି। କୌଣସି ରୋଗର ବିଶେଷ ପ୍ରାଦୁର୍ଭାବ ନାହିଁ।

ଏଠା ବଜାରରେ ମୋଟଚାଉଳ ଟ୧ ୬ ସେ ୧୪ ଓ ସରୁ ସେ ୧୨ ର ହିସାବ ପ୍ରାପ୍ତ ହେଉଅଛି। ୨୦।୭।୭୯

## ସାପ୍ତାହିକସଂବାଦ ।

ଆମ୍ଭମାନଙ୍କର କଲେକ୍ଟର ସାହେବଙ୍କର ତୃତୀୟ ଗସ୍ତ ଆଗାମୀ ଅଗଷ୍ଟ ମାସ ତା ୪ ରିଖରେ ଆରମ୍ଭ ହେବ। କେନ୍ଦ୍ରାପଡ଼ା ଥାନା, ପଟାମୁଣ୍ଡାଇ, ଆଳି, କନିକା ଦେଖି ତା ୯ ରିଖରେ ଯାଜପୁରରେ ଉପସ୍ଥିତ ହେବେ ସେଠାରେ ତିନିଦିନ ରହି ଧର୍ମଶାଳାକୁ ଆସିବେ। ତା ୧୪ ରିଖରେ କଟକକୁ ପ୍ରତ୍ୟାଗମନ କରିବେ।

ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ ଓ ବାବୁ କାଳୀପଦ ବାନୁର୍ଯ୍ୟାଙ୍କ ମଧ୍ୟରେ ଏଠା ଜଜ ସାହେବଙ୍କ ନିକଟରେ ଯେଉଁ ଓ୍ୟାସିଲାତ ମୋକଦ୍ଦମା ଲାଗିଅଛି ତହିଁରେ ପ୍ରଥମ ଲିଖିତ ବ୍ୟକ୍ତିଙ୍କ ପକ୍ଷରୁ ନୂତନ ବାରିଷ୍ଟର ନିଯୁକ୍ତ ହୋଇଅଛନ୍ତି ଓ ସବ୍ ଜଜଙ୍କ ମହକୁମାରେ କାଲଗିର ରାଜାଙ୍କ ବିରୁଦ୍ଧରେ ଏକ ମୋକଦ୍ଦମା ନେଇ ଅଛନ୍ତି। ଏ ପର କଲିକତା ହାଇକୋର୍ଟ କିମ୍ବା ବିଲାତର ପ୍ରିଭିକଉନସଲରେ ମୋକଦ୍ଦମା ଚଳାଇବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି।

ପୁରୀ ରେଜିଷ୍ଟ୍ରାର କରିମର ଜାଲ ମକଦ୍ଦମା କଥା ପାଠକମାନଙ୍କ ସ୍ମରଣ ଥିବ। ସେଥିରେ ଯଥେଷ୍ଟ ପ୍ରମାଣ ନ ମିଳିବାରୁ ତାହାର ସଙ୍ଗୀ ଅପରାଧୀ ଓକିଲ ଗୋଲକାନନ୍ଦ ଦତ୍ତକୁ ଜଜ ସାହେବ କ୍ଷମା ଦେଇ ସାକ୍ଷୀ କଲେ ମାତ୍ର ସେ ଯଥାର୍ଥ ପ୍ରକୃତ କଥା ନ କହିବାରୁ ଜଜ ସାହେବ ତାକୁ ମିଥ୍ୟା ସାକ୍ଷ ଦେବା ଅପରାଧରେ ଫଉଜଦାରୀ ସୁପର୍ଦ୍ଦ କଲେ। ଏଠା ଜଏଣ୍ଟ ମେଜିଷ୍ଟ୍ରେଟଙ୍କଦ୍ୱାରା ତାହାର ବିଚାର ହେଲା ଏହି ମକଦ୍ଦମାରେ ନୂତନ ବାରିଷ୍ଟର ଗୋଲକାନନ୍ଦ ପକ୍ଷରେ ଉପସ୍ଥିତ ହୋଇ ଦୀର୍ଘ ବକ୍ତୃତା କରିଥିଲେ। ମାତ୍ର ଅପରାଧର ପ୍ରଚୁର ପ୍ରମାଣ ଥିବାରୁ ଜଏଣ୍ଟ ମେଜିଷ୍ଟ୍ରେଟ ତାକୁ ବିନା ପରିଶ୍ରମରେ ଛମାସ କାରାବାସର ଦଣ୍ଡ ଦେଲେ। ସେ ଆଉ ଓକାଲତି କରି ନ ପାରିବା ଓ ବିଶେଷ ଖର୍ଚ୍ଚାନ୍ତ ଓ ଆପଦ ଯୁକ୍ତ ହୋଇଥିବା ଦୃଷ୍ଟିରେ ବିଚାରପତି ଏପରି ଅଳ୍ପ ଦଣ୍ଡ ଦେଇଅଛନ୍ତି। ଅତଏବ ଏଥିରେ ନ୍ୟାୟ ଓ ଦୟା ଦୁହେଁ ପ୍ରକାଶିତ ହୋଇଅଛନ୍ତି ଉତ୍ତମ ହୋଇଅଛି।

ଖୋର୍ଦ୍ଧା ଜଏଣ୍ଟମେଜିଷ୍ଟ୍ରେଟ ଫିଲିପ ସାହେବ ପୀଡିତ ହୋଇ ଦଶଦିବସର ଛୁଟି ଗୃହିବାରୁ ବାବୁ ଜଗନ୍ମୋହନ ରାୟ ଡେପୁଟୀ କଲେକ୍ଟର ସେଠାକୁ ଗତ ରବିବାର ଦିନ ଯାଇ ଅଛନ୍ତି। ଆଉ କିଛିଦିନ ସେଠାରେ ରହିବାର ବାବୁଙ୍କ ମତ ଅଛି ନ ହେଲେ ଆସନ୍ତା ଗୁରୁବାର ସେ ଫେରି ଆସି ପାରନ୍ତି।

ଅମୀର ୟାକୁବଖାଁ ସନ୍ଧିର ନିୟମ ପ୍ରତିପାଳନରେ ଦୃଢ଼ସଂକଳ୍ପ ଦେଖାଯାଏ ଏହା ସୁଖର ବିଷୟ। ତାଙ୍କର ଶ୍ୱଶୁର

Split by PDF Splitter

Digitized by srujanika@gmail.com

ସରଦାର ସ୍ୱାହୁସ୍ୱା ଖାଁ ତାଙ୍କଠାରୁ ପତ୍ର ଲେଖିଥିଲେ କ କେତେକ ଜଣ ରୁଶୀୟ ଅକ୍ସସନଦୀ ପାର ହୋଇ ଅସି-ଅଛନ୍ତି ଓ ଅମ୍ଭେ ତାଙ୍କୁ ସାହାଯ୍ୟ କରି ବସା ଦେଇଅଛୁଁ । ଅମୀର ତଚ୍ଛଷଣାତ୍ ପତ୍ର ବାହକକୁ ବନ୍ଦୀବାସକୁ ପଠାଇଲେ ଓ ରୁଶୀୟମାନଙ୍କୁ ଅଫଗାନ ସୀମା ମଧ୍ୟରୁ ବାହାର କରିଦେବା କାରଣ ସରଦାର ନିକଟକୁ ଆଜ୍ଞା ପଠାଇଲେ ।

କଲିକତାରେ କେତେକ ହିନ୍ଦୁବ୍ୟକ୍ତି ପ୍ରାଚୀନ ସଂସ୍କୃତ ଗ୍ରନ୍ଥମାନ ଯାହା କି ଏପର୍ଯ୍ୟନ୍ତ ପ୍ରକାଶ ହୋଇନାହିଁ ମାସିକ ପତ୍ରିକା ଆକାରରେ ପ୍ରକାଶ କରିବା କାରଣ ପ୍ରବୃତ୍ତ ହୋଇ ଅଛନ୍ତି । ପ୍ରଥମେ ସେମାନେ ଆୟୁର୍ବେଦର ନାନାବି ଗ୍ରନ୍ଥମାନ ପ୍ରକାଶ କରିବେ । ଏ କାର୍ଯ୍ୟଟି ହିତକର ଓ ପ୍ରଶଂସନୀୟ ଅଟଇ । ଅସ୍ମାନଙ୍କର ଇଚ୍ଛା ଯେ କଳ୍ପନାକାରମାନେ ଏଥିରେ ଏକାନ୍ତ ଯତ୍ନ କରନ୍ତୁ ଓ ସର୍ବସାଧାରଣ ସେମାନଙ୍କୁ ଉତ୍ସାହ ଦେଉନ୍ତୁ ।

ଅମ୍ଭେମାନେ ଅତି ଆନନ୍ଦପୂର୍ବକ ଜଣାଉ ଅଛୁଁ ଯେ କଲିକତାର ଡାକ୍ତର ଶୌରେନ୍ଦ୍ର ମୋହନ ଠାକୁର ସଙ୍ଗୀତ ବିଦ୍ୟାରେ ନୈପୁଣ୍ୟ ନିମିତ୍ତ ଶ୍ୟାମଦେଶର ମହାରାଜାଙ୍କଠାରୁ ସମ୍ମାନ ପାଇ ଅଛନ୍ତି । ଶୌରେନ୍ଦ୍ର ବାବୁ କେତେକ ଉତ୍ତମ ଯନ୍ତ୍ର ମହାରାଜାଙ୍କ ନିକଟକୁ ପଠାଇଥିଲେ । ସେ ସେଥିରେ ଅତି ସନ୍ତୁଷ୍ଟ ହୋଇ ଗୋଟିଏ ସ୍ୱର୍ଣ୍ଣ ତୋଗ୍‌ମା ଓ ପ୍ରଶଂସା ପତ୍ର ତାଙ୍କ ନିକଟକୁ ପଠାଇ ଅଛନ୍ତି । ପ୍ରଶଂସିତ ବାବୁ ସର୍ବତ୍ରରେ ସମ୍ମାନ ପାଇବାର ଦେଖି ଅମ୍ଭେମାନେ ଅତି ଆନନ୍ଦିତ ହୋଇ ତାଙ୍କର ପ୍ରଶଂସା କରୁଅଛୁଁ ।

ଇଂରେଜଙ୍କର ଦୂତ ମେଜର କେଭାଗ୍ନାରି ସାହେବ ଗତତ ମାସ ତା ୨୩ ରିଖରେ କାବୁଲ ନଗରରେ ପ୍ରବେଶ ହୋଇ ଥିବେ । ସେ ତା ୧୮ ରିଖରେ ଖରଟମାରେ ପହଞ୍ଚି ଥିଲେ । ସେହି ସ୍ଥାନରୁ କାସିମ ଖଯାଲ ପର୍ଯ୍ୟନ୍ତ ଅଫଗାନ ସୈନ୍ୟମାନେ ତାଙ୍କର ସମରବ୍ୟାହାରୀ ହୋଇ ଥିଲେ ।

ଅସ୍ମାନଙ୍କର ପୂର୍ବ କଲେକ୍ଟର ମନ ସାହେବ ଯେ ବର୍ତ୍ତମାନ ମାଇମନ ସିଂହର ଜଜ ପଦରେ ଥିଲେ କର୍ମ ତ୍ୟାଗ କରି ବିଲାତ ଯାଇ ଅଛନ୍ତି ।

ବମ୍ବେ ଡକାଏତଙ୍କ ମଧ୍ୟରୁ ଯେଉଁ ୨୦ ଜଣ ଧରାପଡିଥିଲେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଫାଶୀ, ଅଠଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର, ଓ ୯ ଜଣଙ୍କୁ କଠିନ ପରିଶ୍ରମ ସହିତ ଦଶବର୍ଷ ଲେଖାଏ କାରାବାସର ଦଣ୍ଡ ହୋଇ ଅଛି । ଅବଶିଷ୍ଟ ଏକ ଜଣ ମୁକ୍ତି ପାଇଅଛି ।

କଗତ୍‌ସିଂହପୁରର ଯେଉଁ ନରହତ୍ୟା ମକଦମା ପ୍ରସଙ୍ଗ ଗତ ସପ୍ତାହରେ ଲେଖିଥିଲୁଁ ସେଥିରେ ଅସାମି ଦଣ୍ଡବିଧିର ଧାରା ୩୦୪ସ ନୁସାରେ ଦୋଷ ସୁପର୍ଦ୍ଦ ହୋଇଅଛି ।

ଅସାମର ଚିଫ୍ କମିଶନର କେଭ ସାହେବ ଜଇକ ଦାରେ ଗତତ ମାସ ତା ୮ ରିଖରେ ପ୍ରବେଶ ହୋଇ ଗୁଇଦନ ରହି ଦାରଜିଲିଙ୍ଗକୁ ଗଲେ । ସେଠାରେ ମାନ୍ୟବର ଇଡନ ସାହେବଙ୍କଠାରୁ ତା ୧୪ ରିଖରେ ଗୁର୍ଜ ନେଲେ । ଇଡନ ସାହେବ ତା ୧୮ ରିଖରେ ଦାରଜିଲିଙ୍ଗରୁ ସିଅଲଦାକୁ ଅସି ତା ୧୯ ରିଖରେ ସେଠାରୁ ସିମିଲକୁ କମିଶନ କାର୍ଯ୍ୟ ନିମିତ୍ତ ଯାତ୍ରା କଲେ ।

ବ୍ରାହ୍ମପବ୍ଲିକ ଓ ପିନିସ୍ୱନ ଲେଖିଅଛନ୍ତି, ଯେତେ-ଦିନ ଯାଏ ବଙ୍ଗଳାରେ କୃଷିବିଦ୍ୟାଳୟ ହୋଇ ନାହିଁ, ତେତେ ଦିନ ଯାଏ ଏତଦ୍ଦେଶୀୟ ଲୋକମାନଙ୍କର ଉଚିତ ଯେ ଏମାନେ ମାନ୍ଦ୍ରାଜକୁ ଯାଇ କୃଷିବିଦ୍ୟା ଶିକ୍ଷା କରି ଅସୁଥାନ୍ତୁ । ଯେତେ ଦିନ ଜ୍ଞାନଦୃଷ୍ଟିରେ ଏ ଦେଶର ଲୋକେ ଉତ୍ସୃତଃ ପରିଭ୍ରମଣ ନ କରିବେ ତେତେ ଦିନ ଅମ୍ଭେମାନେ ଦେଶର ଉନ୍ନତିର ଲକ୍ଷଣ ଦେଖିବାକୁ ନ ପାଇବା । ଠିକ କଥା ।

ମୁର୍ଶିଦାବାଦ ପତ୍ରିକା କହନ୍ତି, ଏହି ଜିଲାର ଜଙ୍ଗିପୁର ସବ୍‌ଡିଭିଜନର ଅନ୍ତର୍ଗତ ମିର୍ଜାପୁର ଷ୍ଟେଶନର ଅଧୀନ ଏକ ଥଣା ଗୃହତଗଡା । ସଂପ୍ରତି ଉକ୍ତ ଗ୍ରାମରେ ସତବେଳେ ତୋପଧ୍ୱନି ତୁଲ୍ୟ ଧ୍ୱନି ହେଉଅଛି । ସେ ଗ୍ରାମ ଜଙ୍ଗିପୁର ଠାରୁ ଗ୍ୟାର କୋଶ ଦୂର । ଜଙ୍ଗିପୁରରୁ ମଧ୍ୟ ଧ୍ୱନି ଶୁଣା ହେଉଅଛି । ପୁଲିସ ଏବଷୟର କୌଣସି ଅନୁସନ୍ଧାନ କରି ପାରିଲେ ନାହିଁ । ଡେପୁଟୀ ମାଜିଷ୍ଟ୍ରେଟ ଅନୁସନ୍ଧାନ କରିବାକୁ ଯିବେ । କୌଣସି ଭଦ୍ରଲୋକ ଏତତ୍ସମ୍ବନ୍ଧରେ ଅନୁସୃଷ୍ଟିକ ଲେଖି ଏକ ପ୍ରେରିତପତ୍ର ପ୍ରକାଶାର୍ଥ ପ୍ରେରଣ କରିଅଛନ୍ତି ।

ବିହାର ହେରାଲ୍ଡ କହନ୍ତି, ବିହାରରେ ଉତ୍ତମରୂପ ବର୍ଷା ଅରମ୍ଭ ହୋଇଅଛି ଏବଂ ସେଠାରେ ଅବାଦର ଅବସ୍ଥା ଅତ୍ୟନ୍ତ ଭଲ ହୋଇଅଛି ।

### NOTICE TO CORRESPONDENTS.

"A Friend of Temperance"—declined with thanks.

## CORRESPONDENCE.

To the Editor of the Utkal Dipica.

Dear Sir,

Fear is a prerogative of mankind. Every man can indulge in his own fear without being liable to be questioned by his neighbour. Fear is born with us, tho' we cannot say that it dies with us. It is in our nature, and therefore no word of wisdom can allay, no legislation check, and no law can punish. Altho' it is a prerogative and a birth-right, yet there is a limit to its sphere of action; and when it o'erleaps its bounds, and assumes the attitude aggressive, the society has certainly a right to call in aid some means or other to keep it within its legitimate limits. We have straight jackets for the maniac, flagellation for the unruly school-boy and snubbing for the parvenu. But what curb or punishment can be invented to keep fear within bounds, specially when it assumes the shape of politico-phobia. Our power of invention here falls to a discount, but you Mr. Editor, or your readers may be able to devise some means, to force people to enjoy their own fears by their own firesides and not send them out for an airing to the detriment of others. As for us students, we are loyal to the backbone and no load of politics can change our feelings. But if politics be worth knowing, I and my fellow-students see no reason why we shall be kept away from the study of politics. Your *Quidnunc* is afraid of there being discontent. But would not a good knowledge of agriculture breed discontent when the scientific agriculturist finds no land to cultivate. But it is useless to write an essay on the genisis of dissatisfaction. I therefore content myself by saying that the student's friend the Bengalee is right in his opinion, and in subscribing myself.

Your Obedient
Servant
An overgrown school boy.

## ବିଜ୍ଞାପନ

ଗବର୍ଣ୍ଣମେଣ୍ଟ ସିନ୍‌କୋନା କ୍ୱିନାଇନ

ଗୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ। କଲିକତାର ପ୍ରଧାନ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନସକୁ ଟ ୭ ୧୦ ଆ ୮ ଅଃ କୁ ଟ ୧୧ ୧୨ ୭ ଅଃ କୁ ଟ ୨୦ ୩ ପରିମାଣ ସଙ୍ଗେ ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ଅମ୍ଭେମାନେ ବଳରାମ ଦାସଙ୍କ କୃତ "ଦାଢ୍ୟତାଭକ୍ତି" ୪୦ ଅଧ୍ୟାୟ ଯାକ ଛପା କରୁଅଛୁଁ ପ୍ରାୟ ଅଗାମୀ ସିପ୍ଟେମ୍ବର ମାସରେ ପୁସ୍ତକ ବିକ୍ରୟ ନିମିତ୍ତ ବାହାରିବ ଓ ଏଥିର ମୂଲ୍ୟ ଟ ୧॥ ହେବ । ଯେଉଁମାନେ ଗତତ ମାସ ତା ୩୧ ରିଖ ମଧ୍ୟରେ ଅଗ୍ରିମ ମୂଲ୍ୟ ଅସ୍ମାନଙ୍କ ନିକଟକୁ ପଠାଇବେ ସେମାନଙ୍କୁ ଟ ୧। ମୂଲ୍ୟରେ ପୁସ୍ତକ ମିଳିପାରିବ । ୩ । ୭ । ୭୯

ଶ୍ରୀ ମଥୁରାନାଥ ବାନ୍ଦର୍ଯ୍ୟା । ସା । ହାଲ
ମାଣିକଘୋଷବଜାର କଟକ
ଶ୍ରୀ ରଘୁନାଥ ସାହୁ । ସା । ବକ୍ସିବଜାର କଟକ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କୃଷ୍ଣବିହାରି ଘୋଷ | କଟକ | ବଙ୍କାବ୍ୟା | ଟ ୨୧ |
| ଶ୍ରୀ ପାଦ୍ରି ବକ୍‌ଲି ସାହେବ | „ | ଅଗ୍ରିମ | ଟ ୪୧ |
| ମୁନ୍‌ସି ଶେଖ କାଦର | „ | ବଙ୍କାବ୍ୟା | ଟ ୨୧ |
| ବାବୁ ସନାତନ ପାଣ୍ଡାଶ୍ୱିକ | କଟକ | ମାଲ ଅଗ୍ରିମ | ଟ ୭ ॥ |
| ଶ୍ରୀ ଶ୍ରୀ ରାଜା ବିଷ୍ଣୁ ମାଲଗିରି | | ବଙ୍କାବ୍ୟା | ଟ ୨ ॥ |
| ବାବୁ ବିହାରି ମାହାନ୍ତି | କଟକ | „ | ଟ ୩୧ |
| ବାବୁ ଲକ୍ଷ୍ମଣ ମିଶ୍ର | | „ | ଟ ୨୧ |
| ଶ୍ରୀ ଭବାନିପୁର ଏବ୍, ମାଷ୍ଟାଲ ସାହେବ | କଟକ | ଅଗ୍ରିମ | ଟ ୪୧ |
| ମୁନ୍‌ସି ସୁମାନିୟାଁ | | ଭଦ୍ରକ „ | ଟ ୦॥ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସଂ ୩୧ ସଂଖ୍ୟା

ତା ୨ ରଖ ମାହେ ଅଗଷ୍ଟ ସନ ୧୮୭୯ ମସିହା । ମୁ । ଶ୍ରାବଣ ଢ ୧୯ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୧
ମଫସଲପାଇଁ ଡାକମାସୁଲ ଟ୧॥୰

ଆମ୍ଭେମାନେ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ଭଞ୍ଜନଗରର ମୃତ ମହାରାଜାଙ୍କ ନାମ ସ୍ମରଣାର୍ଥ କିଛି କୀର୍ତ୍ତି ସ୍ଥାପନ କରିବାର ପ୍ରସ୍ତାବ ହୋଇଅଛି । ଏଥିପାଇଁ କାଶୀରେ ସଭା ହୋଇ ଚାନ୍ଦା ସଂଗ୍ରହ କରିବା କାରଣ କମିଟିଏ ସ୍ଥାପନ ହୋଇଅଛି । ମହାରାଜାଙ୍କର କଚ୍ଛ କୀର୍ତ୍ତିମାନ ତାଙ୍କ ନାମକୁ ଯାବତ୍ ରକ୍ଷିବ ତଥାଚ ସେଥି ପକ୍ଷରେ ଲୋକମାନଙ୍କର କିଛି କରିବାର ଉଚିତ କାରଣ ସେ ଦେଶର ଅନେକ ହିତସାଧନର ଚେଷ୍ଟା କରିଅଛନ୍ତି ଓ ତାଙ୍କର ଦାନ ଜାତିଭେଦ ଜାଣୁ ନ ଥିଲା ଅତଏବ ଏ ବିଷୟରେ ସକଳ ଲୋକଙ୍କର ଯୋଗ ଦେବାର ଉଚିତ ।

---

କାବୁଲଯୁଦ୍ଧର ବ୍ୟୟରୁ ଭାରତବର୍ଷ ନିସ୍ତାର ପାଇଲା ନାହିଁ । ଏହି ବିଷୟରେ କଲିକତାସ୍ଥ ଭାରତବର୍ଷୀୟ ସଭାରୁ ଆବେଦନ ଗଲା ଓ ପାର୍ଲିଆମେଣ୍ଟରେ କେତେ ତର୍କ ବିତର୍କ ଲାଗିଲା ମାତ୍ର ସବୁ ବୃଥା ଗଲା ପରିଶେଷେ ସେ ବ୍ୟୟ ଭାରତବର୍ଷ ଉପରେ ପଡ଼ିଲା । ଟେଲିଗ୍ରାଫ ବାର୍ତ୍ତାରୁ ଅବଗତ ହେଲୁଁ ଯେ ଭାରତର ପରମ ବାନ୍ଧବ ଫସେଟ୍ ସାହେବ ପାର୍ଲିମେଣ୍ଟର କମନ ସାଧାରଣ ସଭାରେ ଉକ୍ତ ବ୍ୟୟ ଭାରତବର୍ଷ ଉପରେ ଲଦାଇବାର ଅନ୍ୟାୟ ବୋଲି ପ୍ରସ୍ତାବ କରିବାରୁ ୧୨୫ ଜଣ ମେମ୍ବର ତାଙ୍କ ପକ୍ଷରେ ଅଭିମତ ଦେଲେ ମାତ୍ର ୧୩୭ ଜଣ ତାଙ୍କ ବିରୁଦ୍ଧରେ ମତ ପ୍ରକାଶ କଲେ ସୁତରାଂ ତାଙ୍କର ପ୍ରସ୍ତାବ ଅଗ୍ରାହ୍ୟ ହେଲା । ଯାହା ହେଉ ବିଲାତର ୧୨୫ ଜଣ ବ୍ୟକ୍ତି ଭାରତପ୍ରତି ନ୍ୟାୟବିଚାର କଲେ ଏହିକି ସୁଖର ବିଷୟ ଓ ଭବିଷ୍ୟତରେ ସୁବିଚାରର ଭରସା ହେଉଅଛି । ଗବର୍ଣ୍ଣମେଣ୍ଟ ଆପଣା ସପକ୍ଷରେ ୧୨ ଜଣ ମାତ୍ର ଅଧିକା ପାଇଲେ, ତାଙ୍କପ୍ରତି ଏହା ପ୍ରଶଂସନୀୟ ନୁହଇ । ଯଦ୍ୟପି ଭାରତ ଯୁଦ୍ଧବ୍ୟୟରୁ ରକ୍ଷା ନ ପାଇଲା ତଥାପି ତାହା ଅନ୍ୟାୟ ଥିବାର ସକଳ ସ୍ଥାନରେ ପ୍ରକାଶ ହେଲା ।

---

ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଦୂତ ମେଜର କେବଗନରି ସାହେବ ଗତମାସ ତା ୨୪ ରଖ ପ୍ରଭାତରେ କାବୁଲ ନଗରରେ ପ୍ରବେଶ ହେଲେ ଓ ଅତି ସମାରୋହ ସହିତ ଅଭ୍ୟର୍ଥନା ପାଇଲେ । ନଗରର ଚାରିମାଇଲ ଅନ୍ତରରୁ ସରଦାରମାନେ ତାଙ୍କୁ ଅଗୁଆଳି କରି ଆଣିଲେ । ସେମାନେ ଅଶ୍ୱାରୋହୀ ଓ ହାତୀ ସଙ୍ଗରେ ନେଇ ଥିଲେ । ରାଜଦୂତ ହାତୀରେ ଚଢ଼ି ଆସିଲେ ଓ ଅଶ୍ୱାରୋହୀ ତାଙ୍କ ସମଭିବ୍ୟାହାରୀ ହେଲେ । ନଗରର ବାହାରରେ ପଥ ଦୁଇ ପାର୍ଶ୍ୱରେ ଗୋଲନ୍ଦାଜ, ଅଶ୍ୱାରୋହୀ ଓ ନଅ ପଲ୍ଟନ ସିପାହିମାନେ ଦଣ୍ଡାୟମାନ ହୋଇଥିଲେ । ସେମାନେ ସମସ୍ତେ ସଲାମି ଦେଲେ ଓ ବାଜା ବାଜିଲା ଏବଂ ୧୭ ତୋପ ଫାଏର ହେଲା । ଦେଖିବାପାଇଁ ଅନେକ ଲୋକ ସମାଗତ ହୋଇଥିଲେ ଓ ସମସ୍ତେ ଶିଷ୍ଟତା ପ୍ରକାଶ କଲେ । ଉକ୍ତ ଦାଉଦସାହା ଓ ମସ୍ତଫି ରାଜଦୂତଙ୍କ ବସାକୁ ଯାଇ ସାକ୍ଷାତ କଲେ । ସନ୍ଧ୍ୟା ସମୟରେ ରାଜଦୂତ ଅମିରଙ୍କ ନିକଟକୁ ଯାଇ ଲାଟ ସାହେବଙ୍କର ପତ୍ର ଦେଲେ । ଅମିର ମହାରାଣୀ ଓ ରାଜ ପରିବାର ଓ ଲାଟ ସାହେବଙ୍କ କୁଶଳତା ବିଷୟ ପଚାରିଲେ ଓ ଫରାସୀ ରାଜକୁମାରଙ୍କର ମୃତ୍ୟୁରେ ଦୁଃଖ ପ୍ରକାଶ କଲେ । ତାଙ୍କର ବନ୍ଧୁଭାବ ଦେଖା ଗଲା । ପଥରେ ରାଜଦୂତଙ୍କର ସମୁଚିତ ଚର୍ଚ୍ଚା ହେବାର ଅମିର ବନ୍ଦୋବସ୍ତ କରିଥିଲେ ଓ ରାଜଦୂତ ସକଳ ସ୍ଥାନରେ ସମ୍ମାନ ପାଇ ଅକ୍ଲେଶରେ କାବୁଲରେ ପ୍ରବେଶ ହେଲେ ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଅମିର ସନ୍ଧିର ନିୟମ ସବୁ ସମ୍ପୂର୍ଣ୍ଣରୂପେ ପ୍ରତିପାଳନ କରୁଅଛନ୍ତି ଓ କରିବେ ଓ ଗବର୍ଣ୍ଣମେଣ୍ଟପ୍ରତି ବନ୍ଧୁଭାବ ରଖିବେ ସୁଖର ବିଷୟ ।

---

ଆମ୍ଭେମାନେ ଏପର୍ଯ୍ୟନ୍ତ ଏ ନଗରର ଖାସମହାଲ ପ୍ରଜାଙ୍କର ଦୁଃଖ ଗାଉଥିଲୁଁ ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ଅତି ଦୁଃଖିମାନଙ୍କର କିଞ୍ଚିତ୍ ପରିମାଣରେ ଦୁଃଖ ନିବାରଣର ବିବରଣ ଅତି ଆନନ୍ଦପୂର୍ବକ ପାଠକମାନଙ୍କୁ ଜଣାଉଅଛୁଁ । ବନ୍ଦୋବସ୍ତ ଯେପରି କଠିନ ଓ ଦୁଃଖିଙ୍କପ୍ରତି ଯେପରି କଷ୍ଟକର ହୋଇଅଛି ତାହା ଆମ୍ଭେମାନେ ପୁନଃ ପୁନ ଲେଖିଅଛୁଁ ସେଥିରେ କେହି କର୍ଣ୍ଣପାତ କଲେ ନାହିଁ ମାତ୍ର ବୋର୍ଡର

Digitized by srujanika@gmail.com

Split by PDF Splitter

142



ମେମ୍ବର ମାନ୍ୟବର ଡାମ୍ପୀୟର ସାହେବ ଏ ସ୍ଥାନରେ ବର୍ତ୍ତମାନ ହୋଇ ଏ କଥା ଶୁଣିବାରୁ ଏ ବିଷୟରେ ରିପୋର୍ଟ ତଲବ କଲେ ତହୁଁ କଲେକ୍ଟର ନୋଲନ ସାହେବ ପ୍ରଜାଙ୍କ ଅବସ୍ଥା ଦେଖି ଜମାରୁ କିଛି କ୍ଷମା ଦେବା କାରଣ ରିପୋର୍ଟ କଲେ । ଏ ପ୍ରସଙ୍ଗ ଆମ୍ଭେମାନେ ପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ ବର୍ତ୍ତମାନ ଶୁଣିଲୁଁ ଯେ ବୋର୍ଡ ତହିଁରେ ସମ୍ମତ ହୋଇ ଦୁଃସ୍ଥପ୍ରଜାଙ୍କର କର ଊଣା କରିବାର ଆଜ୍ଞା ଦେଇଅଛନ୍ତି । ଏହେତୁ ଖାସମହାଲ ଦୁଃସ୍ଥପ୍ରଜାଙ୍କର ତାଲିକା ହେଉଅଛି ସେମାନେ କିଛି ଛାଡ ପାଇବେ ମାତ୍ର ଶୁଣିଲୁଁ ମୋଟରେ ଦେଡ଼ ସହସ୍ରରୁ ଅଧିକ ଛାଡ ହେବ ନାହିଁ ।

ଆମ୍ଭମାନଙ୍କ ବିବେଚନାରେ ଆହୁରି କିଛି ଛାଡ ଦେବାର ଆବଶ୍ୟକ ଥିଲା । ବନ୍ଦୋବସ୍ତରେ ପୂର୍ବ ଜମା ଦ୍ବିଗୁଣ ବଢି ହୋଇଅଛି ଏତେ ଅଧିକ କି ପ୍ରଜାମାନେ ସହଜରେ ଦେଇ ପାରିବେ ? ଏକ ଗୁଣ କାଟିଦେଇ ତିନିଗୁଣ ରଖି ଥିଲେ ଏକପ୍ରକାର ଚଳନ୍ତା । ଜମା ଛଡ଼ା ଜମିସମ୍ବନ୍ଧରେ ମ. ଅନେକ ଗୋଲମାଲ ଶୁଣାଯାଏ ଅର୍ଥାତ୍ ଜଣକର ଜମି ଅନ୍ୟ ଜଣ ନାମରେ ବନ୍ଦୋବସ୍ତ ହୋଇଅଛି । ବନ୍ଦୋବସ୍ତ ଯେପରି ତରତରରେ ହୋଇଅଛି ସେଥିରେ କିଛି ଭ୍ରମ ରହିଥିବାର ବିଚିତ୍ର ନୁହେ । ଅତଏବ ଥରେ ବନ୍ଦୋବସ୍ତକୁ ପରତାଲ ଦେଇ ଜମା କିଛି ଊଣା କରିଦେଲେ ସବୁ ଉତ୍ତମ ହୁଅନ୍ତା । ଯାହା ହେଉ ଏତିକି ଯେ ହେଲା ଏହି ଢେର । ସାମ୍ପ୍ରତ ଡାମ୍ପୀୟର ସାହେବଙ୍କ ଯୋଗେ ଏତିକି ହୋଇଥିବାରୁ ଆମ୍ଭେମାନେ ତାଙ୍କର ପ୍ରଶଂସା କରୁଅଛୁଁ । ଏଠାକୁ ତାଙ୍କର ଆସିବାର ଗୋଟିଏ ଫଲ ଏହା ଅଟଇ ସୁଖର ବିଷୟ ।

---

### ସଂସ୍କୃତ ଶିକ୍ଷାପ୍ରତି ଆସ୍ଥା ।

ସଂସ୍କୃତ ଶିକ୍ଷାରେ ଉତ୍ସାହ ଦେବା ନିମିତ୍ତ ଲୋକଙ୍କର କ୍ରମଶଃ ଆଗ୍ରହ ବଢିବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଉଅଛୁଁ । ଏତେଦିନ ସଂସ୍କୃତକୁ କେହି ପଚାରୁ ନ ଥିଲେ । ସ୍ବ,ବ,ସ୍ଥ ଓଡିଶାରେ କେବଳ ଢେଙ୍କାନାଳର ମୃତ ମହାରାଜା ସଂସ୍କୃତ ଭାଷାର ଅନୁରାଗୀ ଥିଲେ ଏବଂ ପଣ୍ଡିତମାନଙ୍କର ଗୁଣ ପରୀକ୍ଷା କରି ଯଥାଯୋଗ୍ୟ ସମ୍ମାନ କରୁଥିଲେ । ତାହାଙ୍କ ଦୟାରୁ ଓଡିଶାରେ ଦୁଇ ଏକ ଜଣ ଉଚ୍ଚଶ୍ରେଣୀର ପଣ୍ଡିତ ମଧ୍ୟ ହୋଇଥିଲେ । ମହାରାଜାଙ୍କ ମୃତ୍ୟୁ ଉତ୍ତାରୁ ଆଉ ସେପରି କେହି ହୋଇ ନାହିଁ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ସଂସ୍କୃତ ଭାଷା ଉପରେ ଦୃଷ୍ଟି ପଡିବାରୁ ଏକ ଏକ ଜଣ ଦେଶୀୟଲୋକ ଯେ ତହିଁର ଉତ୍ସାହ ନିମିତ୍ତ ଦାନାରବାର ଆରମ୍ଭ ହୋଇଅଛି ବଡ ସୁଖର ବିଷୟ ଅଟଇ । ବାଲେଶ୍ବରର ବିଖ୍ୟାତ କୁମାର ବୈକୁଣ୍ଠ ନାଥ ଦେ ଏ ବିଷୟରେ ପଥପ୍ରଦର୍ଶକ ହେଲେ ଏବଂ କଟକ ଜିଲ୍ଲାରେ ବାବୁ ରାମଗୋବିନ୍ଦ ଜଗଦେବ ଅଗ୍ରଗଣ୍ୟ ହେଲେ । ପୁରୀରେ କ୍ଷେତ୍ରମୋହନ ବାବୁ ମଧ୍ୟ ଆପଣା ସାଧ୍ୟାନୁସାରେ ଊଣା କରି ନାହାନ୍ତି । ଫଳତଃ ଆମ୍ଭେମାନେ ଅନୁମାନ କରୁଁ କି ସଂସ୍କୃତ ଶିକ୍ଷାର ଉତ୍ତମ ସୁଯୋଗ ନ ହେଲେ ବୃତ୍ତି ସ୍ଥାପନ ଦ୍ବାରା ବିଶେଷ ଉପକାର ହେବ ନାହିଁ ଏବଂ ବୃତ୍ତିର ପରିମାଣ ମଧ୍ୟ ସେପରି ନୁହଇ କି ଯହିଁରେ ଏକବ୍ୟକ୍ତି ଆପଣା ଘର ଛାଡି ଅନ୍ୟ ସ୍ଥଳରେ ରହି ଶିକ୍ଷା କରିବାକୁ ସକ୍ଷମ ହେବ । ଯେବେ ଗଡଜାତର ରାଜା ଏବଂ ମୁଗଲବନ୍ଦୀର ଧନାଢ୍ୟ ଜମିଦାରଙ୍କ ମଧ୍ୟରୁ କେହି ୨ ଢେଙ୍କାନାଳର ମୃତ ମହାରାଜାଙ୍କ ପରି ଦୁଇ ଚାରି ଜଣ ଛାତ୍ରଙ୍କୁ ସଂସ୍କୃତରେ ସୁଶିକ୍ଷିତ କରାଇବାର ଭାର ନେବେ ଓ ସେମାନଙ୍କର ସମସ୍ତ ବ୍ୟୟ ଦେଇ ସ୍ବଦେଶ ବା ବିଦେଶରେ ଉପଯୁକ୍ତ ଯୋଗ୍ୟତା ଲଭିବା ପର୍ଯ୍ୟନ୍ତ ପଢାଇବେ ତେବେ ଓଡିଶାରେ ଭଲ ପଣ୍ଡିତ ଶୀଘ୍ର ହେବାର ସମ୍ଭବ ନୋହିଲେ ଅନୁମାନ ହୁଅଇ ବୈକୁଣ୍ଠ ବାବୁଙ୍କ ବୃତ୍ତି ପରି ଅନ୍ୟାନ୍ୟ ବୃତ୍ତି ମଧ୍ୟ ବିଦେଶୀୟଙ୍କ ଭାଗ୍ୟରେ ପଡିବ ଏବଂ ଓଡିଶାର କିଛି ଭଲ ହେବ ନାହିଁ ।

---

### କୋର୍ଟଫିସ ଜାଲ ।

କୃତ୍ରିମ କୋର୍ଟଫିସ ଟିକଟ ପ୍ରସ୍ତୁତ ହେଉଥିବା ଓ କେତେକ ଜଣ ଧରାପଡିଥିବା ପ୍ରସଙ୍ଗ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ବର୍ତ୍ତମାନ ଜାଲକାରମାନେ ଧୃତ ହୋଇ ଦଣ୍ଡ ପାଇଥିବାର ବୃତ୍ତାନ୍ତ ସୁଲଭସମାଚାରରୁ ଅବଗତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ । ପ୍ରଧାନ ଜାଲକାରର ନାମ ହୋସେନ ବକ୍ସ୍ ଓ ତାହାର ନିବାସ ଲକ୍ଷ୍ନୌରେ । ସେ ଏକଶତଟଙ୍କା ମୂଲ୍ୟର ଟିକଟ ଜାଲ କରୁଥିଲା । ପୁଲିସର ଇନସ୍ପେକ୍ଟର ବାବୁ କୃଷ୍ଣଚନ୍ଦ୍ର ବାନର୍ଯ୍ୟା ଅତି ଚତୁରତା ଓ କୌଶଲପୂର୍ବକ ତାକୁ ଓ ତାହାର ସଙ୍ଗୀମାନଙ୍କୁ ଧରିଲେ । ସେ କିଛି ସନ୍ଧାନ ପାଇ ଗଁଚଡାରେ ଥିବା ରାମଲାଲ ନାମକ ଜଣେ ହିନ୍ଦୁସ୍ଥାନିର ବସାକୁ ଯାଇ ଖାନେତଲାସି କରିବାରେ କେତେଗୁଡ଼ିଏ ରେଜିଷ୍ଟ୍ରୀ ଲଫାଫା ପ୍ରାପ୍ତ ହେଲା । ରାମଲାଲର ଚାରିପୁଅ ମଧ୍ୟରୁ ଏକଜଣ ଗଁଚଡାରେ ଓ ଅନ୍ୟଜଣ ଲକ୍ଷ୍ନୌରେ ଥିଲା । ପ୍ରାପ୍ତ ଲଫାଫାରେ ଲକ୍ଷ୍ନୌର ମୋହର ଥିବାରୁ କୃଷ୍ଣଚନ୍ଦ୍ର ବାବୁ କିଛି ନ କହି ତତ୍କ୍ଷଣାତ୍ ଲକ୍ଷ୍ନୌକୁ ଗଲେ ! ସେଠାରେ କିଛିଦିନ ରହି ଡାକଘରେ ଅନୁସନ୍ଧାନ କରି ଗଁଚଡାର ଖଣ୍ଡେ ଚିଠୀ ଧରିଲେ । ସେଥିରେ ରାମଲାଲ ବଡପୁଅଠାକୁ ଲେଖିଥିଲା କି "ଏଠାରେ ପୁଲିସ ଆସି ଗୋଳମାଳ କରିଥିଲେ ମାତ୍ର କିଛି ସନ୍ଧାନ ନ ପାଇଲେ ତୁମ୍ଭେ ସେଠାରେ ସାବଧାନ ଥିବ ଯେପରି ପୁଲିସ କିଛି ଜାଣି ନ ପାରନ୍ତି । ଆମ୍ଭେ ଅମୁକ ତାରିଖରେ ରେଲଗାଡିରେ ଯିବୁଁ ତୁମ୍ଭେ ଷ୍ଟେସନକୁ ଆସିଥିବ" । କୃଷ୍ଣଚନ୍ଦ୍ର ବାବୁ ସମୟ ବୁଝି ଷ୍ଟେସନକୁ ଯାଇ ଦୁଇଭାଇଙ୍କୁ ଧରିଲେ ଓ ସେମାନଙ୍କଠାରୁ ସକଳ ବିଷୟ ଅବଗତ ହେଲେ ଏମାନେ କେବଳ ବିକ୍ରୟ କରୁଥିଲେ ହୋସେନ ବକ୍ସ ଜାଲ କରୁଥିଲା । ସେ ଫଟୋଗ୍ରାଫ କର୍ମ କିଛି ଶିଖିଥିବାରୁ ରଙ୍ଗ କରିବାର କର୍ମ ଭଲ ଜାଣୁଥିଲା । ସେ ପ୍ରଥମେ ଅତି ଦୁଃଖରେ ଦିନପାତ କରୁଥିଲା ଜାଲ କରି ବଡମନୁଷ୍ୟ ହୋଇଥିଲା ଏମନ୍ତ କି ତାହାର ଚାରି ପାଞ୍ଚଜଣ ବାନ୍ଦୀ ଓ ୨୦ କି ୨୫ ଜଣ ଚାକର ଥିଲେ । କୃଷ୍ଣ ବାବୁ ତାହା ଘରକୁ ଯାଇ ଜାଲ କରିବାର ଯନ୍ତ୍ରମାନ ପ୍ରାପ୍ତ ହେଲେ । ଭିନ୍ନ ୨ ସ୍ଥାନର ସବ ଷ୍ଟାମ୍ପ-ଫରୋସମାନେ ତାହାର କୃତ୍ରିମ କୋର୍ଟଫିସ କ୍ରୟ କରି ଅର୍ଦ୍ଧେ ଦାମ ଆପେ ନେଉଥିଲେ ଓ ଅର୍ଦ୍ଧେ ତାକୁ ଦେଉଥିଲେ । ସେ ଏହିପ୍ରକାରରେ ସାତବର୍ଷ କାଳ ଜାଲକୋର୍ଟଫିସ ଟିକଟ ଚଳାଇ ସତରହଜାର ଟଙ୍କାର ବିକ୍ରୟ କରିଥିଲା । କୃଷ୍ଣ ବାବୁ ହୋସେନ ବକସ୍ ଓ ପାଞ୍ଚଜଣ ଷ୍ଟାମ୍ପ ବିକେତାଙ୍କୁ ଧରି ଚାଲାଣ କରିବାରୁ ବିଚାରରେ ହୋସେନକୁ ପାଞ୍ଚବର୍ଷ, ଦୁଇଜଣ ବିକେତାଙ୍କୁ ପାଞ୍ଚ ୨ ବର୍ଷ, ଦୁଇଜଣଙ୍କୁ ତିନି ୨ ବର୍ଷ ଓ ଏକଜଣଙ୍କୁ ଦଶବର୍ଷ ଓ ରାମଲାଲକୁ ମଧ୍ୟ ସାତବର୍ଷ କାରାବାସର ଦଣ୍ଡ ହେଲା ।

ଅପରାଧୀମାନେ ଯଥୋଚିତ ଦଣ୍ଡ ପାଇଅଛନ୍ତି । ମାତ୍ର ଆମ୍ଭମାନଙ୍କ ବିବେଚନାରେ ହୋସେନ ବକସ୍ ପ୍ରତି ଦଣ୍ଡ କିଛି ଊଣା ହୋଇଅଛି ସେ ଜାଲକର୍ତ୍ତା ଥିବାରୁ ତାକୁ ଆଉ କିଛି ଅଧିକ ଦଣ୍ଡ ଦେବାର ଉଚିତ ଥିଲା । ଆମ୍ଭେମାନେ କୃଷ୍ଣ ବାବୁଙ୍କ କାର୍ଯ୍ୟରେ ଅତି ସନ୍ତୁଷ୍ଟ ହୋଇ

Digitized by srujanika@gmail.com

Split by PDF Splitter



ନ୍ତି । ସେ ଅନେକ ପରିଶ୍ରମ ଓ ବିଚକ୍ଷଣତା ପୂର୍ବକ ଏ କାଲ ଧରିଅଛନ୍ତି ତାଙ୍କୁ ବିହିତ ପୁରସ୍କାର ଦେବାର ଉଚିତ । ପୁଲିସର ଅନ୍ୟ କର୍ମଚାରୀମାନେ କୃଷ୍ଣ ବାବୁଙ୍କ ପରି ହେବେ କି? "କାଣିବିଲେଇ ଅର୍ବର୍ଗା ଉପରେ ଟଣ" ଏହି ପଦ ଅନେକଙ୍କୁ ଦେଖାଯାଏ । ସ୍ତ୍ରୀରୁ ମଦକ୍ଷୀମାନେ ଛିଣ୍ଡାକନା ବା କଦଲୀ ଚେଷ୍ଟା କଲେ ତାହା ଅନେକେ ଧରିପାରନ୍ତି ନାହିଁ ବଡ଼ ଚେଷ୍ଟା ବେଳକୁ ସେମାନଙ୍କର ବୁଦ୍ଧି ବଣା ହୁଏ ।

## ଜୁଲୁଯୁଦ୍ଧ ।

ଏ ଯୁଦ୍ଧ ଅନେକଦିନ ସ୍ଥଗିତ ଥିଲା ଏଥି ମଧ୍ୟରେ ଇଂରେଜମାନେ ସୈନ୍ୟ ସଂଗ୍ରହ କରି ଉନ୍ମୂଳ ଯୁଦ୍ଧର ଆୟୋଜନରେ ଥିଲେ । ନାଲ ଏତ ଓ ଅନ୍ୟସ୍ଥାନମାନଙ୍କରୁ ଗୋରା ଓ ଦେଶୀୟ ସେନାମାନ ଅଣାଇ ସକଳ ଆୟୋଜନ ଠିକ କରି ଇଂରେଜମାନେ ଜୁଲୁଙ୍କପ୍ରତି ଆକ୍ରମଣାର୍ଥ ଅଗ୍ରସର ହେଲେ । ଏଥି ମଧ୍ୟରେ ଜୁଲୁରାଜା ସନ୍ଧିର ପ୍ରାର୍ଥନା କରିଥିଲେ, ଏଥିରେ ତାଙ୍କର କିଛି ପ୍ରବଞ୍ଚନା ଅଛି କି ନା ଏହା ବୁଝିବା କାରଣ ଉଲସଲି ସାହେବ ତାଙ୍କ ନିକଟକୁ ସମ୍ବାଦ ଦେଲେ କି ସେ ତାଙ୍କର ଜଣେ ପ୍ରଧାନ ମନ୍ତ୍ରୀଙ୍କୁ ପଠାଇଦେଲେ ସେ ସେମାନଙ୍କର ସହିତ ସନ୍ଧିର ନିୟମ ସ୍ଥିର କରିବେ । ରାଜା ମନ୍ତ୍ରୀ ନ ପଠାଇବାରୁ ଇଂରେଜମାନେ ଉଲଣ୍ଡିକୁ ଚଢାଉ କଲେ । ଉଲଣ୍ଡିରେ ରାଜାଙ୍କର ବାସସ୍ଥାନ । ପଥରେ ଇଂରେଜଙ୍କର ସେନାମାନେ ଜୁଲୁଙ୍କର ବିଶଗୋଟି ସୈନ୍ୟାବାସ ଭସ୍ମୀଭୂତ କରିଦେଲେ । ଉଇଲସଲି ସାହେବ ଡନଫୋର୍ଡରୁ ଗତମାସ ତା ୨ ରିଖରେ ପ୍ରବେଶ ହେଲାରୁ ଜ ୭୦୦ ଣ ଜୁଲୁ ତାଙ୍କର ଶରଣାଗତ ହୋଇ ସେମାନଙ୍କର ୭୦୦ ଗୋଟି ପଶୁ ସମର୍ପି ଦେଲେ ।

ଲର୍ଡ କେମ୍ସଫୋର୍ଡ ଉଲଣ୍ଡିର ୧୦ ମାଇଲ ଅନ୍ତରରେ ପ୍ରବେଶ ହୋଇ ରାଜାଙ୍କ ନିକଟକୁ ସମ୍ବାଦ ଦେଲେ କି ସେ ଇଂରେଜଙ୍କର ପଶୁ ଓ ତୋପମାନ ଯେ ନେଇଥିଲେ ସେ ସବୁ ଫେରାଇ ଦେଲେ ଯୁଦ୍ଧ ସ୍ଥଗିତ ହେବ ନଚେତ୍ ସେ ଶୀଘ୍ର ଆକ୍ରମଣ କରିବେ । ରାଜା ଏହା ପ୍ରତିପାଳନ ନ କଲେ ଓ ଜୁଲୁମାନେ ପ୍ରଥମେ ଇଂରେଜ ସୈନ୍ୟଙ୍କୁ ବନ୍ଧୁକ ମାଇଲେ ତହୁଁ ସାହେବ ପ୍ରଶଂସିତ ଯୁଦ୍ଧ ନିମନ୍ତେ ଅଗ୍ରସର ହେଲେ । ସେ ଜ ୪୦୬୨ ଣ ଗୋରା ଓ ଜ ୧୧୦୩ ଣ ଦେଶୀୟ ସେନା ଓ ଆଠଗୋଟି ତୋପ ସହିତ ଗତମାସ ତା ୪ ରିଖରେ ଉଲଣ୍ଡିରେ ପ୍ରବେଶ ହେବାରୁ କୋଡିଏହଜାର ଜୁଲୁ ସେନା ଇଂରେଜଙ୍କୁ ଆକ୍ରମଣ କଲେ ରାଜା ସ୍ୱୟଂ ସୈନ୍ୟାଧ୍ୟକ୍ଷ ହୋଇ ଥିଲେ ଦୁଇଘଣ୍ଟାକାଲ ଭାରି ଯୁଦ୍ଧ ଲଗିଲା, ପରିଶେଷରେ ଜୁଲୁମାନେ ପରାସ୍ତ ହୋଇ ପଲାଇଲେ । ସେମାନଙ୍କ ମଧ୍ୟରୁ ସହସ୍ରେ ହତ ଏବଂ ଇଂରେଜଙ୍କର ଜ ୧୦ ଣ ହତ ଓ ଜ ୫୩ ଣ ଆହତ ହୋଇ ଅଛନ୍ତି । ଉଲଣ୍ଡି ନଗର ଓ ଅନ୍ୟ ସ୍ଥାନରେ ଥିବା ଜୁଲୁଙ୍କର ସୈନ୍ୟାବାସମାନ ଭସ୍ମୀଭୂତ ହୋଇଅଛି । ଏ ଯୁଦ୍ଧରେ ଜୁଲୁମାନେ ଅତି ସାହସ ପ୍ରକାଶ କରି ମରି ପଡିଲେ । ସେମାନେ ଆପଣାର ଶାରୀରିକ ପରାକ୍ରମ ଉପରେ ନିର୍ଭର କରି ଅତି ସାହସପୂର୍ବକ ଏକାବେଳକେ ଇଂରେଜଙ୍କ ସୈନ୍ୟ ଉପରେ ପଡି ହାଣକାଟ ଆରମ୍ଭ କଲେ. କିନ୍ତୁ ତୋପ ବନ୍ଧୁକ ମୁଖରେ କି ବଳ ଚଳେ ଇଂରେଜ ସୈନ୍ୟ ଏପରି କଳ କୌଶଳରେ ଆକ୍ରମଣ କଲେ ଯେ ଜୁଲୁମାନେ ଅସ୍ଥିର ହୋଇ ପଲାଇଲେ । ଯଦ୍ୟପି ସେମାନେ ଏପରି ମୂର୍ଖପଣ ପ୍ରକାଶ ନ କରି କ୍ରମେ ଆକ୍ରମଣ କରିଥାନ୍ତେ ତେବେ ସେମାନେ ଏତେ ସହଜରେ ହାରି ନ ଥାନ୍ତେ କାରଣ ସେମାନଙ୍କର ସଂଖ୍ୟା ଅଧିକ ଥିଲା ଓ ସେମାନେ ଅତି ବଳବାନ୍ ଏବଂ ଯୁଦ୍ଧବିଦ୍ୟାରେ ମଧ୍ୟ ନିତାନ୍ତ ଅପଟୁ ନୁହନ୍ତି । ଏଥିପୂର୍ବେ ଗୋଟିଏ ଫରାସି ଯୁଦ୍ଧଜାହାଜ ଜୁଲୁଦେଶ ନିକଟରେ ବୁଡିଯିବାରୁ ଜୁଲୁମାନେ ଜାହାଜରେ ଥିବା ବ୍ୟକ୍ତିମାନଙ୍କ ସାହାଯ୍ୟ କରି ଆପଣା ଦେଶରେ କିଛିଦିନ ରଖି ସେମାନଙ୍କଠାରୁ ଯୁଦ୍ଧ ବିଦ୍ୟା କିଛି ଶିଖିଥିଲେ । ଏ ହେତୁ ସେମାନେ ଇଂରେଜଙ୍କୁ ଏତେ ହରବର କରିଦେଲେ । ଯାହାହେଉ ପରିଶେଷରେ ହାରିଲେ ଇଂରେଜଙ୍କ ସଙ୍ଗେ ସମସର ହେବା ସହଜ ବ୍ୟାପାର ନୁହଇ । ଉକ୍ତ ତାରିଖ ସନ୍ଧ୍ୟା ସମୟରେ ଇଂରେଜଙ୍କ ସୈନ୍ୟ ଜୟୋଲ୍ଲାସରେ ଆପଣା ଛାଉଣିକୁ ବାହୁଡି ଆସିଲେ । ବିଲାତର ତାର ସମ୍ବାଦରୁ ଜଣାଯାଏ ଯେ ଜୁଲୁମାନଙ୍କୁ ଲର୍ଡ କେମସ୍ଫୋର୍ଡ ଜିଣିବାରୁ ସମସ୍ତ ପଲଟନରେ ଜୟୋଲ୍ଲାସ ଲାଗିଅଛି । ଇଂରେଜ ଯେଉଁ ତୋପ ସବୁ ହରାଇ ଥିଲେ ସେ ସବୁ ପୁନଃ ପ୍ରାପ୍ତ ହୋଇ ଅଛନ୍ତି । ବୋଧହୁଏ ଜୁଲୁରାଜା ଆଉ ଯୁଦ୍ଧ ନ କରି ସନ୍ଧି ସ୍ଥାପନ କରିବେ ।

## ରମ୍ପା ବିଦ୍ରୋହ ।

ମାନ୍ଦ୍ରାଜ ବିଭାଗ ରାଜମହେନ୍ଦ୍ରି ଅନ୍ତର୍ଗତ ରମ୍ପା ବିଦ୍ରୋହର ବୃତ୍ତାନ୍ତ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । ସେ ବିଦ୍ରୋହ ଏ ପର୍ଯ୍ୟନ୍ତ ନିବାରଣ ହୋଇ ନାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଏଥିର କାରଣ ଏହି ଯେ ବଣ ମଧ୍ୟରେ ପୁଲିସ ବା ପଲଟନର କର୍ତ୍ତୃତ୍ୱ ଚଳୁ ନାହିଁ । ଯେଉଁମାନଙ୍କୁ ଆୟତ୍ତ କରିବାର ଏପରି କଠିନ ଅଳ୍ପ କଥାରେ ସେମାନଙ୍କର ରାଗ ଜନ୍ମାଇବାର ଉଚିତ ନ ଥିଲା । ଆବକାରୀ ସଂକ୍ରାନ୍ତରେ ପ୍ରଥମେ କଲହ ଆରମ୍ଭ ହେଲା ସେଥିରେ ସରକାରଙ୍କର କେତେକ କୋଟାକେତେ ଟଙ୍କାର ହାନି ଥିଲା ମାତ୍ର ଏବେ କେତେଟଙ୍କା ନଷ୍ଟ ହେଲାଣି । ଲୋକ ଦେଖି ବ୍ୟବହାର କରିବାକୁ ହୁଏ । ରମ୍ପାର ସରକାରୀ କର୍ମଚାରୀ ଅତି ଅବିବେକତା ଓ ଅଦୂରଦର୍ଶିତା ପୂର୍ବକ କାର୍ଯ୍ୟ କରି ଅଛନ୍ତି ସନ୍ଦେହ ନାହିଁ ପ୍ରାୟ ପାଞ୍ଚମାସ ହେଲା ସେଠାରେ ଗଣ୍ଡଗୋଳ ଲାଗିଅଛି ଓ ଊଣା ନ ହୋଇ କ୍ରମେ ବଢୁଅଛି । ଗତମାସ ତା ୧୯ ରିଖର ବିଦ୍ୟୁତ୍ ବାର୍ତ୍ତାରୁ ଜଣାଯାଏ ଯେ ବିଦ୍ରୋହ ଦମନକୁ ପୁଲିସ ଅକ୍ଷମ ହୋଇ ଅଛନ୍ତି ବହୁସଂଖ୍ୟକ ବିଦ୍ରୋହୀ ଦାଇଶୀ ମୁହାଣରେ ଗାମଗ୍ରେକ ନାମକ ଜାହାଜକୁ ଆକ୍ରମଣ କରି ଲୁଟିନେଲେ । ତା ୧୩ ରିଖରେ ସରକାରୀ କର୍ମଚାରୀମାନେ କୋଠଦା ଛାଡି ପଳାଇ ଆସିଲେ । ବିଦ୍ରୋହ କ୍ରମେ ବିସ୍ତାର ହେଉଅଛି ଓ ଲୋକେ ବଡ ସଶଙ୍କିତ ଅଛନ୍ତି ଯଙ୍କଲପାଦରେ ଏକ ପଲଟନ ପ୍ରବେଶ ହୋଇ ଦେଖିଲେ ଯେ ଉଟଲା ଗ୍ରାମ ପୋଡି ଯାଉଅଛି ।

ମେଜର ଯଙ୍ଗ ସାହେବ ଚନ୍ଦ୍ରିଆର ଦଳକୁ ଆକ୍ରମଣ କରି ଜଣକୁ ହତ ଓ ତିନିଜଣକୁ ଅସ୍ତ୍ର ଇତ୍ୟାଦି ସହିତ ଧୃତ କରିଥିଲେ ମାତ୍ର ଚନ୍ଦ୍ରିଆ ପଲାଇଗଲା । ଚନ୍ଦ୍ରିଆର ଦଳ ଅତି ବଳିଷ୍ଠ ସେମାନେ ଧରା ନ ପଡିଲେ ଅନ୍ୟମାନେ ସହଜରେ ପରାସ୍ତ ହେବେ ନାହିଁ । ଯେଉଁ ପୁଲିସ ଓ ପଲଟନ ବିଦ୍ରୋହ ଦମନରେ ନିଯୁକ୍ତ ହୋଇଅଛନ୍ତି ସେମାନେ ବନମଧ୍ୟରେ ବିଦ୍ରୋହିଙ୍କୁ ଗୋଡାଇ ଧରି ପାରୁ ନାହାନ୍ତି ଓ ଜ୍ୱରରେ ପୀଡିତ ହୋଇ ଅକର୍ମଣ୍ୟ ହେଉଅଛନ୍ତି । ସେ ଅଞ୍ଚଳର ଜଙ୍ଗଲୀଜ୍ୱର ଅତି ଭୟଙ୍କର ସେଥିରୁ ଉଦ୍ଧାର ପାଇବାର ମହାକଷ୍ଟ । ତା ୨୬ ରିଖର ତାରସମ୍ବାଦରୁ ଜଣାଯାଏ ଯେ ରାଜମହେନ୍ଦ୍ରିକୁ କେତେକ ପଲଟନ ତୋପ ସହିତ ପ୍ରେରିତ ହୋଇଅଛନ୍ତି ଓ ଆହୁରି କେତେକ ଯିବେ ।

Digitized by srujanika@gmail.com

Split by PDF Splitter

144



ମାତ୍ର ଏମାନେ ଯେ ବନ ମଧ୍ୟରେ କାର୍ଯ୍ୟ କରିବାକୁ ସକ୍ଷମ ହେବେ ସନ୍ଦେହ ଏ ହେତୁ ତେଲିନ୍ୟୁସ ପ୍ରସ୍ତାବ କରନ୍ତି ଯେ ବଣୁଆଙ୍କୁ ଦମନ କରିବାପାଇଁ ଅନ୍ୟ ବଣୁଆଙ୍କୁ ନିଯୁକ୍ତ କଲେ ସହଜରେ କାର୍ଯ୍ୟ ସଫଳ ହେବ । ଗୋଦାବରୀ ଜିଲାର ବଣ ଓ ପର୍ବତରେ ଗଣ୍ଡ ଜାତୀୟ ଅନେକ ବଣୁଆଁ ଅଛନ୍ତି ସେମାନଙ୍କ ସରଦାରମାନେ ଗୋଣ୍ଡସ ବୋଲାନ୍ତି । ସେମାନେ ସତ୍ୟବାଦୀ ଓ ସାହସିକ ଅଟନ୍ତି । ସେମାନେ ମଧ୍ୟ ଟାକ୍ସ ଜ୍ୱାଳାରେ ବଳକ୍ତ ଥିବେ ମାତ୍ର ସେମାନଙ୍କୁ ଆଶ୍ୱାସନା ଓ ଧନ ବା ଭୂମି ଦେଇ ସ୍ଥାନୀୟ ସୈନ୍ୟ ବା ଖଣ୍ଡାଏତ ସ୍ୱରୂପ ନିଯୁକ୍ତ କଲେ ନିଶ୍ଚୟ ଶାନ୍ତି ରକ୍ଷା ହେବ ଏମନ୍ତ ନ ରଖିଲେ ବିଦ୍ରୋହମାନେ ଏହା ଜାଣିଲେ କ୍ଷତି ଆପେ ନିବୃତ୍ତ ହୋଇ ଯିବାର ସମ୍ଭାବନା । ଏ ପ୍ରସ୍ତାବଟି ମନ୍ଦ ନୁହେ, ପରୀକ୍ଷାସ୍ୱରୂପ ଗବର୍ଣ୍ଣମେଣ୍ଟ ଥରେ ଏଥିର ଚେଷ୍ଟା କରନ୍ତୁ । ଯେଉଁ କଥା ଯୋଗୁ ବିଦ୍ରୋହ ହେଲା ତହିଁର ମୀମାଂସାପାଇଁ ଚେଷ୍ଟା ହେଉଥିବାର ଶୁଣା ଯାଏ ମାତ୍ର ଏହା ପୂର୍ବରୁ ହୋଇଥିଲେ ଉତ୍ତମ ହୋଇଥାନ୍ତା ବର୍ତ୍ତମାନକୁ ବଡ ବିଳମ୍ବ ହୋଇଅଛି ଯଦ୍ୟପି ସଫଳ ହୁଏ ତେବେ ସର୍ବାପେକ୍ଷା ଭଲ

---

# ସାପ୍ତାହିକସଂବାଦ ।

ଗତ ଶନିବାର ଉତ୍ତମ ବର୍ଷା ହୋଇଥିଲା ଓ ରବିବାର ଅଳ୍ପ ବର୍ଷା ହୋଇ ମେଘ ଯାଇଅଛି । ସେହିଦିନୁ ପ୍ରଚଣ୍ଡ ରୌଦ୍ର ଓ ଗ୍ରୀଷ୍ମ ହେଉଅଛି ଜଳ ମଧ୍ୟ ଶୁଖି ଯାଉଅଛି । ଧାନଗଛମାନଙ୍କରେ ଏପରି ଖରା ଅତି ଅଶୁଭ କଥା—ଯାହା ହେଉ ଏପର୍ଯ୍ୟନ୍ତ ଅଧିକ କ୍ଷତି ହୋଇ ନାହିଁ ଏଣିକି ବର୍ଷା ନ ହେଲେ ବଡ ଅକ୍ଷମ ହେବ । ଏହା ଲେଖା ହେବା ଭିତରେ ଅଳ୍ପ ମନ୍ଦ ବର୍ଷା ହେଉଅଛି ।

ମାଡାଙ୍ଗା ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କଠାରୁ ଶୁଣିଲୁଁ ସେଠାରେ ମେଘାଦି ନ ଥିଲେ ମଧ୍ୟ ଗ୍ରହଣ ଦୃଶ୍ୟ ହୋଇ ନାହିଁ । ଉକ୍ତ ଗ୍ରାମ କଟକରୁ କେବଳ ମା ୨୪ ଦୂର ଅନ୍ତର ଏଠାରେ ଗ୍ରହଣ ଦୃଶ୍ୟ ହୋଇ ସେଠାରେ ନ ହେବାର ଅସମ୍ଭବ । କେଏ କୁହେ ନିରୂପିତ ସମୟର ଘଣ୍ଟା ଉପରେ ଗ୍ରହଣ ହେବାରୁ ସେଠା ଲୋକେ ନିରୂପିତ ସମୟରେ କେବଳ ସୂର୍ଯ୍ୟଙ୍କୁ ଗ୍ରହଣ ନ ଦେଖି ଆଉ ଗ୍ରହଣ ଜାଗିବା ଦେଖି ନାହାନ୍ତି । ଏହି କାରଣରୁ ବାଲେଶ୍ୱରବାସୀମାନେ ଗ୍ରହଣ ଦର୍ଶନରୁ ବଞ୍ଚିତ ହେବାର ଅନୁମାନ ହେଉଅଛି ।

ଗୋଟିଏ ଅଦ୍ଭୁତ କଥା ଶୁଣ—ଏ ଜଣ କଗତ୍‌ସିଂହପୁରର ପ୍ରଧାନ ଇନ୍‌ସ୍‌ପେକ୍‌ଟର ରିପୋର୍ଟ କରିଅଛନ୍ତି ଯେ ତାଙ୍କ ଥାନାର ନିକଟ ଗ୍ରାମ ନିବାସୀ ଜଣେ ପରିହାର ଭାର୍ଯ୍ୟା ଗତ ମାସ ତା ୧୨ ଦିନରେ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ପ୍ରସବ କରିଅଛି । ପୁତ୍ର ପୃଥକ୍ ମାତ୍ର କନ୍ୟା ଦୁହେଁ ଯୋଡ ହୋଇ-

ଅଛନ୍ତି । ସେମାନଙ୍କ ମସ୍ତକ, ହସ୍ତ ଓ ପାଦ ଏବଂ ମଳ ଓ ପ୍ରସ୍ରାବ ଦ୍ୱାର ପୃଥକ୍ ଥାଇ ଦୁହିଙ୍କର ପେଟ ଓ ଛାତି ଏକ ଚମରେ ଯୁକ୍ତ ହୋଇଅଛି । ଇନ୍‌ସ୍‌ପେକ୍‌ଟର ସ୍ୱୟଂ ଏହା ଦେଖିଅଛନ୍ତି । ସେମାନେ ଜୀବିତ ଅଛନ୍ତି ଓ ରହିଲେ କୌତୁକର ପାତ୍ର ହେବେ ।

ଖୋରଧାର ଅସିଷ୍ଟାଣ୍ଟ ମେଜେଷ୍ଟର ଫିଲପ ସାହେବ ଜଳ ଦୁର୍ଭିକ୍ଷରେ ପରୋପକାରୀ ହେବାରୁ ଗବର୍ଣ୍ଣମେଣ୍ଟରୁ ଏକ ସହସ୍ର ଟଙ୍କା ପୁରସ୍କାର ପାଇଅଛନ୍ତି ।

ଶ୍ରୀରାମପୁର ସେରେସ୍ତାଦାର ବକ୍ସି ହାରାଣଚନ୍ଦ୍ର ବାନୁର୍ଯ୍ୟା ଘୁଷବତ ନେବା ଦୋଷରେ ଏକ ବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ପାଇଅଛି । ଅଧିକ ତାହା ଉପରେ ଟ ୨୦୦୦ ଙ୍କା ଅର୍ଥଦଣ୍ଡ ଓ ଆଉ ସରକାରୀ ଚାକିରି ନ ପାଇବାର ଆଜ୍ଞା ହୋଇଅଛି । ସାବଧାନ ।

ଭେରନକୁଲର ବୋଲାନ୍ତି ଅସିଷ୍ଟାଣ୍ଟ ଇନସ୍‌ପେକ୍‌ଟରମାନେ ପରୀକ୍ଷା ଦେଇ ମେଜେଷ୍ଟରୀ କ୍ଷମତା ପାଇଲେ ସେମାନଙ୍କର ବେତନ ବୃଦ୍ଧି ହେବାର ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ଏ ନିୟମର ପୂର୍ବରୁ ଅଛି ତଦପରିକୁ ଆଉ କଛି ଅଥବା ପାଇବେ କ ?

ଉକ୍ତ ପର୍ବତାରୁ ରଙ୍ଗପୁର ହେଇଁ ଦୁର୍ଗା ଧୁବାକୁ ପ୍ରସ୍ତାବିତ ପାଣ୍ଡବନ ପରିବର୍ତ୍ତେ ଅଠରନ ଲେଖେଗ ବନ କରିବା କାରଣ ବୋର୍ଡ ଗବର୍ଣ୍ଣମେଣ୍ଟକୁ ଅନୁରୋଧ କରିଅଛନ୍ତି । ଏହା ହେଲେ ସୁଦ୍ଧା ସୁବିଧା ଭଲ ପଡୁଅଛି । ଏଥିର କାରଣ କଣ ? ଅସମାନଙ୍କର ବାଞ୍ଛା ବାରବନକୁ ତହିଁ ବର୍ଜନ ନ ହେଉ ।

ବାହୁଦା ବୋଲନ୍ତି ବାଲେଶ୍ୱରରେ ମଦଦଙ୍କ ସଂଖ୍ୟା ଏବେ ବୃଦ୍ଧି ହୋଇଅଛି ସେ ବାଉରେ ବାଉଗଣ ପୁଞ୍ଜ, କଦଳୀ ପୁଞ୍ଜ, କଟଗୀ ଓ ପାଉଗଡ଼ା ସୁଦ୍ଧା ରକ୍ଷା ପାଇ ନାହିଁ । ଦେଖ, ବାସନ ବସନ ଇତ୍ୟାଦିର ଚୋରି ଭଲ ନୁହେ । ଏ ସାମାନ୍ୟ ଚୋରି ଧରିବାରେ ପୁଲିସର ବଡ ଟାଣପଣ ଦେଖାଉ ଥିଲେ ଏବେ ଏଥିରେ ସୁଦ୍ଧା ଅକ୍ଷମ ହେଲେଣି କି ? ଚେତେ ହେଉ !

ଗତ ମାସ ତା ୧୯ ଦିନରେ ମାନ୍ୟବର ଇଡେନ ସାହେବ କଲିକତାରୁ ବାହୁଡ଼ି ଅସିଲେ । ତାଙ୍କର ଅଭ୍ୟର୍ଥନାର୍ଥ ସରକାରୀ କର୍ମଚାରୀ ଓ ଦେଶୀୟ ଭଦ୍ର ବ୍ୟକ୍ତିମାନେ ରିଅଲଦାରେ ଉପସ୍ଥିତ ଥିଲେ । ତା ୨୧ ଦିନରେ ଇଡେନ ସାହେବ ସିମଲାକୁ ଯାତ୍ରା କଲେ ।

ଗତ ମାସ ୧୭ ଦିନ ପର୍ଯ୍ୟନ୍ତ ବାଲେଶ୍ୱର ନଗରରେ କ ୫୦୦ ଣ ଲୋକ ଓଲାଉଠାରେ ନଷ୍ଟ ହୋଇଅଛନ୍ତି ବଡ ଦୁଃଖର ବିଷୟ । ଯାହା ହେଉ ଏଣିକି ମୃତ୍ୟୁ ସଂଖ୍ୟା କମେ ଦିଶା ହୋଇ ଆସୁଅଛି ଭରସା କୁଏ ଅଚ୍ଛ ଦିନେ ରୋଗ ଶାନ୍ତ ହେବ ।

ଭୁଷ ଦେଶରେ ଅର୍ଣ୍ଣିର ଉତ୍ପାତ ବଡ ହୋଇଅଛି । ଦମ୍ପେଟ ନଗର ଭୂଇଁଗୋଟି ଗ୍ରାମ ଅଗ୍ନିସ୍ତୁପେ ଭସ୍ମୀଭୂତ ହୋଇଅଛି । ସହସ୍ର ଲୋକ ଘରଛ ଅବସ୍ଥାକୁ ପ୍ରାପ୍ତ ହୋଇ ଅଛନ୍ତି । ସନ ୧୮୭୯ ସାଲରେ ୫୦୦୦ ସର ପୋଡ ଯାଇଥିଲା । ରୁଷ ଅନେକ ଯୁଦ୍ଧ କରୁଥିବାରୁ ଅର୍ଣ୍ଣି ଦେବତା ତାଙ୍କ ଉପରେ କୁପିତ ହୋଇଅଛନ୍ତି କି ?

ଅଲକେରିସ୍ଥାର ନିକଟରେ ବିଦ୍ରୋହ ହୋଇଥିଲା ମାତ୍ର ବିଦ୍ରୋହୀମାନଙ୍କ ମଧ୍ୟରୁ ଜ ୭୦ ଣ ଦୂର ଓ ଜ ୮୦ ଣ ଅଗ୍ନିତ ହେବାରୁ ସେମାନେ ପରାସ୍ତ ହୋଇଅଛନ୍ତି ।

ଏଥିପୂର୍ବେ ଓକାଲତନାମା ଷ୍ଟାମ୍ପକରିବା ସମ୍ବନ୍ଧରେ ହାଇକୋର୍ଟ ଯେଉଁ ସର୍କୁଲର ପ୍ରକାଶ କରିଥିଲେ ତାହା ପାଠକେ ଅବଗତ ଅଛନ୍ତି । ବର୍ତ୍ତମାନ ଉକ୍ତ ସର୍କୁଲର ପରିବର୍ତ୍ତନରେ ଆଉ ଗୋଟିଏ ନୂଆ ସର୍କୁଲର ବାହାର

ଅଛି । ହାଇକୋର୍ଟ ଆଦେଶ କରିଅଛନ୍ତି ଯେ ଉକ୍ତ କଚେରୀ ବା ସାହେବ ଓ ମୁନ୍‌ସିଫମାନେ ସେମାନଙ୍କ ଇଲାକାର ସମସ୍ତ ଶ୍ରେଣୀର ଉକିଲମାନଙ୍କୁ ଡକାଇ ସାଧାରଣଙ୍କ ସାକ୍ଷାତରେ ବୁଝାଇ ଦେବେ ଯେ ଉକିଲମାନେ ମୌକିଲମାନଙ୍କଠାରୁ କିମ୍ବା ସେମାନଙ୍କ ପକ୍ଷୀୟ ଏଜେଣ୍ଟମାନଙ୍କଠାରୁ ଯେଉଁ ଓକାଲତନାମା ଗ୍ରହଣ କରିବେ ସେଥି ନିମନ୍ତେ ସେମାନେ ସ୍ୱୟଂ ଅଦାଲତରେ ଦାୟୀ ଅଟନ୍ତି ।

ଆନନ୍ଦର ବିଷୟ ଏହି ଯେ ଗ୍ୱାଲିୟରନିବାସୀ ପ୍ରେମଚନ୍ଦ ବାବୁ ଆନନ୍ଦମୋହନ ବେଷ ବିଲାତରେ ଇଷ୍ଟଇଣ୍ଡିଆ ଏସୋସିଏସନକୁ ମଣାଇବାକୁ ସଭ୍ୟମାନେ ସମ୍ପାଦକ ଅରନ ଓ ସରପେଲ୍ସ ଷ୍ଟେଟ୍ ଆଉନ ବରୁକରେ ସେକ୍ରେଟେରୀ ଅର୍ଜେଣ୍ଟେଲକୁ ସାହେବଙ୍କ ନିକଟରେ ଆବେଦନ କରିବାକୁ ସ୍ୱୀକୃତ ହୋଇ ଅଛନ୍ତି ।

କାଶ୍ମୀରର ରାଜଧାନୀ ଶ୍ରୀନଗରର ଅବସ୍ଥା ଶୁଣିଲେ ଶରୀର ରୋମାଞ୍ଚିତ ହୁଏ । ପୂର୍ବେ ଏହି ନଗରରେ ତିନିଲକ୍ଷ ଲୋକ ବାସ କରୁଥିଲେ । ସମ୍ପ୍ରତି ମହାମାରୀ ଓ ମହାକାଳ ହେତୁରୁ କେବଳ ୩୦ ହଜାର ମାତ୍ର ବାକୀ ଅଛନ୍ତି ।

ସନ ୧୮୭୮ ସାଲ ମଧ୍ୟରେ ପୃଥିବୀରେ ସର୍ବସୁଦ୍ଧା ୧୦୪ ଥର ଭୂମିକମ୍ପ ହୋଇଥିଲା । ଅନ୍ୟାନ୍ୟ ସମସ୍ତ ଅପେକ୍ଷା ଶୀତ ଓ ଶରତ କାଳରେ ଅଧିକଥର ହୋଇଥିଲା ।

ଏଟନା ପର୍ବତର ଅଗ୍ନି-ଉତ୍ପାତ ପୁନର୍ବାର ହୋଇ ଅଛି ପର୍ବତରୁ କୃଷ୍ଣବର୍ଣ୍ଣ ଭସ୍ମରାଶି ନିର୍ଗତ ହେଉଅଛି; ତାହା ଏପରି ଘନ ଯେ, ପର୍ବତ ଆଉ ଦେଖା ଯାଉ ନାହିଁ ଓ ଆକାଶ ମଣ୍ଡଳରେ ସୂର୍ଯ୍ୟକିରଣକୁ ଏକାବେଳକେ ଅଟକ କରି ପକାଉ ଅଛି । ଭସ୍ମରାଶି ଯେଉଁ ସ୍ଥାନମାନଙ୍କରେ ପତିତ ହୋଇଅଛି ସେ ସ୍ଥାନମାନ କୃଷ୍ଣବର୍ଣ୍ଣ ହୋଇଅଛି । ଭଣ୍ଡେଜୋ ନିକଟରେ ପର୍ବତ ଫାଟିଯାଇ ନୂଆ ଜନଗୋଟି ମୁକ୍ତ ହୋଇଅଛି । ଗଳିତ ଦ୍ରବ୍ୟାଦି ନିର୍ଗତ ହୋଇ ପ୍ରଚଣ୍ଡବେଗରେ ଗ୍ରାମମାନ ଆଡ଼କୁ ଧାଇଁ ଯାଉଅଛି । ସେଠାର ଲୋକମାନଙ୍କ ମଧ୍ୟରେ ମହା ଉପଦ୍ରବ ହୋଇଅଛି ।

---

**NOTICE TO CORRESPONDENTS.**

*QUIDNUNC*—In our next.

*PHILO-PHÆDRUS*—Personalities are not our province.—

A number of letters anent the Temperance movement are on our Table. The correspondents are informed that in our opinion Temperance is good, so is writing, but too much of either is bad.

---


### ବିଜ୍ଞାପନ

ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ବିକ୍ରୟ

ବୃଦ୍ଧାକାଳ ପରିବର୍ତ୍ତରେ ଏହା ଅବଗତ କରାଯାଉଅଛି । କଲିକତାର ପ୍ରଧାନ ୨ ଦେଶୀୟ ଓ ବିଦେଶ ଗୋମସ୍ତାଙ୍କଠାରେ ଏହା ନିଶ୍ଚୟ ହେଉଅଛି । କଲିକତା ଟୋଷାଗାରର ସାର୍ଜନ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ତାହାମାନଙ୍କ ସହିତ ଠିକଣିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅନୁସାରେ ଟ ୧୦୦ ଙ୍କା ୮୦ ଆ ରୁ ଟ ୯୯ ।୮ ଆ ରୁ ଟ ୧୦୫ ପ୍ରତିଶତ ସଙ୍ଗେ ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।


---

ଏହି ଉତ୍କଳଦୀପିକା ସହର କଟକ ପରେସାବକାର ଲୋକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଗ
ସଂ ୩୨ ଖ୍ୟା

ତା ୯ ରିଖ ମାହେ ଅଗଷ୍ଟ ସନ ୧୮୭୯ ମସିହା । ମୁ । ଶ୍ରାବଣ ଦି ୨୭ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୯
ମଫସଲପାଇଁ ଡାକମାସୁଲ ଟ୧୫୵

କାବୁଲ ଯୁଦ୍ଧରେ ନିଯୁକ୍ତ ଥିବା ସୈନିକ କର୍ମଚାରୀମାନେ ଜୟଲାଭ କରି ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀଙ୍କଠାରୁ ନାନାଦି ପଦ ପାଇ ଅଛନ୍ତି । ଦେଶୀୟ ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନେ ପଦ ପାଇ ଅଛନ୍ତି ସେମାନଙ୍କ ନାମ ଓ ପଦ ନିମ୍ନେ ଲେଖୁଅଛୁଁ ଯଥା ।

| | |
|---|---|
| ନବାବ ଗୋଲାମହୋସେନଖାଁ ବାହାଦୁର | କେ, ସି, ଏସ୍, ଆଇ ଅର୍ଥାତ୍ ଭାରତ ନକ୍ଷତ୍ରର ଉତ୍ତମ ପଦ |
| କପୁରଥଲାର ସର୍ଦ୍ଦାର ବିକ୍ରମ ସିଂହ । ଯୋଧପୁରର ମହାରାଜା ପ୍ରତାପ ସିଂହ ବାହାଦୁର ୫ଙ୍କର ସାହେବଜାଦା ଅବଦୁଲଖାଁ | ସି, ଏସ୍, ଆଇ, ଅର୍ଥାତ୍ ଭାରତ ନକ୍ଷତ୍ର । |

ଯୁଦ୍ଧରେ ଦେଶୀୟ ବ୍ୟକ୍ତିଙ୍କର କାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ସେମାନଙ୍କୁ ଯେ ପଦ ପ୍ରଦାନ କରିଅଛନ୍ତି ଏଥିରେ ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ।

---

ଆମ୍ଭେମାନେ ଆନନ୍ଦପୂର୍ବକ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଭାରତବର୍ଷ ସଭାର ପ୍ରତିନିଧି ବାବୁ ଲାଲମୋହନ ଘୋଷ ବିଲାତରେ ବିଶିଷ୍ଟ କାର୍ଯ୍ୟ କରୁଅଛନ୍ତି । ସେଠାର ଇଷ୍ଟଇଣ୍ଡିଆ ସଭାରେ ବାବୁ ଉପସ୍ଥିତ ହୋଇ ଭାରତବର୍ଷ ବିଷୟରେ ବକ୍ତୃତା କରିଥିଲେ । ସେ ସମ୍ବନ୍ଧରେ ଲଣ୍ଡନ ନଗରର ଜଣେ ଇଂରେଜ ଲେଖିଅଛନ୍ତି ଯେ ବାବୁ ଯେପରି ସୁନ୍ଦର ଭାଷା ଓ ବାକ୍‌ପଟୁତା ସହିତ ବକ୍ତୃତା କଲେ ସେପରି କେହି ଇଂରେଜ ସହଜରେ କହିଥିଲେ ମଧ୍ୟ ପ୍ରଶଂସାର ଭାଜନ ହୁଅନ୍ତା । ଲାଲମୋହନ ବାବୁଙ୍କର ଆଉ ଗୋଟିଏ ବକ୍ତୃତା ଉତ୍ତାରେ ବ୍ରାଇଟ୍ ସାହେବ କହିଲେ କି ଭାରତବର୍ଷର ସୈନିକ ବ୍ୟୟ ଊଣା କରି ନ ପାରିଲେ ସେ ଦେଶକୁ ଛାଡ଼ିଦେବା ଓ ସେଠାରେ ଇଂରେଜ ରାଜତ୍ୱ ଅସମ୍ଭବ ଥିବାର ସ୍ୱୀକାର କରିବାର ଉଚିତ । ଲାଲମୋହନ ବାବୁ ଏହି ପ୍ରକାର ଦୁଇ ତିନି ବର୍ଷ ବିଲାତରେ ପରିଶ୍ରମ କଲେ କାର୍ଯ୍ୟ ସଫଳ କରି ପାରନ୍ତି ଓ ଭାରତବର୍ଷର ଅନେକ ଉପକାର ହୋଇପାରେ । ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ତାଙ୍କର ଶ୍ରମ ସଫଳ ହେଉ ।

---

ଗତ ମାସ ତା ୨୬ ରିଖରେ ବାଲେଶ୍ୱର ଇଂରେଜୀ ସ୍କୁଲର ଛାତ୍ରମାନଙ୍କର ବାର୍ଷିକ ପାରିତୋଷିକ ବିତରଣ କାର୍ଯ୍ୟ ବିଶେଷ ସମାରୋହରେ ସମ୍ପନ୍ନ ହୋଇଅଛି । ସାହେବ, ମେମ, ମହାଜନ ଜମିଦାର ସରକାରୀ କର୍ମଚାରୀ ଇତ୍ୟାଦି ଭଦ୍ର-ବ୍ୟକ୍ତିମାନେ ସଭାରେ ଉପସ୍ଥିତ ହୋଇଥିଲେ । କଲେକ୍ଟର ସାହେବ ପୀଡ଼ିତ ଥିବାରୁ ଜଏଣ୍ଟ ମେଜିଷ୍ଟ୍ରେଟ ସଭାପତିର ଆସନ ଗ୍ରହଣ କଲେ । ପ୍ରଥମେ କେତେକ ଛାତ୍ର ଇଂରେଜୀର ପଦ୍ୟ ଓ ପ୍ରଶ୍ନୋତ୍ତର ପ୍ରଭୃତି ପାଠକରି ଶୁଣାଇଲେ ଓ ଅନେକ ବାଳକଙ୍କର ପାଠ ଭଲ ହୋଇଥିଲା । ତହୁଁ ସଭାପତି ପାରିତୋଷିକ ବିତରଣ କଲେ ଓ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କୁମାର ବୈକୁଣ୍ଠ ନାଥ ଦେ ବ୍ୟାୟାମର ପୁରସ୍କାର ନିମନ୍ତେ ନଗଦ ଟ ୧୫ ଙ୍କା ଓ ପୁସ୍ତକ ନିମନ୍ତେ ଟ୩୫ଙ୍କା ଓ ବାବୁ ରାଧାରମଣ ଦାସ ଟ ୧୦ ଙ୍କା ବାବୁ ରାମମୋହନ ଦାସ ଟ ୭ ଙ୍କା ଓ ବାବୁ ଦ୍ୱାରିକାନାଥ ବରାଳ ଟ ୪ ଙ୍କାର ପୁସ୍ତକ ଛାତ୍ରମାନଙ୍କୁ ଦାନ କଲେ । ଏହା ପ୍ରଶଂସନୀୟ ଓ ଶିକ୍ଷାପ୍ରତି ଉତ୍ସାହଜନକ ଅଟଇ । ଏଠାରେ ଏପରି ଦାନ କେତେକ ବର୍ଷ ହେଲା ଦେଖା ଯାଉ ନାହିଁ ଦୁଃଖର ବିଷୟ । ତହୁଁ ସଭାପତି ବକ୍ତୃତା କରି ଛାତ୍ରମାନଙ୍କୁ କହିଲେ ଯେ ତୁମ୍ଭେମାନେ ରାଧାନାଥ ବାବୁଙ୍କ ତୁଲ୍ୟ ହେବାକୁ ଚେଷ୍ଟା କର । ତଦୁତ୍ତାରେ ବୈକୁଣ୍ଠ ବାବୁ ବଙ୍ଗଭାଷାରେ ଲିଖିତ ବକ୍ତୃତା ପାଠକଲେ । ସେ ବକ୍ତୃତାରେ କିଛି ଅସମ୍ବର୍ଦ୍ଧନୀୟ ବିଷୟ ଥିଲେହେଁ କେତେକ ଅଂଶ ଉତ୍କୃଷ୍ଟ ଥିଲା । ତଦନନ୍ତର ବାଳକମାନେ ବାହାରେ ବ୍ୟାୟାମ ସାଧନା ଦେଖାଇ ବୈକୁଣ୍ଠ ବାବୁଙ୍କର ଦତ୍ତ ପୁରସ୍କାର ପାଇଲେ ଓ ସଭା ଭଙ୍ଗ ହେଲା । ଏ ସଭାରେ ସ୍କୁଲର ବାର୍ଷିକ ବିଜ୍ଞାପନୀ ପାଠ ହେବାର ଉଚିତ ଥିଲା ତାହା ହୋଇ ନାହିଁ ।

---

ଲାଇସେନ୍ସ ଟାକ୍ସର ଯେ ନୂତନ ନିୟମମାନ ହୋଇଅଛି ତହିଁ ମଧ୍ୟରେ ଗୋଟି କେତେ ନିୟମ ଟାକ୍ସଦାତାଙ୍କ ପକ୍ଷରେ ଉତ୍ତମ ଓ ଲାଭକର

Digitized by srujanika@gmail.com

Split by PDF Splitter



ଅଟଇ । ତାହା ଏହି ଯେ ଅଗଷ୍ଟ ମାସ ପ୍ରଥମ ତାରଖ ପୂର୍ବେ ଯେଉଁମାନେ ଆପଣା୨ ଦେୟ ଟାକ୍ସ ସଦର କିମ୍ବା ସବ୍‌ଡିଭିଜନରେ ଦାଖଲ କରିବେ ସେମାନେ ଶତକଡା ଟ ୬ । ଅର୍ଥାତ୍ ପ୍ରତି ଟଙ୍କାରେ ଅଣାଏ ଲେଖାଁଏ ଛାଡ଼ ପାଇବେ ଏବଂ ଅଗେ ଟାକ୍ସ ଟଙ୍କା ଦାଖଲ କରି ପଶ୍ଚେ ମିଆଦ ମଧ୍ୟରେ ଅପିଲ କରି ପାରିବେ ଓ ଅପିଲରେ ଟାକ୍ସ କ୍ଷମା ବା କିଛି ଊଣା ହେଲେ ଦାଖଲ ଟଙ୍କାରୁ ତାହା ଫେର ପାଇବେ । ଲୋକେ ପଇସାଏ ଟାକ୍ସ ଦେବାକୁ କୁଣ୍ଠିତ ତହିଁରେ ସେମାନେ ଟଙ୍କାରେ ଏକଅଣା ଛାଡ଼ ପାଇଲେ ନିରୂପିତ ସମୟ ମଧ୍ୟରେ ଟାକ୍ସ ଦାଖଲ କରିବାକୁ ଅଗ୍ରସର ହୁଅନ୍ତେ । ମାତ୍ର ଏ ନିୟମ ଜୁଲାଇ ମାସ ତା ୧୬ ରଖରେ ପ୍ରକାଶିତ ହେଲା, ମୋଫସଲର ସକଲ ସ୍ଥାନରେ ଏହା ଅଗଷ୍ଟ ମାସ ତା ୧ ରଖ ପୂର୍ବେ ପ୍ରଚାର ହେବା ଲେଖିକି ଥାଉ ଏପର୍ଯ୍ୟନ୍ତ ସହରର ଲୋକେ ଏହା ଜାଣି ଅଛନ୍ତି କି ନା ସନ୍ଦେହ । ନିୟମ ବିଳମ୍ବରେ ବାହାରିବାରୁ ସେପ୍ଟମ୍ବର ମାସ ତା ୧ ରଖ ନିର୍ଦ୍ଧାରିତ କରିଥିଲେ ଭଲ ହୋଇ ଥାନ୍ତା । ବର୍ତ୍ତମାନ ଆଉ କିଛି ସମୟ ଦେବାରେ ଦୋଷ ନାହିଁ ଅତଏବ ଗବର୍ଣ୍ଣମେଣ୍ଟ ଟାକ୍ସ ଦାତାଙ୍କ ପକ୍ଷରେ ଅନୁଗ୍ରହ ପ୍ରକାଶ ପୂର୍ବକ ସେପ୍ଟେମ୍ବର ମାସ ତା ୧୫ ରଖ ନିରୂପିତ କରନ୍ତୁ ନଚେତ୍ ତାଙ୍କର ଏ ନିୟମଟି କେବଳ ନିୟମାବଳୀ ମଧ୍ୟରେ ଥିବ ଲୋକେ ତହିଁର ଫଳଭାଗୀ ହୋଇ ନ ପାରିବେ କିମ୍ବା ଗବର୍ଣ୍ଣମେଣ୍ଟ ଅନାୟାସେ ଶୀଘ୍ର ଟଙ୍କା ପାଇ ନ ପାରିବେ । କଲେକ୍ଟରମାନେ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ କିଛି ଫଳ ହୋଇ ପାରେ । ଏ ନିୟମ ପ୍ରଚାର ପୂର୍ବରୁ ଯେଉଁମାନେ ଟାକ୍ସ ଦେଇଅଛନ୍ତି ସେମାନଙ୍କୁ ଉକ୍ତ ଛାଡ଼ ଦେବାର ଉଚିତ ମାତ୍ର ଅଳ୍ପ ପରିମାଣର ଟାକ୍ସରେ ଅତ୍ୟଳ୍ପ ଛାଡ଼ ମିଳିବ ଏଥିପାଇଁ ଯେ ଲୋକେ ମଫସଲରୁ ଆସିବେ ଏହା ସମ୍ଭବ ନୁହେ । ଅତଏବ କଲେକ୍ଟରମାନେ କାନୁନଗୋଇଙ୍କଦ୍ୱାରା ଛାଡ଼ ଫେରାଇ ଦେଇ ଟାକ୍ସ ଦାତାଙ୍କଠାରୁ ରସିଦ ଅଣାଇବାର କିଛି ବ୍ୟବସ୍ଥା କରନ୍ତୁ ।

ଏହା ଲେଖିବା ଉତ୍ତାରୁ ଆମ୍ଭେମାନେ ଶୁଣିଲୁଁ ଯେ ଛାଡ଼ନିୟମଟି ଏ ଜିଲ୍ଲାରେ ପ୍ରଚାର କରିବା ପକ୍ଷରେ ଆଦୌ କିଛି ଉପାୟ ହୋଇ ନାହିଁ । ନୂତନ ନିୟମାବଳୀ ଏଠାରେ ପ୍ରାୟ ତା ୨୦ ରଖରେ ପ୍ରବେଶ ହେଲା ଓ କଲେକ୍ଟର ତାହା ଚଞ୍ଚଳ ପ୍ରଚାର କରିଥିଲେ ଅନେକ ଲୋକ ଜାଣିଥାନ୍ତେ ଓ ଫଳଭୋଗୀ ହୋଇଥାନ୍ତେ । କଲେକ୍ଟର ସାହେବଙ୍କର ତ୍ରୁଟିରୁ ସିନା ସେମାନେ ଏ ଫଳରୁ ବଞ୍ଚିତ ହେଲେ । ଅତଏବ ଆମ୍ଭେମାନେ ତାଙ୍କୁ କହୁଅଛୁଁ ଯେ ସେ ଯେପରି ପ୍ରଥମେ ଏପକ୍ଷରେ ତ୍ରୁଟି କରିଅଛନ୍ତି ସେହିପରି ମିଆଦ ବଢାଇବାଦ୍ୱାରା ସବୁଦୋଷ ମେଣ୍ଟାଇବାର ଚେଷ୍ଟା କରନ୍ତୁ ।

---

## ଜାତୀୟପ୍ରକୃତି ।

କଲିକତା ବ୍ରାହ୍ମସମାଜର ଜଣେ ପ୍ରଚାରକ ବାବୁ ରାମକୁମାର ବିଦ୍ୟାରତ୍ନ ଏ ନଗରକୁ ଆସିଅଛନ୍ତି । ଗତ ସୋମବାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ କୋଠାରେ ଏହାଙ୍କର ବକ୍ତୃତା ହୋଇଥିଲା । ବକ୍ତୃତା ଶୁଣିବା ଲାଗି କେତେ ଲୋକ ଏକତ୍ରିତ ହୋଇଥିଲେ । ଏଥିମଧ୍ୟରେ ସ୍କୁଲର ଛାତ୍ର ଓ ଅପର ଯୁବାଙ୍କ ସଂଖ୍ୟା ଅଧିକ ନଗରବାସୀ ମାନ୍ୟ ଗଣ୍ୟଲୋକ ଦୁଇ ଚାରିଜଣ ହେବେ କି ନାହିଁ ସନ୍ଦେହ । ବକ୍ତୃତାର ବିଷୟ "ଜାତୀୟପ୍ରକୃତି" ଥିଲା । ବକ୍ତା ଖ୍ରୀଷ୍ଟିୟାନ ମୁସଲମାନ ଏବଂ ହିନ୍ଦୁଙ୍କର ଧର୍ମ ପ୍ରକୃତି ସମ୍ବନ୍ଧୀୟ କେତେକ କଥା ସୁନ୍ଦରରୂପେ ବର୍ଣ୍ଣନା କରିଥିଲେ । ତହିଁର ସାର ମର୍ମ ଏହି ଯେ ଖ୍ରୀଷ୍ଟିୟାନ ଧର୍ମର ପ୍ରକୃତି କାର୍ଯ୍ୟ ଅଟଇ । କାର୍ଯ୍ୟଦ୍ୱାରା ଏମାନେ ସଭ୍ୟତା ଓ ଉନ୍ନତିର ଉଚ୍ଚ ସୋପାନରେ ଉଠିଅଛନ୍ତି । ଯେମନ୍ତ ଖ୍ରୀଷ୍ଟିୟାନଙ୍କ ଧର୍ମ ପ୍ରକୃତି କାର୍ଯ୍ୟ ସେହିପରି ମୁସଲମାନଙ୍କ ଧର୍ମ ପ୍ରକୃତି ବୀର୍ଯ୍ୟ ଅଟଇ ଅର୍ଥାତ୍ ଏମାନେ ଏକହସ୍ତରେ ଶାଣିତଖଣ୍ଡା ଏବଂ ଅନ୍ୟ ହସ୍ତରେ ଧର୍ମପୁସ୍ତକ କୋରାନ ଘେନି ଏକସମୟରେ ଆପଣା ପରାକ୍ରମ ଦେଖାଇ ପୃଥିବୀକୁ ଆକ୍ରମଣ କରିଥିଲେ ଏବଂ ଅନେକ ରାଜ୍ୟରେ ଆପଣା ଆଧିପତ୍ୟ ସ୍ଥାପନକରି ଜାତୀୟଜୀବନର ପରିଚୟ ଦେଇଥିଲେ । ଅଦ୍ୟାପି ତାହାଙ୍କ ଧର୍ମର ସେହି ପ୍ରକୃତି ରହିଅଛି ଓ ସେହି ବୀର୍ଯ୍ୟବଳରେ ସେମାନେ କେତେ ରାଜ୍ୟ ଅଧିକାର କରି ବସିଅଛନ୍ତି । ହିନ୍ଦୁଙ୍କର ଧର୍ମପ୍ରକୃତି କେବଳ ଧର୍ମ ଅଟଇ । ଏଥିର ପରିଚୟ ବେଦ, ପୁରାଣ ଇତ୍ୟାଦିରୁ ବିଲକ୍ଷଣ ଉପଲବ୍ଧି ହୁଅଇ । ହିନ୍ଦୁମାନେ ଧର୍ମକୁ ସବୁଠାରୁ ଅଧିକତର ମାନନ୍ତି । ଧର୍ମର ଅନୁରୋଧରେ ଏମାନେ ବୀର୍ଯ୍ୟ ବା ପ୍ରଭୁତ୍ୱକୁ ତୁଚ୍ଛ କରିଦିଅନ୍ତି । ରାମାୟଣ ଓ ମହାଭାରତ ଏଥିର ପ୍ରମାଣସ୍ୱରୂପ ଦେଖାଇଲେ । ରାମଚନ୍ଦ୍ର ପ୍ରବଳପ୍ରତାପୀ ବୀର ଥିଲେହେଁ ପିତାଙ୍କ ସତ୍ୟ ପାଳିବା ନିମିତ୍ତେ ରାଜ୍ୟ ତ୍ୟାଗକରି ବନବାସୀ ହେଲେ । ସେହିପରି ଯୁଧିଷ୍ଠିର ସତ୍ୟର ମହିମା ରକ୍ଷା କରିବା ନିମିତ୍ତେ ବଡ ବୀର ଓ ରାଜାଥିଲେହେଁ ଅଜ୍ଞାତରେ ନାନାକଷ୍ଟ ସହିଲେ । ଭାରତବର୍ଷର ପୂର୍ବର ଗୌରବ ନାହିଁ ଏଥିରେ ଯେଉଁ ମହାମହିମ ଋଷିମାନେ ଜନ୍ମଗ୍ରହଣ କରି ନାନାଶାସ୍ତ୍ର ସୃଷ୍ଟିରେ ଏମନ୍ତ ଅଦ୍ଭୁତ ଶକ୍ତି ପ୍ରଦର୍ଶନ କରିଅଛନ୍ତି ଯେ ଅଦ୍ୟାପି ଜଗତର ବିଜ୍ଞଲୋକମାନେ ମୋହିତ ହେଉଅଛନ୍ତି । ବର୍ତ୍ତମାନ ସେପରି ଲୋକ ଜନ୍ମ ହେଉ ନାହାନ୍ତି ସତ୍ୟ କିନ୍ତୁ ହିନ୍ଦୁମାନଙ୍କ ମନରୁ ଧର୍ମଭାବ ଯାଇ ନାହିଁ ଓ ସେହିଧର୍ମର ଆଲୋଚନା କରିବାକୁ ବକ୍ତା ମହାଶୟ ସମସ୍ତଙ୍କୁ ଅନୁରୋଧକରି କହିଲେ ଯେ ଆଜିକାଲି ରାଜକୀୟ ଇତ୍ୟାଦି ବିଷୟ ପ୍ରକାଶ୍ୟରେ ଆନ୍ଦୋଳନ କରିବାରେ ପଦେ୨ ବିପଦ କିନ୍ତୁ ଘରେବସି ଧର୍ମଚିନ୍ତା କଲେ ସ୍ୱର୍ଗୀୟ ସୁଖଲାଭ ହେବ ପରିଶେଷରେ କହିଲେ ଯେ ସମସ୍ତ ମନୁଷ୍ୟଙ୍କୁ ପରମେଶ୍ୱରଙ୍କ ସୃଷ୍ଟଜୀବ ଜ୍ଞାନକରି ପ୍ରେମକରିବ କାହାରିକୁ ଘୃଣା ବା ଇତର ଜ୍ଞାନ କରିବ ନାହିଁ । ବକ୍ତୃତାର ଏହି ଅଂଶଟି ବଡ ଚମତ୍କାର ହୋଇଥିଲା ଶ୍ରୋତାମାନେ ପୁନଃ୨ କରତାଳିଦ୍ୱାରା ଆନନ୍ଦ ପ୍ରକାଶ କରିଥିଲେ ।

---

## ସାଟତୋଳା ।

ସାଟ ହାଟ ଓ ଗଞ୍ଜରୁ ଜମିଦାରମାନେ ତୋଳା ବା ମାସୁଲ ଆଦାୟ କରିବା ପ୍ରଥା ସନ ୧୭୯୩ ସାଲରୁ ରହିତ ହୋଇ ଉକ୍ତ ସନର ୨୭ ଆଇନଦ୍ୱାରା ତାହା ସମ୍ପୂର୍ଣ୍ଣରୂପେ ନିଷେଧ ହୋଇ ଜମିଦାରମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲେହେଁ ଏବଂ ସନ ୧୮୬୧ ସାଲର ଅ ୨୯ ଆଇନଦ୍ୱାରା ଉକ୍ତ ଆଇନ ରହିତ ହେବାରୁ କେତେ୨ ଜମିଦାର ଉକ୍ତ ତୋଳ ଆଦ ନେବାର ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସି ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ସନ ୧୮୬୨ ସାଲର ଜାନୁଏରି ଏବଂ ସନ ୧୮୬୩ ସାଲର ଜୁନ ମାସ ଲିଖିତ ନିର୍ଦ୍ଧାରଣମାନଙ୍କଦ୍ୱାରା ବିଶେଷ ନିଷେଧ ଆଜ୍ଞା ପ୍ରଚାରିତ ହୋଇ କଲେକ୍ଟରଙ୍କୁ ଭବିଷ୍ୟତରେ ଦୃଷ୍ଟି ରଖିବା କାରଣ ତାଗିଦ ହୋଇଥିଲେହେଁ ଅଦ୍ୟାପି କେହି୨ ଜମିଦାର ଉକ୍ତପ୍ରକାର ତୋଳା ନେବାରୁ କ୍ଷାନ୍ତ ହୋଇ ନାହାନ୍ତି ବଡ଼ ଦୁଃଖର ବିଷୟ ଅଟଇ । ସମ୍ପ୍ରତି

Digitized by srujanika@gmail.com

Split by PDF Splitter



କେହି୨ ଜମିଦାରମାନଙ୍କ ମଧ୍ୟରେ ଅନ୍ୟାୟ କେଲା ନେବାର ରେଗ ବିଶେଷ ବୃଦ୍ଧି ହୋଇଅଛି ଓ ତହିଁପାଇଁ ଏ ନଗରବାସି ବ୍ୟବସାୟିମାନେ ଭାରି କଷ୍ଟରେ ପଡ଼ିଅଛନ୍ତି ଏବଂ ଏ ଅତ୍ୟାଚାରରୁ ରକ୍ଷା ପାଇବାର ଉପାୟ ଦେଖୁଅଛନ୍ତି । ପାଠକମାନେ ଜାଣନ୍ତି ଯେ ଏ ନଗର ମହାନଦୀକୂଳ ଗଡଗଡିଆ ଘାଟଠାରୁ ଯୋବରା ପର୍ଯ୍ୟନ୍ତ ଗୋଟିଏ ବଡ଼ଗଞ୍ଜ ଅଟଇ । ନୌକା ଦ୍ୱାରା ଯେତେ ପ୍ରକାର ଦ୍ରବ୍ୟାଦି ଆମଦାନି ରପ୍ତାନି ହୁଅଇ ସେ ସମସ୍ତର ଖରଦ ବିକ୍ରୀ ଏହିଠାରେ ହୋଇଥାଏ । ନଗରମଧ୍ୟର ହାଟ ଓ ବଜାରମାନଙ୍କରେ ଖୁଚୁରା କାରବାର ବିନ୍ତୁ ସମସ୍ତ ମୋଟ ଖରଦ ବିକ୍ରୟ ପ୍ରାୟ ନଦୀକୂଳରେ ହୋଇଥାଏ । ଏପର କାଠ ବାଉଁଶ ଛଣ ଚୁନା ଚୂନ ଇତ୍ୟାଦି ଯାହା ଗୋଲା ସ୍ଥାନରେ ହୁଅଇ ତହିଁର ଏକମାତ୍ର ଗୋଲା ବା ଗଞ୍ଜ ନଦୀକୂଳ ଅଟଇ ବାରମାସ ଏହିଠାରେ ତହିଁର ବ୍ୟବସାୟ ହୁଅଇ । ଏତେ ଟଙ୍କାର କାରବାର ନଦୀକୂଳରେ ହୁଅଇ ଅଥଚ ଜମିଦାରମାନେ କିଛି ପାନ୍ତି ନାହିଁ ଏହା କି ସହ୍ୟ ହେବାର କଥା ? । କଟକର ଯେଉଁ ଜମିଦାରଙ୍କ ଜମିଦାରୀ ତଳେ ମହାନଦୀର ଉକ୍ତ ଅଂଶ ପଡ଼ିଅଛି ସେମାନେ କେତେବର୍ଷ ତଳେ ଉକ୍ତ ଗୋଲାରେ ତୋଲା ଉସୁଲ କରିବାର ଚେଷ୍ଟା କଲେ କଲେକ୍ଟରୀ ଓ ଫୌଜଦାରୀରେ କେତେ ମୋକଦ୍ଦମା ହେଲା କିନ୍ତୁ ସେମାନେ କୌଣସିରୂପେ ଉକ୍ତପ୍ରକାର ଅନ୍ୟାୟ କର ବସାଇପାରିଲେ ନାହିଁ । ସେମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେବାରୁ ନିରସ୍ତ ହୋଇ ରହିଥିଲେ । ଏହିପରି କେତେବର୍ଷ ଅତିବାହିତ ହେଲା କିନ୍ତୁ ଜମିଦାରଙ୍କ ଲୋଭ ସମ୍ବରଣ ହେବାର ନୁହେ ଏଥର ସେମାନେ ସ୍ୱୟଂ କିଛି ନ କରି ଦୁଇଜଣ ଇଜାରଦାର କି ଯେଉଁମାନେ ଅନୁମାନ ହୁଅଇ ଅନ୍ୟାନ୍ୟ ଭଲ ବ୍ୟବସାୟରେ ଅର୍ଥ ଉପାର୍ଜନର ବାଟ ନ ପାଇ ସାଧାରଣଙ୍କ ଉପରେ ଅତ୍ୟାଚାର କରିବାଦ୍ୱାରା ବଡ଼ଲୋକ ହେବାକୁ ବସିଅଛନ୍ତି ନଦୀର ବାଲିକୁ ଜମିଦାରଙ୍କଠାରୁ ପଟ୍ଟା ନେଇ ନାନାଦି ଉତ୍ପାତ କରୁଅଛନ୍ତି । ଏକଜଣ ଦେଶୀୟ ଲୋକ ତାହାର ନାମ ଗଦେଇ ନାୟକ ଓ ଅନ୍ୟ ଜଣ ଇଂରେଜ ଉଇଣ୍ଟରଷ୍ଟେଲ ସାହେବ । ଏମାନେ ଦୁହେଁ ପ୍ରାୟ ଏକା ସମୟରେ କାର୍ଯ୍ୟ ଆରମ୍ଭ କରି ଅନେକଗୁଡ଼ିଏ ମକଦ୍ଦମା ଛୋଟ ଅଦାଲତରେ ଦାଏର କଲେଣି ଓ କେତେଟା ଡିକ୍ରୀ ମଧ୍ୟ ପାଇଲେଣି । ଗଦେଇ ନାୟକ ପ୍ରଥମେ ନୌକା ଉପରେ ମାସୁଲ ନେବାର ନାଲିଶ କରିଥିଲା ମାତ୍ର ତାହା ନିତାନ୍ତ ଅନ୍ୟାୟ ବୋଲି ଛୋଟ ଅଦାଲତ ଡିକ୍ରୀ ଦେଇ ପାରିଲେ ନାହିଁ । ତହୁଁ ସେ ନୌକା ଉପରେ ମାସୁଲ ନେବା ଦାବି ତ୍ୟାଗ କରି ଜମିର ଖଜଣା ବା ଖେସାରତ ପାଇବାର ନାଲିଶ କରୁଅଛି । ଉଇଣ୍ଟରଷ୍ଟେଲ ସାହେବ ମଧ୍ୟ ଏହିପରି ଜମିର ଖଜଣା ସକାଶେ ନାଲିଶ କରି ଡିକ୍ରୀ ପାଇଅଛି । ଏଥିର ବିବରଣ ଆମ୍ଭେମାନେ ବାରାନ୍ତରରେ ଲେଖିବୁଁ । ସମ୍ପ୍ରତି ଶୁଣିଲୁଁ ଯେ ଇଜାରଦାରମାନେ ସାହେବ ନୌକା ମାସୁଲ ଆଦାୟ କରୁଥିବାରୁ କେହି କେହି ପ୍ରପୀଡ଼ିତ ବ୍ୟକ୍ତି ଫଉଜଦାରୀରେ ନାଲିଶ କରିଥିଲେ ତହିଁରେ ପୁଲିସପ୍ରତି ଆଦେଶ ହୋଇଅଛି କି ଦରଖାସ୍ତଲିଖିତ ବିଷୟର ଅନୁସନ୍ଧାନ କରି ପ୍ରକୃତ ଘଟନା ହୋଇଥିଲେ ଆସାମିମାନଙ୍କୁ ଦଣ୍ଡବିଧି ଆଇନର ଧା ୧୪୩ ଧା ଅନୁସାର ଚାଲାନ କରିବେ । ତଦନୁସାର ପୁଲିସ ଅନୁସନ୍ଧାନ କରି କେତେକ ଆସାମିଙ୍କୁ ଚାଲାନ କରିଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ସର୍ବସାଧାରଣଙ୍କ ରକ୍ଷା ନିମିତ୍ତ ମାଜିଷ୍ଟ୍ରେଟ ସାହେବ ବିହିତ ବିଚାର କରିବେ ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କ କଲେକ୍ଟର ସାହେବଙ୍କର ଭ୍ରମଣ ଗସ୍ତ ପ୍ରସ୍ତାବରେ କିଛି ପରିବର୍ତ୍ତ ହୋଇଅଛି । ସେ ତା୨୫ ରିଖରେ ଏଠାରୁ ପ୍ରସ୍ଥାନକଲେ କେନ୍ଦ୍ରାପଡ଼ାକୁ ଯିବେ ନାହିଁ, ତା୧୦ ରିଖରେ ଯାଜପୁରରେ ପ୍ରବେଶ ହେବେ ତା୧୩ ରିଖଦିନ ଧର୍ମଶାଳାକୁ ଆସିବେ । ସାହେବ ପ୍ରଶଂସିତ କେବଳ ଜଣେ ହେଡ଼କ୍ଲର୍କଙ୍କୁ ସଙ୍ଗରେ ନେଇଥିବାରୁ ମଫସଲରେ ରସିଦର ଧୂମ ଅଟେନାହିଁ । ରସଦ ପରୱାନା ସୁବା ହେବାକୁନାହିଁ ଶୀତକାଳୀନ ଗସ୍ତରେ ସାହେବ ଏହିପରି କଲେ ଭଲହେବ ।

ଏ ସପ୍ତାହରେ ଏ ନଗରରେ ଯଥେଷ୍ଟ ବୃଷ୍ଟି ହୋଇଅଛି ଓ ନଦୀ ମଧ୍ୟ କିଛି ବଢ଼ିଅଛି । ଶୁଣିଲୁଁ ମୋଫସଲରେ ବର୍ଷା ହୋଇଥିବାରୁ ବେଉଷଣ କର୍ମ ଆରମ୍ଭ ହୋଇଅଛି । ବର୍ତ୍ତମାନର ଋତୁ କୃଷିପକ୍ଷରେ ହିତକର ଅଟଇ ତେଣିକି ଯାହା ହେଉ ।

ଅନଗୁଲ ତହସିଲଦାର କର୍ମରେ ବାବୁ ହାରାଧନଘୋଷଙ୍କ ମୁକରର ଗବର୍ଣ୍ଣମେଣ୍ଟରେ ମଞ୍ଜୁର ହୋଇଅଛି । ସେ ଆସନ୍ତା ବୁଧବାର ଅନଗୁଲକୁ ଯିବେ ।

ବାବୁ ହରମୋହନଦତ୍ତ କନ୍ଧମାଳକୁ ଯାଇଅଛନ୍ତି ।

ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହ୍ୱିଟମୋର ସାହେବ ଚମ୍ପାରଣ ଜିଲାକୁ ବଦଳୀ ହୋଇଅଛନ୍ତି । ସାହେବ ପ୍ରଶଂସିତ ଜଣେ ଉପଯୁକ୍ତ ହାକିମ ଥିବାରୁ ବାଲେଶ୍ୱରବାସିମାନେ ତାଙ୍କ ବଦଳରେ ଦୁଃଖିତ ଅଛନ୍ତି ।

ପୋଷ୍ଟଅଫିସ ଟିକଟ ଅନେକ ଜାଲ ହେବାରୁ ଗବର୍ଣ୍ଣମେଣ୍ଟ ତାହା ରହିତ କରି ପୂର୍ବପର ଷ୍ଟାମ୍ପ କାଗଜ ପ୍ରଚାର କରିବାର ବିଚାରୁ ଅଛନ୍ତି ।

ଗତ ସୂର୍ଯ୍ୟୋପରାଗ କଲିକତାରେ ଦୃଶ୍ୟ ହୋଇ ନାହିଁ ଉତ୍କଳପାଞ୍ଜି ଅପେକ୍ଷା ବଙ୍ଗଳା ପାଞ୍ଜିରେ ଗ୍ରହଣର କାଳ ଅଧିକ ଥିଲା ମାତ୍ର କଲିକତାରେ ଗ୍ରହଣ ଆଦୌ ଦେଖା ନ ଗଲା ଅତଏବ ବଙ୍ଗଳା ଗଣନା ଅଧିକ ଅଶୁଦ୍ଧ ପଡ଼ିଲା ।

କଲିକତା ହିନ୍ଦୁ ହୋଷ୍ଟେଲ ନିମନ୍ତେ ବାଲେଶ୍ୱରରେ ଟ୨୧୫ ଙ୍କା ଚେନ୍ଦା ସ୍ୱାକ୍ଷରିତ ହୋଇଅଛି ଓ ଆଉ କିଛି ହେବାର ଆଶା ଅଛି । କୁମାର ବୈକୁଣ୍ଠନାଥ ଦେ ସର୍ବାପେକ୍ଷା ଅଧିକ ଚେନ୍ଦା ଅର୍ଥାତ ଟ ୫୦୦ ଙ୍କା ସ୍ୱାକ୍ଷର କରି ଅଛନ୍ତି । ଏହା କୁମାରଙ୍କର ଉପଯୁକ୍ତ ହୋଇ ଅଛି ।

କଲିକତାର ମହାରାଜା ଯତୀନ୍ଦ୍ରମୋହନ ଠାକୁର ସି, ଏସ୍, ଆଇ ଅର୍ଥାତ ଭାରତ ନକ୍ଷତ୍ର ଉପାଧି ପାଇ ଅଛନ୍ତି । ଏ ମହାତ୍ମା ଯେପରି ଗୁଣବନ୍ତ ତାଙ୍କୁ ଏ ଉପାଧି ଦାନ ଉଚିତ ହୋଇ ଅଛି ।

ଆଜିକାଲି ଫ୍ରାନ୍ସରେ ପାରାଡାକର ବ୍ୟବହାର ଅତ୍ୟନ୍ତ ହୋଇଅଛି । ଦୌତ୍ୟ କାର୍ଯ୍ୟ ସମାଧା କରିବା ନିମନ୍ତେ ବର୍ତ୍ତମାନ ପାରିସରେ ଓ ଅନ୍ୟାନ୍ୟ କେତୋଟି ପ୍ରଧାନ ନଗରରେ ୨୦୦୦ ପାରା ଶାଳାସ୍ତ ଗବର୍ଣ୍ଣମେଣ୍ଟଦ୍ୱାରା ପ୍ରତିପାଳିତ ହେଉଅଛନ୍ତି । ସମୟ ସମୟରେ ପାରାମାନେ ଉକ୍ତ କାର୍ଯ୍ୟ ସମାଧା ନିମନ୍ତେ ସ୍ଥାନାନ୍ତରକୁ ପ୍ରେରିତ ହେଉଅଛନ୍ତି ଓ ସେମାନଙ୍କର ଗତିର ବେଗ ଅନୁସାରେ ରକ୍ଷକମାନଙ୍କ ପୁରସ୍କାର ଦିଆଯାଉଅଛି ।

ସମ୍ବାଦବାହିକା

୧ । ସୁଲଭ ସମାଚାରରୁ ଅବଗତ ହେଲୁଁ, ମାନ୍ଦ୍ରାଜରେ ପୁଣି ଲକ୍ସୁରି ଟାକ୍ସ ହୋଇଅଛି । ବର୍ତ୍ତମାନ କେବଳ ମନୁଷ୍ୟ ଘୋଡ଼ା ଓ ଲୁଗାପଟା ଉପରେ ଟାକ୍ସ ବସିବାକୁ ବାକି ରହିଲା ।

୨ । ଏଥର ମଶୁର ଡାଲିର ମହାତ୍ମ୍ୟ ପ୍ରକାଶ ହେଲା । ବିଲାତର ବଡ଼୨ ସାହେବମାନେ କହୁଅଛନ୍ତି ଯେ ଏହାପରି ଶସ୍ତା ଓ ପୁଷ୍ଟିକର ଖାଦ୍ୟ ଆଉ ପୃଥିବୀରେ ନାହିଁ । ଆଉ ରାଣୀ ଭିକ୍ଟୋରିଆ ମଧ୍ୟ ଖାଇ ଅତିଉତ୍ତମ ବୋଲିଅଛନ୍ତି । ବର୍ତ୍ତମାନ ମଶୁରର ମାନ ବଢ଼ିଲା । ତେବେ ଗରିବଙ୍କ ପାଖରେ ତାହାର ଦେଖା ମିଳିବା କଠିନ ହେବ ଓ କ୍ରମେ ମୂଲ୍ୟ ମଧ୍ୟ ବଢ଼ିବ । ପୂର୍ବେ ନବାବ ଯେ ପଟୋଲ ଖାଉଥିଲେ ତାହାର ସେର ଟଙ୍କାଏ ଥିଲା ।

୩ । ବିକ୍ରମପୁର ହାଁସାଡାର ଜଣେ ଧୂର୍ତ୍ତ ବ୍ରାହ୍ମଣ କଲିକତାରୁ ବାରବରଷ ବୟସର ଗୋଟିଏ ଖ୍ରୀଷ୍ଟିୟାନ କନ୍ୟାକୁ ଢାକାରେ ପହଞ୍ଚାଇ ଦେବ ବୋଲି କହି ନିଜଘରକୁ ନେଇଗଲା, ଏବଂ ଘରେ ସମସ୍ତଙ୍କୁ ଆପଣା ସ୍ତ୍ରୀ ବୋଲି ତାହାର ପରିଚୟ ଦେଲା । ପ୍ରାୟ ୧୦ । ୧୧ ମାସ କାଳ ଦୁର୍ବୃତ୍ତ ତାହାର ହସ୍ତାନ୍ନ ଖାଇଲା, ଓ ତାକୁ ଅବରୁଦ୍ଧ କରି ରଖି ଯତ୍ପରୋନାସ୍ତି କଷ୍ଟ ଯନ୍ତ୍ରଣା ଦେଲା । ସେ ଖ୍ରୀଷ୍ଟିୟାନ କନ୍ୟା ବୋଲି ପରିଚୟ ଦେଲେ ତାକୁ ଅନେକ ପ୍ରହାର କରେ । ଏପରି କିଛି ଦିନ ଉତ୍ତାରୁ ପୁଲିସ ସାହାଯ୍ୟରେ ସେ କନ୍ୟା ମୁକ୍ତ ହୋଇ ଢାକାରେ ତାହା ମାତା ନିକଟରେ ପହୁଞ୍ଚି ଅଛି । ମକଦ୍ଦମା ଉପସ୍ଥିତ ଅଛି । ବ୍ରାହ୍ମଣର ଜାତି ଯାଇଅଛି, ଏବେ ହୁଏତ ସେ ଶ୍ରୀଘରବାସୀ ହେବ ।

୪ । ଆଗତବର୍ଷ ଆଶ୍ୱିନରେ ବଡ଼ ଧୂମ୍‌ଧାମରେ ଦରବାର ହେବାର କଥା ହେଉଅଛି । ସ୍ୱାଲୁବଣାଙ୍କୁ ଯେନ ଖଣ୍ଡି୨ଟଙ୍କାର ଶ୍ରାଦ୍ଧ ହେବ ନାହିଁ କି ? ଗତଥର ଯେପରି ଦୁର୍ଭିକ୍ଷ ତହିଁରେ ଏପରି ତାମସା କି ଆଉ ଭଲ ଦିଶେ ?

୫ । ଇଂରେଜମାନେ ଯେମନ୍ତ ୟାକୁବଖାଙ୍କୁ ହସ୍ତଗତକରି ଅଫଗାନସ୍ଥାନକୁ ଭାରତର ସୀମାନ୍ତ ପ୍ରଦେଶ କଲେ ରୁଷ୍-

Digitized by srujanika@gmail.com

# ଅତିରିକ୍ତ ।

ଉତ୍କ[illegible] ୨ ତାରିଖ [illegible] ସନ ୧୮୭୯ ମସିହା ।

149

## ବିଜ୍ଞାପନ ।

ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟର ଅନତିଦୂରରେ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ସାହାଯ୍ୟଦ୍ୱାରା ଉତ୍କଳ ଆୟୁର୍ବେଦୀୟଚିକିତ୍ସାଳୟ ନାମରେ ଗୋଟିଏ ନୂତନ ଔଷଧାଳୟ ସ୍ଥାପନ କରାଯାଇଅଛି । ନାନାବିଧ ଦେଶୀୟ ଔଷଧ (ତୈଳ, ଘୃତ, ବଟିକା ପ୍ରଭୃତି) ପ୍ରସ୍ତୁତ କରଣଦ୍ୱାରା ଦେଶୀୟ ଔଷଧ ପ୍ରିୟ ବ୍ୟକ୍ତିମାନଙ୍କର ଅସୁବିଧା ଦୂର କରିବା ଏଥିର ଉଦ୍ଦେଶ୍ୟ ଅଟଇ ।

ବର୍ତ୍ତମାନ୍ ନିମ୍ନ ଲିଖିତ ଔଷଧମାନ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଯଥା;—

### ପିତ୍ତଶ୍ଳେଷ୍ମଜ୍ୱର ।

| | | |
|---|---|---|
| ଚନ୍ଦ୍ରଶେଖର ବଟୀ | ୭ ମାତ୍ରା | ଟ ୦ ।୵ |
| ଚନ୍ଦ୍ରଶେଖର ବଟୀ | ୭ „ | ଟ ୦ । |

### ସନ୍ନିପାତରେ ।

| | | |
|---|---|---|
| ମୃତସଞ୍ଜୀବନ ରସ | ୭ „ | ଟ ୦ ୵ |
| କାଳାନଳ ରସ | ୭ „ | ଟ ୦ ୵ |

### ଅମ୍ଳବାତ ରୋଗରେ ।

| | | |
|---|---|---|
| କୁବ୍ଜପ୍ରସାରଣୀ ତୈଳ | ସେ ୧ | ଟ ୧୭୵ |
| ଗନ୍ଧର୍ବାଦି ତୈଳ | ସେ ୧ | ଟ ୮୵ |

### ଶୂଳରୋଗରେ ।

| | | |
|---|---|---|
| ଶଙ୍ଖଭସ୍ମ | ତୋ ୧ | ଟ ୦ । |
| ନାରିକେଳ ରସାୟନ | ୧୪ ମାତ୍ରା | ଟ ୧୵ |
| ତାମ୍ରଭସ୍ମ | ତୋ ୧ | ଟ ୧୵ |

### ଅଜୀର୍ଣ୍ଣ ରୋଗରେ ।

| | | |
|---|---|---|
| ଜୁଆଣିଅର୍କ | ବୋ ୧ | ଟ ୦ ।୵ |
| ଚିତ୍ରକାଦି ପାଚକ | ୧ ସପ୍ତାହ | ଟ ୦ ୵ |

### ବାତ ରୋଗରେ ।

| | | |
|---|---|---|
| ପାନମହୁରି ଅର୍କ | ବୋ ୧ | ଟ ୦ ।୵ |
| ବଙ୍ଗଭସ୍ମ | ତୋ ୧ | ଟ ୦ ୵ |

### ମେହ ରୋଗରେ ।

| | | |
|---|---|---|
| ବଙ୍ଗେଶ୍ୱର | ୭ ମାତ୍ରା | ଟ ୨ |
| ସୁବର୍ଣ୍ଣସୁନ୍ଦରବାସ | ୭ „ | ଟ ୧୵ |

### ଅତିସାର ଓ ଗ୍ରହଣୀ ରୋଗରେ ।

| | | |
|---|---|---|
| କୁମୁଦାକର ରସ | ୭ ମାତ୍ରା | ଟ ୦୵ |
| କାମେଶ୍ୱର ମୋଦକ | ୧୪ „ | ଟ ୧ । |
| ମହାମଦନମୋଦକ | ୧୪ „ | ଟ ୧ ।୵ |
| ରତିବଲ୍ଲଭ ମୋଦକ | ୧୪ „ | ଟ ୧୵ |

### ସୂତିକା ରୋଗରେ ।

| | | |
|---|---|---|
| ସୌଭାଗ୍ୟ ଶୁଣ୍ଠିଖଣ୍ଡ | ୭ ମାତ୍ରା | ଟ ୦ ୵ |

ବର୍ତ୍ତମାନ୍ ନିମ୍ନ ଲିଖିତ ତୈଳମାନ ପ୍ରସ୍ତୁତ ହେଉଅଛି । ଯଥା;—

| | | | | | | | |
|---|---|---|---|---|---|---|---|
| ଦଶମୂଳଗୁଡ | ତୈଳ | କୁବ୍ଜପ୍ରସାରଣୀ | ତୈଳ | ଅଙ୍ଗାରକ | ତୈଳ | ଦନ୍ତୀ | ତୈଳ |
| କାସୀସ | „ | ମହାର୍ଣବଗୁଡୂଚ୍ୟାଦି | „ | ଗୃଷ୍ଟମୂଳାଦି | „ | କସ୍ତୁରାଦି | „ |

ଏହା ଛଡ଼ା ଯେଉଁମାନଙ୍କର ଯେଉଁ ତୈଳ, ଅର୍କ, ଘୃତ ମୋଦକାଦି ଶୀଘ୍ର ତୟାର କରାଇବାର ମାନସ ଥାଏ ସେମାନେ ଉଚିତ ମୂଲ୍ୟରେ ଅନାୟାସେ ଏଠାରେ ତୟାର କରାଇ ନେଇ ପାରନ୍ତି ।

ଅବସ୍ଥା ଦୃଷ୍ଟିରେ ପାଳଦୁଃଖିମାନଙ୍କୁ ଔଷଧ ବିତରିତ ହେବ ।

ଔଷଧ କ୍ରୟାର୍ଥିମାନେ ଏବଂ ଯେଉଁମାନେ ଚିକିତ୍ସାଳୟ ବିଷୟରେ ଯାହା ଜାଣିବାର ପ୍ରୟୋଜନ ଜ୍ଞାନ କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସ୍ୱୟଂ ଅଥବା ପତ୍ରଦ୍ୱାରା ତତ୍ତ୍ୱ କରିବେ ।

ତା ୮ ରିଖ ଅଗଷ୍ଟ } ସନ୧୮୭୯ମସିହା }

ଶ୍ରୀ ଶଙ୍କର ତ୍ରିପାଠୀ କବିରାଜ
ମାନେଜର ।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଅସ୍ମତ୍‍କୃତ "ସାହିତ୍ୟ ଦର୍ପଣର ଅବଶିଷ୍ଟପ୍ରଶ୍ନାବଳୀ" କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି; ମୂଲ୍ୟ ଟ ୦ ।୵ । ଉକ୍ତ ପୁସ୍ତକର ସମସ୍ତ ଅଧିକାର ଅସ୍ମ ଠାରେ (all rights reserved) ଅସ୍ମର ବିନା ଅନୁମତିରେ ଅପର କେହି ତହିଁରେ ହସ୍ତକ୍ଷେପ କରି ନ ପାରିବେ ।

କଟକ } ୨୪।୮।୭୯ }

ଶ୍ରୀ ବ୍ରଜନାଥ ଦତ୍ତ

---

ଶ୍ରୀ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ ଶ
୩୩ ଶ ସଂଖ୍ୟା

ତା ୧୪ ରିଖ ମାହେ ଅଗଷ୍ଟ ସନ ୧୮୬୯ ମସିହା । ମୁ । ଭାଦ୍ରବ ବ ୨ ନ ସନ ୧୨୭୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୮
ମଫସଲପାଇଁ ଡାକମାସୁଲ ଟ୧୵୵

ଅମ୍ଭେମାନେ ଆନନ୍ଦପୂର୍ବକ ମୟୂରଭଞ୍ଜପତ୍ରିକାରୁ ଅବଗତ ହେଲୁଁ ଯେ ମୟୂରଭଞ୍ଜର ମହାରାଜା ୩୭ ପ୍ରକାର ଅନ୍ୟାୟ କର ସନ ୧୨୮୭ ସାଲରୁ ତାଙ୍କ ରାଜ୍ୟରେ ରହିତ କରିବାର ଆଜ୍ଞା ପ୍ରଚାର କରିଅଛନ୍ତି । ଏ କର ମଧ୍ୟରୁ ଚାନ୍ଦାଚନା ଓ ଯେ ନିଆଁଗର ସମ୍ବନ୍ଧରେ ପରିଶ୍ରମ ପ୍ରଚଳିତ ଅଛି, ତାହା ଓ ଅନ୍ୟକରମାନ ଅନ୍ୟାୟ ବୋଲି ଯେ ମହାରାଜା ସେସବୁ ତ୍ୟାଗ କରିଅଛନ୍ତି ଏଥିରୁ ତାଙ୍କର ନ୍ୟାୟପରତା ଓ ପ୍ରଜାବତ୍ସଲତା ପ୍ରକାଶ ପାଉଅଛି ଓ ଏଥିପାଇଁ ଅମ୍ଭେମାନେ ତାଙ୍କୁ ପ୍ରଶଂସା କରୁଅଛୁଁ ଏବଂ ତାଙ୍କର ଅନୁଗାମୀ ହେବା କାରଣ ଅନ୍ୟ ରାଜା ଓ ଜମିଦାରମାନଙ୍କୁ ଅନୁରୋଧ କରୁଅଛୁଁ । ଉକ୍ତ ପତ୍ରିକାରେ କରର ନାମସବୁ ଲେଖାଅଛି କିନ୍ତୁ ସେସବୁ ଗଡଜାତି କଥା ଥିବାରୁ ଅଧିକାଂଶ ବୁଝା ଯାଉ ନାହିଁ ଯଥା, ଖଣ୍ଡୁ ଅଲପାଟଣି, ମଥୁରବାସୀପାଟଣି, କାର୍ତ୍ତିକପଣା, ପୁତପଣା, ଭକ୍ତାପଣା, ଭିକଆପାଟଣି ଇତ୍ୟାଦି । ଏସବୁ କିପ୍ରକାର କର ଓ କି ପ୍ରକାରରେ ଓ କେତେ ପରିମାଣରେ ଓ କେତେ ପ୍ରଜାଙ୍କଠାରୁ ପ୍ରତ୍ୟେକ କର ନିଆ ହେଉଥିଲା ଓ ଏ ୩୭ ପ୍ରକାର କର ରହିତରେ ମହାରାଜାଙ୍କର କେତେ ଆୟ ରହିତ ହେଲା ଏ କଥାମାନ ପତ୍ରିକାରେ ଲେଖା ହୋଇଥିଲେ ସବୁ ଜଣା ପଡନ୍ତା ଓ ନ୍ୟାୟବଶରେ ମହାରାଜା କେତେ ଆୟ ତ୍ୟାଗକରି କେତେଦୂର ପ୍ରଶଂସନୀୟ ହୋଇଅଛନ୍ତି ନିଶ୍ଚୟ ହୁଅନ୍ତା । ଅମ୍ଭେମାନେ ଭରସା କରୁଁ ମୟୂରଭଞ୍ଜ ପତ୍ରିକା ଏ ଅଭାବକୁ ମୋଚନ କରିବେ ।

---

### ବର୍ଷା ଓ ବନ୍ୟା ।

ଏ ବର୍ଷ ଗତସପ୍ତାହ ପର୍ଯ୍ୟନ୍ତ ବର୍ଷା ଉତ୍ତମରୂପେ ହୋଇ ନ ଥିଲା ଏମନ୍ତ କି ବର୍ଷାଋତୁ ପ୍ରାୟ ଜଣା ପଡୁ ନ ଥିଲା । ଧାରଣାବଣରେ ପ୍ରଖର ଖରା ଓ ନଦୀରେ ଜଳ କେବଳ ଧାରରେ ଏହା ଅତି ଅସାଧାରଣ । ଏହିବର୍ଷସ୍ୱରୂପ ସମସ୍ତେ ଗୁହାରି କରୁଥିଲେ ଓ ଅଳ୍ପବର୍ଷା ହେତୁ ନଦୀବଢିକୁ ଅଧିକତର ଲୋଡୁଥିଲେ କିନ୍ତୁ ଋତୁର ରୀତି ଦେଖି ଯଥେଷ୍ଟ ବୃଷ୍ଟି ଓ ନଦୀବଢିରୁ ନିରାଶ ହୋଇଥିଲେ । ମାତ୍ର ପ୍ରକୃତିର ଗତିବିଧି ଜାଣିବାର ସହଜ ନୁହେ, ଋତୁର ପୂର୍ବୋକ୍ତ ରୀତି ଏପରି ପରିବର୍ତ୍ତିତ ହେଲା ଯେ ଦୁଇଦିନ ମଧ୍ୟରେ ଦେଶ ପ୍ଲାବିତ ହୋଇଗଲା । ଯେଉଁ ଅଭାବର ଗୁହାରି ଥିଲା ତାହା ପରିପୂର୍ଣ୍ଣ ହୋଇ ବଳପଡିଲା ବରଂ ଅସମ୍ଭାଳ ହେଲା ଏବଂ ଲୋକଙ୍କୁ ଚକିତ ସଶଙ୍କିତ ଓ ଅସ୍ତବ୍ୟସ୍ତ କରିଦେଲା । ଏଥିର ବୃତ୍ତାନ୍ତ ସଂକ୍ଷେପରେ ନିମ୍ନେ ଲେଖୁଅଛୁଁ ।

ଗତ ଶନିବାର ତା୭ରିଖ ପ୍ରଭାତରୁ ପ୍ରହରେ ଖଣ୍ଡେ ପ୍ରଚୁର ବର୍ଷା ହୋଇ ଛାଡିଗଲା, ତଦପରେ ସନ୍ଧ୍ୟା ସମୟରୁ ଆରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅନବରତ ଭାରି ବୃଷ୍ଟି ହେଲା ମୁହୂର୍ତ୍ତେ ସ୍ଥୂଳ ଜଳଧାର ରୁଦ୍ଧ ହେଲା ନାହିଁ ଓ ସେଦିନ ଡାକ ବନ୍ଦ ହୋଇଗଲା । ତହିଁ ଉତ୍ତାରେ ବର୍ଷା ଛାଡିଲା ମାତ୍ର ନଦୀ ଏପରି ବେଗରେ ବଢିଲା ଯେ ତହିଁ ଆରଦିନ (ତା ୧୧ ରିଖ) ସନ୍ଧ୍ୟା ବେଳକୁ ଉଚ୍ଛଳ ମୁଚ୍ଛଳ ହେଲା, ନଗରରେ ଚହଳ ପଡିଗଲା ଓ ନଦୀ ଆଉ କିଞ୍ଚିତ ପ୍ରବଳ ହେଲେ ନଗର ତହିଁର କବଳରେ ପଡିବାର ଆଶଙ୍କା ହେଲା । ସେ ଦିନ ରାତ୍ରରେ ଶ୍ରୀଯୁକ୍ତ କମିଶନର ଓ ଜଏଣ୍ଟମେଜଷ୍ଟ୍ରର ଓ ବାରିକମାଷ୍ଟର ସାହେବମାନେ କାଠଯୋଡ଼ୀ ବନ୍ଧ ଆଦ୍ୟୋପାନ୍ତ ଦେଖି ସ୍ଥାନେ ସ୍ଥାନେ ଲଣ୍ଠନ ସହିତ ପୁଲିସପ୍ରହରୀ ରଖାଇଲେ ଏବଂ କଲେକ୍ଟରୀ ନାଜର ଓ ବାରିକମାଷ୍ଟରୀ ଓଭରସିୟର ଅନେକ କୁଲି ଠୋକାଇ ଇତ୍ୟାଦି ସହିତ ଜଗି ରହିଲେ ଓ କେତେ ଗୁଡଏ ବୋରାରେ ମାଟି ପୂରାଇ ରଖିଲେ । ସେ ଦିନ ରାତ୍ର ଘ ୯ ଟାକୁ କାଠଯୋଡ଼ୀରେ ଫୁ ୨୫।୧୦ ଇଞ୍ଚ ଜଳ ହୋଇ ଉଠି ସ୍ଥମ୍ଭିଲା ମଙ୍ଗଳବାର ସକାଳବେଳେ ପଥରବନ୍ଧର ପୋଷକ ମାଟି ବନ୍ଧର ଏକସ୍ଥାନରେ ଗୃହ ପାଖହାତ ଧସି ଯାଇ ପାଣି ବାହାରିଲା ମାତ୍ର ଉପସ୍ଥିତ କୁଲିମାନେ ତତ୍କ୍ଷଣାତ୍ ପଥରଚିମା ଓ ମାଟି ପକାଇ ସେ ଫାଙ୍କ ପରିପୂରିତ କରି ଦେବାରୁ କିଛି ବିପତ୍ତି ନ ଘଟିଲା । ସେ ଦିନ ସନ୍ଧ୍ୟା ସରିକି ଆଙ୍ଗୁଳିଏ ମାତ୍ର ଜଳ ଛାଡିଲା ମାତ୍ର ବୁଧବାର ରାତ୍ର ପର୍ଯ୍ୟନ୍ତ ସେହିପରି ରହିଲା ଗୁରୁବାର ଦିନରୁ ନଦୀ ଧୀରେ୨ ଛାଡୁଅଛି । ସନ ୧୮୬୬ ଓ ୭୨ ସାଲର ବଢ଼ି ଅପେକ୍ଷା ଏ ବଢ଼ି ପ୍ରାୟ ଏକଫୁଟ ଊଣା ଅଟଇ । ପ୍ରଥମୋକ୍ତ ସନର

Digitized by srujanika@gmail.com

Split by PDF Splitter



ବଢ଼ି ସର୍ବାପେକ୍ଷା ଅଧିକ । ସେ ଦୁଇ ବର୍ଷର ବଢ଼ିକୁ ଛାଡ଼ ଏପରି ବଢ଼ି ଆଉ କେବେ ହୋଇ ନାହିଁ ।

ନଗରଟି ଏହିପ୍ରକାର ରକ୍ଷା ପାଇଲା ମାତ୍ର ମୋଫସଲ ବିଶେଷତଃ ଜଲହଟର ଅବସ୍ଥା ଶୋଚନୀୟ । ନାଳ ବନ୍ଧ ଯୋଗେ ଉପରିହଗ ବନ୍ୟାରୁ ରକ୍ଷିତ ହୋଇ ଅଛି । ମାତ୍ର ବିଶେଷ ବର୍ଷା ଓ ଝଲ୍ଲ ପାଣି ଠେଲିବା ହେତୁ ବଲବାଡ ବୁଡ଼ିଥିବାର ଶୁଣାଯାଏ । ଏ ନଗରର ନିକଟରେ କାଠଯୋଡ଼ୀ ଆରପାରି ବନ୍ଧ ପ୍ରାୟ ପାଞ୍ଚଶତହାତ ଭାଙ୍ଗି ଯିବାରୁ ସଠ୍ଆପୁର ଇତ୍ୟାଦି ତନଗ୍ରଖଣ୍ଡ ଗାଁର ଘରସବୁ ଭାଙ୍ଗି ଯାଇଅଛି ଓ ଲୋକେ ସଡ଼କ ଉପରେ ପଡ଼ି ଅଛନ୍ତି । ପୁରୀଜିଲାର ମଧ୍ୟ ବିଶେଷ କ୍ଷତି ହୋଇ ଥିବ । ତା ୯ ରିଖରେ ଜଗତ୍‌ସିଂହପୁରଠାରୁ ଜଣେ କୃଇଷ୍ଠିନୀୟର ଲେଖି ଅଛନ୍ତି ଯେ କାଳିଆବୋଡ଼ି ଠାରେ ବନ୍ଧ ଭାଙ୍ଗିବାରୁ ସେ ଅଞ୍ଚଳ ପ୍ଲାବିତ ହୋଇଅଛି । ଅନେକ ଘର ଭାଙ୍ଗି ଯାଇ ଅଛି ଓ ଜଣେ ମନୁଷ୍ୟ ବୁଡ଼ି ମରି ଅଛି ଏବଂ ଶସ୍ୟ ଓ ସଡ଼କମାନ ପାଣିରେ ବୁଡ଼ି ଅଛି । ଅନେକସ୍ଥଳେ ସଡ଼କ ମଧ୍ୟ ଭାଙ୍ଗିଅଛି । ସେଠାଲୋକେ କହନ୍ତି ଗତ ବ ୨୦ ର୍ଷ ମଧ୍ୟରେ ଏପରି ବଢ଼ି କେବେ ହୋଇ ନ ଥିଲା । ପୁଲିସର ଡାଉସନ୍ ସାହେବ ଯାଜପୁର ଯାଉ ଥିଲେ ମାତ୍ର ଧର୍ମଶାଳାଠାରେ ଦେଖିଲେ ଯେ ତେଣିକି ସଡ଼କ ଜଳରେ ବୁଡ଼ି ଅଛି ଓ ଯିବାକୁ ପଥ ନାହିଁ ସେଠାରୁ ସେ ଫେରି ଆସିଲେ । ତା ୧୩ ରିଖରେ ବାଲେଶ୍ୱର ଜମୁଠାରୁ ବଦ୍ୟୁତ୍‌ସମ୍ବାଦ ଆସିଅଛି କି ସେ ଅଞ୍ଚଳ ଜଳରେ ବୁଡ଼ି ଥିବାରୁ ଡାକ ବନ୍ଦ ହୋଇଅଛି । କ୍ଷେତ୍ରିତର ଯାଜପୁର ପଞ୍ଚାମୂଣ୍ଡେଇରୁ ତା୧୦ରିଖରେ ସମ୍ବାଦ ଆସିଅଛି ଯେ ବ୍ରାହ୍ମଣୀ ଓ ବୈତରଣୀ ପ୍ରବଳରୂପେ ବଢ଼ିଅଛନ୍ତି । ମୋଫସଲର ଡାକ ଓ ମନୁଷ୍ୟର ଗତାୟାତ ସ୍ଥଗିତ ରହିବାରୁ ସକଳସ୍ଥାନର ସବିଶେଷ ସମ୍ବାଦ ପାଇ ନାହୁଁ ଓ ପାଇଲେ ପାଠକମାନଙ୍କୁ ଜଣାଇବୁଁ ପୁରୀଜିଲାର କିଛି ସମ୍ବାଦ ଏପର୍ଯ୍ୟନ୍ତ ମିଳି ନାହିଁ । ବନ୍ୟା ଯଦି ତଥିଲ ଛାଡ଼ିଯାନ୍ତା ତେବେ ଅଧିକ କ୍ଷତି ନ ହୁଅନ୍ତା ମାତ୍ର ଅତି ଧୀରେ୨ ଛାଡ଼ୁଥିବାରୁ ଫସଲର ବିଶେଷ କ୍ଷତି ହେବାର ସମ୍ଭାବନା ।

---

ଘାଟତୋଲା ।

ଏ ବିଷୟରେ ଅମ୍ଭେମାନେ ଗତସପ୍ତାହରେ ଯାହା ଲେଖିଥିଲୁଁ ତହିଁରୁ ପାଠକମାନେ ଅବଗତ ହୋଇଥିବେ ଯେ ଏ ନଗର ମହାନଦୀ ଘାଟରେ ଜମିଦାର ଅଥବା ତାହାଙ୍କ ପଟ୍ଟାଦାରମାନେ ଦୁଇପ୍ରକାର କର ନେବାର ଚେଷ୍ଟା କରୁଅଛନ୍ତି ଯଥା;— ନୌକାପଣି ବା ମାସୁଲ ଏବଂ ଗୋଲା ଖଜଣା । ନୌକାପଣି ବିଷୟରେ ମୋକଦ୍ଦମା ଉପସ୍ଥିତ ହୋଇ ଶ୍ରୀଯୁକ୍ତ ହାଣ୍ଡଲ ସାହେବ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ସୁତରାଂ ବିଚାର ଶେଷ ପୂର୍ବରୁ ମତାମତ ପ୍ରକାଶ କରିବା ଅବିହିତ ବୋଲି ଅମ୍ଭେମାନେ ବର୍ତ୍ତମାନ ତହିଁରୁ କ୍ଷାନ୍ତ ରହିଲୁଁ । ଗୋଲା ଖଜଣା ବିଷୟରେ ଏଠା ଛୋଟ ଅଦାଲତର ଗୋଟିଏ ବିଚାରର କଥା ଲେଖୁଅଛୁଁ ।

ଯେଉଁ ମୋକଦ୍ଦମା ସଂକ୍ରାନ୍ତ ବିଚାର କଥା ଅମ୍ଭେମାନେ ଲେଖୁଅଛୁଁ ତହିଁରେ ଶ୍ରୀ ଉଇଣ୍ଟର ଷ୍ଟେଲ୍ ସାହେବ ବାଦୀ ଓ ଜଣେ ଗୋଲାବାଲା ପ୍ରତିବାଦୀ ଅଟଇ । ବାଦୀ ଜମିଦାରଠାରୁ ପଟ୍ଟା ନେଇଥିବା ସୂତ୍ରେ ପ୍ରତିବାଦୀ ନଦୀ ମଧ୍ୟସ୍ଥ ଯେଉଁ ବାଲିରେ କାରବାର କରୁଥିଲା ତହିଁର ଖଜଣା କମ୍ପା ଖେସାରତ ସକାଶେ ନାଲିଶ କଲା । ପ୍ରତିବାଦୀ ଉକ୍ତ ଜମି ନଦୀମଧ୍ୟରେ ଥିବା ଓ ତହିଁରେ ତାହାର ଚିରକାଳ ବ୍ୟବହାରର ସ୍ୱତ୍ୱ ଥିବା ଇତ୍ୟାଦି ଆପତ୍ତି କଲା । ଛୋଟ ଅଦାଲତ ଜଣେ ସିବିଲକୋର୍ଟ ଅମିନଦ୍ୱାରା ସରଜମିନ ତଦାରଖ କରାଇ ବିଚାର ପୂର୍ବକ ମୁଦ୍ଦେଇକୁ ଆଂଶିକ ଅର୍ଥାତ୍ ଦାବୀ ମଧ୍ୟରୁ କିଛି କାଟି ଦେଇ ଅବଶିଷ୍ଟ ଟଙ୍କାର ଡିକ୍ରୀ ଦେଲେ । ଡିକ୍ରୀ ଦେବାର ଏହି ହେତୁ ହାକିମ ଦର୍ଶାଇ ଅଛନ୍ତି କି ଅମିନଙ୍କ ରିପୋର୍ଟ ଓ ନକ୍ସାରୁ ଜଣାଯାଏ ଯେ ଦାବୀଜମି ମୁଦ୍ଦେଇର ପଟ୍ଟା ଅନ୍ତର୍ଗତ ମାହାଲ ସାମିଲ ଜମି ଅଟଇ ଓ ଯଦ୍ୟପି କି ତାହା ବର୍ଷାକାଳରେ ନଦୀବଢ଼ିବେଳେ ବୁଡ଼ିଯାଏ ମାତ୍ର ସେକାଳରେ ଦେଶର ଅନେକାଂଶ ଜଳରେ ବୁଡ଼ିଯାଏ । ଆଉ ବହୁକାଳ ବ୍ୟବହାର ଜନିତ ସ୍ୱତ୍ୱର ଆପତ୍ତି କାର୍ଯ୍ୟକର ନୁହେ କାରଣ ବାସ୍ତବରେ ପ୍ରତିବାଦୀ ଅଳ୍ପଦିନ ହେଲା ସେଠାରେ କାରବାର କରୁଅଛି ।

ଅମ୍ଭେମାନେ ଏପ୍ରକାର ଯୁକ୍ତି ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଅଛୁଁ । ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବାର କାରଣ ଏହି ଯେ ଏଠା ଛୋଟ ଅଦାଲତର ଜଜ ଶ୍ରୀଯୁକ୍ତ ଗ୍ଲଣ୍ଟ ସାହେବ ବହୁଦର୍ଶୀ ସୁବିଚାରକ ବୋଲି ଖ୍ୟାତ ବିଶେଷରେ ସେ ଦୀର୍ଘକାଳ ଏଠାରେ ରହି ଏଠାର ରୀତି ନୀତି ଓ ଅବସ୍ଥାମାନ ସୁନ୍ଦରରୂପେ ଜାଣିଅଛନ୍ତି ତାହାଙ୍କୁ ଗୋଚର ନାହିଁ ଏମନ୍ତ ଅଳ୍ପକଥା ଥାଇପାରେ । କିନ୍ତୁ ତାହାଙ୍କ ବିଚାରରୁ ଦେଖାଯାଏ ଯେ ସେ ଏହି ନଗର ପାର୍ଶ୍ୱରେ ଥିବା ମହାନଦୀ ଗୋଲାର କଥା କିଛି ଜାଣନ୍ତି ନାହିଁ କାରଣ ତାହା ଭଲକରି ଜାଣିଥିଲେ ଏମନ୍ତ ଅସଙ୍ଗତ ବିଚାର କରନ୍ତେ ନାହିଁ ସାଧାରଣ ନଦୀବଢ଼ିବେଳେ ନଦୀର ଦୁଇକୂଳଲଙ୍ଘି ଜଳ ବହିଯିବା ଏବଂ ବର୍ତ୍ତମାନ ପରି ବିଷମ ବଢ଼ିବେଳେ ଦୁଇକୂଳ ଉଚ୍ଛୁଳ ପଦାରେ ଜଳ ବହିବା ମଧ୍ୟରେ ଯେ ପ୍ରଭେଦ ଅଛି ତାହା ସୁଦ୍ଧା ସେ ବୁଝିପାରି ନାହାନ୍ତି କାରଣ ତାହାହେଲେ ସେ କିପରି କହିଅଛନ୍ତି ଯେ ନଦୀଗର୍ଭସ୍ଥ ଭୂମି ବଢ଼ିରେ ବୁଡ଼ିଯାଏ ବୋଲି ଦେଶର ଅନେକଅଂଶ ଜଳମଗ୍ନ ହୁଅଇ । ତାହାଙ୍କ ଯୁକ୍ତି ଅନୁସରଣ କଲେ ଜଣାଯାଏ ଯେମନ୍ତ କି ନଦୀର ଦୁଇଟା କୂଳ ନାହିଁ ଅଥବା ଯେଉଁ ବର୍ଷ ଯେତେ ଦୂରଯାଏ ନଦୀଜଳ ମାଡ଼ି ଯିବ ସେହି ସୀମାକୁ କୂଳ ବୋଲିବାକୁ ହେବ । ଆଉ ମାହାଲ ଜମି ପକ୍ଷରେ ବକ୍ତବ୍ୟ ଏହି ଯେ ନଦୀମାନ ଏ ଜିଲାର ବନ୍ଦୋବସ୍ତରେ ଏକ ଏକ ମାହାଲର ଅନ୍ତର୍ଗତରେ ଜରିବ ହୋଇ ଅଛି । କେବଳ ମାହାଲ ସାମିଲ ଜରିବ ହୋଇ ଥିବା କଥା ଖଜଣା ବସାଇବା ସକାଶେ ପ୍ରଚୁର ନୁହେ ଅନେକବାଟ, ହାଟ ଶ୍ମଶାନ ଇତ୍ୟାଦି ଏପ୍ରକାର ଜରିବ ହୋଇଥିଲେହେଁ ତହିଁର ଖଜଣା ବସି ନାହିଁ କି ନ ପାରେ । ସେଥିପାଇଁ ଭୂଅଣ ରୋଏଦାଦ ଇତ୍ୟାଦି ଦେଖିବାର ଆବଶ୍ୟକ ଥିଲା କିନ୍ତୁ ତାହା କିଛି ଏ ମୋକଦ୍ଦମାରେ ହୋଇ ନାହିଁ । ପୁନଶ୍ଚ ବ୍ୟବହାର ଜନିତ ସ୍ୱତ୍ୱ ସମ୍ବନ୍ଧରେ ଯାହା ଲେଖି ଅଛନ୍ତି ତାହା ଆହୁରି ଅଯୌକ୍ତିକ ଅଟଇ । ଗୋଲା, ହାଟ, ଗଞ୍ଜ ଇତ୍ୟାଦି ସାଧାରଣ ବ୍ୟବହାରର ସ୍ୱତ୍ୱ ବ୍ୟକ୍ତିବିଶେଷର ନୁହଇ । କିନ୍ତୁ ପ୍ରତିବାଦୀ ଦୀର୍ଘକାଳ ଉକ୍ତ ସ୍ୱତ୍ୱ ଭୋଗକର ନାହିଁ ବୋଲି ସେ ତାହାର ଆପତ୍ତି ଅଗ୍ରାହ୍ୟ କଲେ । ଫଳତଃ ଏ ବିଚାରର ଫଳ ସଂକ୍ଷେପରେ ଏହି ହୋଇ ଅଛି କି ଯେଉଁ ଭୂମି ନଦୀଗର୍ଭସ୍ଥ ବାଲି ଓ ପ୍ରତିବର୍ଷ ବର୍ଷାକାଳରେ ଜଳମଗ୍ନ ଥାଏ ବୋଲି ନାଲସ୍ୱୃକ ବୋଲି ସରକାରୀ ଖଜଣାରୁ ମିହା ଦିଆଯାଇଅଛି ଓ ବାସ୍ତବରେ ଫସଲ ଅଥବା ଆବାଦର ଯୋଗ୍ୟ ନୁହେ ଏବଂ ଯହିଁରେ ଲୋକମାନେ ଗୋଲା ଇତ୍ୟାଦି କରି ଚିରକାଳ

Digitized by srujanika@gmail.com

Split by PDF Splitter



ବ୍ୟବହାର କର ସାଧାରଣ ସ୍ୱତ୍ୱ ଲାଭ କର ଅଛନ୍ତି କେବେ ଜମିଦାର କିମ୍ବା ଅନ୍ୟ କାହାରିକୁ ଖଜଣା ଦେଇ ନାହାନ୍ତି ସେ ଜମି କେବଳ ମାହାଲ ସାମିଲ ଜମାବ ହୋଇ ଅଛି ଏବଂ କୌଣସି ଏକବ୍ୟକ୍ତି ତହିଁର କିୟଦଂଶ ଅଳ୍ପକାଳ ବ୍ୟବହାର କର ଅଛି ବୋଲି ସେ ତହିଁରଖଜଣା ଦେବାକୁ ଦାୟୀଗ୍ରସ୍ତ ହେବ । ଏପର ବିଷୟର ଯେବେ ଷ୍ଟେଟ ଅଦାଲତରେ ହୋଇ ପାରେ ତେବେ ଲୋକେ ଷ୍ଟେଟ ଅଦାଲତକୁ ଅଧିକାରବହିର୍ଭୂତ ବିଷୟାଳୟ ବୋଲି ଅନାୟାସରେ କହି ପାରନ୍ତି । ଆଉ ସ୍ୱତ୍ୱାସ୍ୱତ୍ୱର ବିଚାରର ପ୍ରୟୋଜନ ନାହିଁ କୌଣସିରୂପେ ଖଜଣା ବା ଖେସାରତର ଦୋହାଇ ଦେଇ କୌଣସି ପ୍ରକାର ମୋକଦ୍ଦମା ଷ୍ଟେଟ ଅଦାଲତରେ ହୋଇ ପାରେ । ନଦୀବନ୍ତିବେଳେ ସାଧାରଣ ବର୍ଷରେ ଯେତେଦୂର ଜଳ ଉଠଇ ସେତେଦୂର ଯାଏ ନଦୀକୂଳ ବୋଲାଯିବ ଏବଂ ତହିଁରେ ସର୍ବସାଧାରଣଙ୍କର ବ୍ୟବହାର କରିବାର ସ୍ୱତ୍ୱ ଅଛି ତହିଁପାଇଁ କୌଣସିପ୍ରକାର ତୋଲା କି ଖଜଣା ଦେଣ ପଡିବ ନାହିଁ ଏବଂ ସାଧାରଣ ହାଟ ଗଞ୍ଜ ଗୋଲା ଇତ୍ୟାଦିରେ ଜମିଦାର ଅଥବା ଅନ୍ୟ ବ୍ୟକ୍ତିମାନେ କୌଣସି ପ୍ରକାର କର ନେଇ ପାରିବେ ନାହିଁ ଏବଂପ୍ରକାର ସାଧାରଣ ହିତକର ନିୟମମାନ ଯେ ଗବର୍ଣ୍ଣମେଣ୍ଟ ସଂସ୍ଥାପନ କରି ଅଛନ୍ତି ତାହା ଯେବେ ଗୋଟିଏ ଷ୍ଟେଟଅଦାଲତର ବିଚାରଦ୍ୱାରା ଚୂର୍ଣ୍ଣୀଭୂତ ହୋଇ ପାରେ ତେବେ ଷ୍ଟେଟନାମଦ୍ୱାରା ତାହାର ମର୍ଯ୍ୟାଦା ଭଙ୍ଗ କରିବା ଅତ୍ୟନ୍ତ ଅସଙ୍ଗତ ଅଟଇ, ତାହାକୁ ସର୍ବୋଚ୍ଚ ଅଦାଲତ ବୋଲିବାର ଉଚିତ ।

### ରୋଡସେସ୍ ।

ଗତମାସ ତା ୩୧ ରିଖରେ ଏଠା ରୋଡସେସ୍ କମିଟିଙ୍କର ଅଧିବେଶନ ହୋଇଥିଲା ଓ ଅନେକ ସଭ୍ୟ ଉପସ୍ଥିତ ହୋଇଥିଲେ । ଏ ସଭାରେ ଆଗାମୀ ବର୍ଷର ଆୟ ବ୍ୟୟ ନିମ୍ନଲିଖିତରୂପେ ଧାର୍ଯ୍ୟ ହେଲା । ଯଥା—

ଆୟ

| | |
|---|---|
| ଗତ ବର୍ଷର ନଗଦ ବାକୀ | ଟ ୨୦୦୦୦୲ଙ୍କା |
| ପଥକର | ଟ ୫୪୧୪୨୲ |
| ରୋଡସେସ୍ ମହକୁମାହାର ପ୍ରଦେଶୀୟ କର ସଂଗ୍ରହ ହେଉଥିବାରୁ ଗବର୍ଣ୍ଣମେଣ୍ଟଙ୍କ ଦତ୍ତ | ଟ ୧୬୦୦୲ |
| ପିଅଦା ମିଅଦୀ | ଟ ୬୦୦୲ |
| ଅନ୍ୟାନ୍ୟ ପ୍ରକାର | ଟ ୩୦୫୲ |
| ମୋଟ | ଟ ୭୬୮୪୫୲ଙ୍କା |

ବ୍ୟୟ

| | |
|---|---|
| ତହସିଲ ଖର୍ଚ୍ଚା | |
| ରୋଡସେସ୍ ଅମଲାଙ୍କ ବେତନ | ଟ ୫୧୮୪୲ |
| ବାକେ ଖର୍ଚ୍ଚ | ଟ ୧୦୦୦୲ |
| | ଟ ୬୧୮୪୲ |
| ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ମହକୁମା ଓ ବରସିୟର ଇତ୍ୟାଦି ସହିତ | ଟ ୮୯୦୬୲ |
| ମରାମତି କର୍ମ | |
| ସଡକ ପୋଲ ଇତ୍ୟାଦି ମରାମତି | ଟ ୩୨୧୬୯୲ |
| ଗ୍ରାମରାସ୍ତା ମରାମତି | ଟ ୩୫୦୦୲ |
| | ଟ ୩୫୬୬୯୲ |
| ନୂତନ କର୍ମ | |
| ସଡକ ଓ ପୋଲ | ଟ ୧୪୮୧୬୲ |
| ଗ୍ରାମରାସ୍ତା | ଟ ୫୦୫୦୲ |
| ବୃକ୍ଷ ରୋପଣ | ଟ ୧୦୦୦୲ |
| କ୍ଷୁଦ୍ର ନଦୀ ବା ନାଳ ଖୋଳାଇ | ଟ ୪୮୫୦୲ |
| | ଟ ୨୫୭୧୬୲ |
| ରିଜର୍ଭ (ଅନ୍ୟାନ୍ୟ ବ୍ୟୟପାଇଁ ସଞ୍ଚୟ) | ଟ ୩୭୦୲ |
| ମୋଟ | ଟ ୭୬୮୪୫୲ |

ମରାମତି ମଧ୍ୟରେ ଟ୍ରଙ୍କରୋଡ୍ ଓ ତାଲଦଣ୍ଡା ସଡ଼କରେ ଯେ ଅଧିକ ଟଙ୍କା ଦିଆ ହୋଇଅଛି ଭଲ ହୋଇଅଛି କାରଣ ସେ ସଡ଼କମାନଙ୍କରେ ଗତାୟାତ ଅଧିକ ଓ ସେସବୁ ଉତ୍ତମ ଅବସ୍ଥାରେ ରଖିବାର ଆବଶ୍ୟକ । ଗ୍ରାମରାସ୍ତା ପ୍ରସ୍ତୁତ ଓ ମରାମତି ପାଇଁ ଟ ୮୫୫୦ଙ୍କା ଦିଆ ହେବାର ଉତ୍ତମ ଅଟେ । ଏ ରାସ୍ତାମାନ ଯେତେ ଅଧିକ ହେବ ତେତେ ଗ୍ରାମସ୍ଥ ଲୋକଙ୍କର ସୁବିଧା ହେବ ଓ ପ୍ରଜାମାନେ ପଥକର ଦେବାର ଫଳ ଜାଣିପାରିବେ । ମାତ୍ର ଏଥିରେ ଏ ସମୁଦାୟ ମଞ୍ଜୁରୀ ଟଙ୍କା ବ୍ୟୟ କଲେ ହୁଏ । ପ୍ରାୟ ପ୍ରତିବର୍ଷ ସାତ ଆଠ ସହସ୍ର ଟଙ୍କା ଗ୍ରାମରାସ୍ତା ପାଇଁ ଇଷ୍ଟିମିଟରେ ଦିଆଯାଏ ମାତ୍ର ତହିଁର ଅର୍ଦ୍ଧେକ ବ୍ୟୟ ହୁଏ କି ନା ସନ୍ଦେହ । ଏବର୍ଷ ସମୁଦାୟ ଟଙ୍କା ବ୍ୟୟ କରିବା ପକ୍ଷରେ କମିଟୀ କହତ ଉପାୟ କରନ୍ତୁ । କେହି ୨ ସଭ୍ୟ ମରାମତବ୍ୟୟରୁ କିଛି କାଟି ନୂତନ କର୍ମ ଅଧିକ ପରିମାଣରେ କରିବାର ପ୍ରସ୍ତାବ କରିଥିଲେ ମାତ୍ର ତାହା ସମସ୍ତଙ୍କର ମନୋନୀତ ନ ହେବାରୁ ଅଗ୍ରାହ୍ୟ ହେଲା । ଆମ୍ଭେମାନେ ମଧ୍ୟ କମିଟିଙ୍କ ସହିତ ଐକ୍ୟ ହୋଇ କହୁଁ ଯେ ଯେତେ କର୍ମ ହୋଇଅଛି ସେସବୁକୁ ଅଗ୍ରେ ଉତ୍ତମ ଅବସ୍ଥାରେ ରଖି ତତ୍‌ପରେ ନୂତନ କର୍ମର କଳ୍ପନା କରିବାର ଉଚିତ ।

ଏ ସଭାରେ ପଥକରର ଦର ଧାର୍ଯ୍ୟ ହୋଇ ନାହିଁ । ତହିଁର କାରଣ ଏହି ଯେ ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଅଛି କି ଆଗେ ସର୍ବୋଚ୍ଚ ବା ପୂର୍ଣ୍ଣ ଦରରେ ଅର୍ଥାତ୍ ପ୍ରତି ଟଙ୍କାରେ ଦୁଇ ପଇସା ହିସାବରେ ଆୟ ବ୍ୟୟର ଇଷ୍ଟିମିଟ ପ୍ରସ୍ତୁତ ହୋଇ ଶ୍ରୀଯୁତ କମିଶନର ସାହେବଙ୍କ ନିକଟକୁ ପ୍ରେରିତ ହେବ ଓ ତାହା ତାଙ୍କର ମନୋନୀତ ହେଲା ଉତ୍ତାରେ ପଥକରର ଦର ଧାର୍ଯ୍ୟ ହେବ । ଏହା ପୂର୍ଣ୍ଣଦର ଧାର୍ଯ୍ୟ କରିବା କାରଣ ପ୍ରକାରାନ୍ତର ଆଦେଶ ଅଟଇ । ପରନ୍ତୁ ପୂର୍ବକ ଇଷ୍ଟିମିଟ ପ୍ରସ୍ତୁତ ଓ ମନୋନୀତ ହେଲା ଉତ୍ତାରେ ତାହା କର୍ତ୍ତନ କରିବାକୁ କାହାର ମତ ବଳବ ନାହିଁ ଓ ତାହା ପୂର୍ଣ୍ଣଦର ଦୃଷ୍ଟିରେ ହୋଇଥିବାରୁ କମିଟୀ ସେହି ଦରହିଁ ଧାର୍ଯ୍ୟ କରିବେ । ଯଦ୍ୟପି କମିଟୀ ସ୍ୱବଶର ପୂର୍ବକ ଦର ଧାର୍ଯ୍ୟ ନ କରନ୍ତି ତେବେ ଇଷ୍ଟିମିଟ ସବୁ ପରିବର୍ତ୍ତନ କରିବାକୁ ହେବ ଓ ଆଗେ ପୂର୍ଣ୍ଣ ଦରରେ ଇଷ୍ଟିମିଟ ପ୍ରସ୍ତୁତ ଓ କମିଶନରଙ୍କର ମନୋନୀତ କରାଇବାର କିଛି ଫଳ ନ ଘଟିବ । ଅତଏବ ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କର ଉପର୍ଯ୍ୟୁକ୍ତ ଆଜ୍ଞା ଯୁକ୍ତି ବିରୁଦ୍ଧ ଓ ଅନାବଶ୍ୟକ ବରଂ ତାହା ଅନ୍ୟାୟ ଅଟେ । ଆମ୍ଭେମାନେ ଛଲ କର୍ମଚାରୀଙ୍କ ପୂର୍ଣ୍ଣ ଦର ଧାର୍ଯ୍ୟରେ ତତ୍ପର ମଣିଥିଲୁଁ ବର୍ତ୍ତମାନ ଦେଖୁଁ ଯେ ଗବର୍ଣ୍ଣମେଣ୍ଟ ସ୍ୱୟଂ ଏଥିରେ ତତ୍ପର ହୋଇଅଛନ୍ତି । ଏହା ଉଚିତ ନୁହେ ।

କେତେକ ବର୍ଷ ହେଲା ଅନ୍ୟାନ୍ୟ ଜିଲ୍ଲାପରି ଏ ଜିଲ୍ଲାରେ ପଥକରର ସର୍ବୋଚ୍ଚ ଦର ଧାର୍ଯ୍ୟ ହେଉଅଛି । ମାତ୍ର ଉପର ଲିଖିତ ଆୟ ଇଷ୍ଟିମିଟରେ ଏ ବର୍ଷର ନଗଦ ବାକୀ କୋଡିଏ ହଜାର ଟଙ୍କା ଧରା ଯାଇଥିବାରୁ ସ୍ପଷ୍ଟ ପ୍ରକାଶ ଯେ ପଥକର ଯେତେ ସଂଗ୍ରହ ହେଉଅଛି ତାହା ବର୍ଷ ମଧ୍ୟରେ ସମୁଦାୟ ବ୍ୟୟ ହୋଇ ପାରୁ ନାହିଁ । ତେବେ ବ୍ୟୟ ଅପେକ୍ଷା ପ୍ରଜାଙ୍କଠାରୁ ଅଧିକ ନେବାର କି ଆବଶ୍ୟକ । ଦୁଃଖୀ ପ୍ରଜାଙ୍କଠାରୁ ପୂର୍ଣ୍ଣ ଦରରେ କର ନେଇ ଏ ବର୍ଷରୁ ସେ ବର୍ଷକୁ ଗଡ଼ାଇବାର ଉଚିତ ନୁହେ କମିଟୀ ବର୍ଷ ମଧ୍ୟରେ ଯେତିକି ବ୍ୟୟ କରି ପାରିବେ ତେତିକି ଦୃଷ୍ଟିରେ ପଥକରର ଦର ଧାର୍ଯ୍ୟ କରି ନେବାର ବିଧେୟ । ଯଦ୍ୟପି ଏ ବର୍ଷ କୋଡିଏ ହଜାର ଟଙ୍କା ନଗଦ ବାକୀ ରହିବ ଆଗାମୀ ବର୍ଷ ମଧ୍ୟ ତେତିକି ବାକୀ ରହିବାର ସମ୍ଭବ । ଏହା ହେଲେ ଇଷ୍ଟିମିଟ ଅନୁସାରେ ଟ ୭୬୮୪୫୲ଙ୍କା ବ୍ୟୟ

Digitized by srujanika@gmail.com

ନ ହୋଇ ୫ ୬୮୭୫୮ ଙ୍କା ଆଗାମୀ ବର୍ଷରେ ବାସ୍ତୁ ୧୦୦ ବ ଏ ବର୍ଷର ବାକୀ ଓ ଅନ୍ୟ ପ୍ରକାର ଅଧିକ ୫ ୨୨୭୦୮ ଙ୍କା ହେଉଅଛି ଅତ୍ର ୫ ୩୪- ୧୬୯୮ ଙ୍କା ଜମା ୫ ୩୭୦୮ ଙ୍କା ପଥକରର ନେ- ଲେ ବର୍ଦ୍ଧ ତଳବ । ସୁତରାଂ ପଥକରର ଦର ପ୍ରତିଟଙ୍କାରେ ଚାରି ପାହୁଲ ଧାର୍ଯ୍ୟ କଲେ ଦକ୍ତ ଟଙ୍କା ଉଠିବ । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ରୋଡ଼ସେସ କମିଟୀ ଏ ବିଷୟ ପ୍ରତି ବିବେଚନା କରି ଆଗାମୀ ବର୍ଷର ପଥକରର ଦର ଧାର୍ଯ୍ୟ କରନ୍ତୁ ।

କମିଟୀଙ୍କର ଏ ଅଧିବେଶନରେ ରୋଡ଼ସେସ ମୋହରର ସୋମନାଥ ପଟ୍ଟନାୟକର ବରଖାସ୍ତି କଥା ମଧ୍ୟ ପଡ଼ିଥିଲା । ତହିଁର କାରଣ ଏହି ଯେ ମୋହରର ଶ୍ରୀଯୁତ କମିଶନରସାହେବଙ୍କଠାରେ ଅପୀଲ କରିବାରୁ ସେ ଅପୀଲ ଅଗ୍ରାହ୍ୟ କରି ମନ୍ତବ୍ୟ ପ୍ରକାଶ କଲେ ଯେ ରୋଡ଼ସେସ କମିଟୀଙ୍କଦ୍ୱାରା ଏ ଆଜ୍ଞା ହେବାର ଉଚିତ ଥିଲା । ଏ ହେତୁ ତାହାର ବରଖାସ୍ତି ବିଷୟର କାଗଜ କମିଟୀରେ ଆଗତ ହେଲରୁ କେତେକ ତର୍କବିତର୍କ ହୋଇ କଲେକ୍ଟର ସାହେବଙ୍କର ଆଜ୍ଞା କମିଟୀଙ୍କଦ୍ୱାରା ବାହାଲ ହେଲା ।

---

# ସାପ୍ତାହିକସଂବାଦ ।

କମିଶନରୀ ସିରସ୍ତାଦାର ବାବୁ ରାମପ୍ରସାଦ ସିଂହ ପୁରୀର ରାଣୀଙ୍କ ଦେବାନ ହେବାର ପ୍ରସ୍ତାବ ବିଷୟ ଆମ୍ଭେମାନେ ପୂର୍ବେ ଲେଖିଥିଲୁ, ବର୍ତ୍ତମାନ ଶୁଣିଲୁଁ ଯେ ମନ୍ଦରକାର୍ଯ୍ୟ ନିର୍ବାହର ବ୍ୟବସ୍ଥା ଗବର୍ଣ୍ମେଣ୍ଟଙ୍କ ବିବେଚନାଧୀନରେ ଥିବାରୁ ତହିଁର ନିଷ୍ପତ୍ତିପର୍ଯ୍ୟନ୍ତ ଉକ୍ତ ପ୍ରସ୍ତାବ ସ୍ଥଗିତ ରହିଅଛି ।

ବଲ୍ୟାଯୋଗୁଁ ଅସ୍ମାନଙ୍କ କଲେକ୍ଟର ସାହେବ ଗୃହବାସରେ ଓ ତାଙ୍କ ସମଭିବ୍ୟାହାରୀ ଫଉଜଦାରୀ ହେଡକିରାଣୀ କଟକରେ ରହିଗଲେ ଯାଜପୁର ଯାଇ ପାରିଲେ ନାହିଁ । ଅଳ୍ପ କାଳ ଏଠାରୁ ଫେରି ଆସିବେ ।

ବାବୁ ହାଲଧର ଘୋଷ ବନ୍ୟାଯୋଗୁଁ ଜନଗୁଲକୁ ଗତ ବୁଧବାର ଯାଇ ପାରିଲେ ନାହିଁ ନିକଟରେ ଯିବେ ।

ବାଲେଶ୍ୱରର ଜଏଣ୍ଟମେଜେଷ୍ଟର ହିଟ୍‌ମୋର ସାହେବ ଗତ ମାସ ଶେଷଭାଗରେ ଚମ୍ପାରଣକୁ ଗମନ କଲେ ।

ଅମ୍ଭେମାନେ ଶୁଣିଲୁଁ ବୋର୍ଡର ସେକ୍ରେଟେରୀ ମେକଲ ସାହେବ ଛଅମାସ ସକାଶେ ଅନ୍ୟ କର୍ମରେ ନିଯୁକ୍ତ ହେବାରୁ ତାଙ୍କ କର୍ମରେ ଅସ୍ମାନଙ୍କର କଲେକ୍ଟର ନୋଲନସାହେବ ନିଯୁକ୍ତ ହୋଇଅଛନ୍ତି । ହାଣ୍ଡେଲସାହେବ ଏଠାର ଏକଟିଂ କଲେକ୍ଟର ହେବେ । ଶୀଘ୍ର ଯିବାକାରଣ ନୋଲନ ସାହେବଙ୍କ ପ୍ରତି ଆଜ୍ଞା ହୋଇଅଛି ।

କାବୁଲର ସମ୍ବାଦରୁ ଜଣାଯାଏ ଯେ ବର୍ତ୍ତମାନ ସେ ଦେଶରେ ଶାନ୍ତି ବିରାଜ କରୁଅଛି ଓ କେହି କାବୁଲୀ ଇଂରେଜଙ୍କର ବିପକ୍ଷ ନୁହେ । ଋଷିଆ ମଧ୍ୟ ଅସ୍ମାନଙ୍କ ଗବର୍ଣ୍ମେଣ୍ଟ ପ୍ରତି ଭକ୍ତି ପ୍ରକାଶ କରୁଛନ୍ତି । ଉତ୍ତମ !

ଗ୍ୱାଲିଅର ରାଜପରିବାରର ଜଣେ ସ୍ତ୍ରୀ ସଙ୍ଗେ ରାଜାଙ୍କର ଜଣେ ସୁବାବନ୍ଦୁ ପରିହାସ କରୁଥିବାର ଧରାପଡ଼ିବାରୁ ରାଜା ତତ୍‌କ୍ଷଣାତ୍ ତାହାର ଶିରଚ୍ଛେଦନ କଲେ । ଯେଉଁ ରାଜା ଏତେ ନିର୍ଦ୍ଦୋଷୀ ସ୍ତ୍ରୀଲୋକମାନଙ୍କର ପ୍ରାଣ ଅକାରଣ ନେଲେ ସେ କ ବନ୍ଧୁର ଦୋଷ ଦେଖି ତାକୁ ଲଘୁ ବା ଉଚିତ ଦଣ୍ଡ ଦେଇ କ୍ଷାନ୍ତ ହୁଅନ୍ତେ ?

ପ୍ରଶଂସିତ ରାଜାଙ୍କର ପ୍ରଥମରାଣୀ ଅପଣାର କନିଷ୍ଠା ଭଗିନୀଙ୍କୁ ରାଜାଙ୍କ ସମ୍ପର୍କ ତାଙ୍କସଙ୍ଗେ ସଂସର୍ଗ ନ କରିବାରୁ ରାଜା ସେ ରାଣୀଙ୍କର ଭୂମି ଓ ଗାଁସବୁ ଛଡ଼ାଇ ନେଇ କହିଲେ ଭୂମି ଓ ଗାଁ ବୈରାଗିନୀର ଆବଶ୍ୟକ ନ ରହେ । ଯଥାର୍ଥ କଥା, କିନ୍ତୁ ନିଜେ ଯେ ବଡ଼ ଅଯଥାର୍ଥ କାର୍ଯ୍ୟରେ ରତ ।

କାଶ୍ମୀରରେ ଜଣେ ବ୍ୟକ୍ତି ଗବର୍ଣ୍ମେଣ୍ଟଠାରୁ ଟ ୨୯ ଙ୍କା ମାସ ନେଇ ଥିବାରୁ ସେଠାର ମହାରାଜ ତାହା ପ୍ରତି ଯାବଜ୍ଜୀବନ ଦେଶାନ୍ତର ଅର୍ଥାତ୍ କଳାପାଣି ପାରର ଆଜ୍ଞା ଦେଇ ଅଛନ୍ତି । ଧନ୍ୟ ସେ ନୃପତି ! ଏ ଆଜ୍ଞା କ ହାଇକୋର୍ଟ ବାହାଲ ରଖିବେ ?

ସର୍ପଦଂଶନର ଅପୂର୍ବ ପ୍ରତୀକାର— ଦଂଶନସ୍ଥାନରେ ଲୁଣିଆ କୁଅର ମଲଦ୍ୱାର ଲଗାଇ ରଖିଲେ ବିଷ ନାଶ ହୁଏ ଏ କଥା ସମ୍ବାଦପତ୍ର ମାନଙ୍କରେ ବାହାରିଥିଲା । ନିକଟରେ ମହୁମର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏହା ବଡ଼ କୃତକାର୍ଯ୍ୟ ହୋଇଅଛନ୍ତି । ଜଣେ ସ୍ତ୍ରୀର ହାତରେ ଗୋଖର ସାପ ଦଂଶନ କଲରୁ ସାହେବ ଦଂଶନସ୍ଥଳେ ଗୋଟିଏ କୁକୁଡ଼ାଛୁଆର ମଲଦ୍ୱାର ଲଗାଇ ଧରିରଖିଲେ ୧୫ମିନଟରେ ସେ ଛୁଆ ମରିଗଲା ତହୁଁ ଆଉଗୋଟିଏ ଛୁଆକୁ ସେହିପରି ଲଗାଇ ରଖିଲେ ଏକଘଣ୍ଟାରେ ଏ ଦ୍ୱିତୀୟ ଛୁଆ ମୃତବତ୍ ହେଲା କିନ୍ତୁ ପୁଣି ସଚେତ ହେଲା । ସ୍ତ୍ରୀଟି ଅତ୍ୟନ୍ତ ଅଚେତ ହେବାରୁ ସାହେବ ତାକୁ ଏକଗ୍ଲାସ ଜଳମିଶ୍ରିତ ବ୍ରାଣ୍ଡି ପିଆଇଲେ ତହୁଁ ସେ ସଚେତ ହେଲା । ପାଏ ଘଣ୍ଟା ଉତ୍ତାରେ ଦଂଶନସ୍ଥାନରୁ କାନ୍ଧପର୍ଯ୍ୟନ୍ତ ଦରଦ୍ୱାର ସ୍ଥାନ କହିବାରୁ ତାହାର କାନ୍ଧରେ ବନ୍ଧନୀ ବନ୍ଧାଗଲା । ଏହିସମୟରେ ଦ୍ୱିତୀୟ କୁକୁଡ଼ାଛୁଆ ଚେତନ ହେଲରୁ ସାହେବ ଆଉଗୋଟିଏ ଛୁଆକୁ ସେହିପରି ଲଗାଇଲେ, ୨୦ମିନଟରେ ଦଂଶନସ୍ଥାନ ଏପରି ପୋଡ଼ିଲା ଯେ ବେଦନା ଅସହ୍ୟ ହେଲା ମାତ୍ର ଅଚେତର ଲକ୍ଷଣମାନ ଦେଖାଗଲା ତହୁଁ କୁକୁଡ଼ା ଓ ବନ୍ଧନୀ ବାହାର କରିଦେବାରେ ସ୍ତ୍ରୀ ଗୃହ ଗଲା । ସେତନ ଲିଖିବା ଅନାବଶ୍ୟକ ।

ଏଲ୍‌କୋଣ୍ଡନକୋଟେଟରୁ ଅବଗତ ହେଲୁଁ ଯେ ରସ୍ତ୍ରେଲିଆର ସିଡନୀର ରେଭୁବା ନାମକ ଜଣେ ଉଦ୍ଭିଦ୍ବିଦ୍ୟାବିତ୍ ପଣ୍ଡିତ ଅନେକ ଅନୁସନ୍ଧାନ ଓ ପରିଶ୍ରମ ଉତ୍ତାରୁ ଏକପ୍ରକାର ଅପୂର୍ବ ଓ ଅତ୍ୟାଶ୍ଚର୍ଯ୍ୟ ଲତା ପାଇଅଛନ୍ତି । ତହିଁ ପ୍ରଭାବରେ ମୃତଜୀବର ଦେହରେ ଜୀବନ ସଞ୍ଚାର ହୋଇପାରେ । ସେହି ଲତା ଦକ୍ଷିଣ ଆମେରିକାରେ ଜନ୍ମୁଏ ପଣ୍ଡିତ କହନ୍ତି ସେହି ପ୍ରଦେଶରେ ଜୀବନନାଶକ ଆଉ ଏକପ୍ରକାର ଲତା ଅଛି ତହିଁର ରସ ଦୁଇ ତିନି ଟୋପା ରକ୍ତ ସଙ୍ଗରେ ମିଶ୍ରିତ ହେଲେ ଚୈତନ୍ୟ ବିଲୁପ୍ତ ହୁଏ । ସେ କୁକୁର ଉପରେ ପ୍ରଥମ ଲତାର ରସରୁ ସେହି ଜୀବନନାଶକପଦାର୍ଥ ଦ୍ୱାରା ଅଚେତ କରି ଦ୍ୱିତୀୟ ଲତାରେ ପୁନର୍ବାର ସଞ୍ଜୀବନୀଦ୍ୱାରା ଜୀବିତ କରିଅଛନ୍ତି । ପଣ୍ଡିତ ମୃତ ମନୁଷ୍ୟ ଦେହରେ ପରୀକ୍ଷା କରି ନାହାନ୍ତି କିନ୍ତୁ ସେ କହନ୍ତି ମନୁଷ୍ୟକୁ ମଧ୍ୟ ସେହି ଔଷଧ ପ୍ରଭାବରେ ଜୀବନଦାନ କରାଯାଇ ପାରେ । ତେବେ ମୃତ୍ୟୁ କ ପୃଥିବୀରୁ ଉଠିଯିବ ?

କଥିତ ହୁଏ ଯେ ବମ୍ବେର ଭକାଏଡ ସରଦାର ବାସୁଦେବ ବଲବନ୍ତ ବସନ୍ତଲୁଣା କେବେ ପିନ୍ଧୁ ନ ଥିଲେ, ପରକଲମ କମ୍ବା ଷ୍ଟିଲପେନ (ଲୁହାରକଲମ) ବ୍ୟବହାର ନ କରି ଦେଶୀୟ କାଠିକଲମରେ ଲେଖୁଥିଲେ, କବେତାର ଲେଖା ସୁଦ୍ଧା ଏହିଦେଶୀୟ କଲମରେ କରୁଥିଲେ, ଓ ଶସ୍ତ ବର୍ଷାରେ ବିଲାତିଲୁଗାଛତା ବ୍ୟବହାର କରୁ ନ ଥିଲେ । ସବୁ ବିଲାତିସାମଗ୍ରୀ ପ୍ରତି ତାଙ୍କର ଘୃଣା ଥିଲା । ସ୍ୱଦେଶାନୁରାଗ କଣ ତାଙ୍କଠାରେ ଏତେଦୂର ବଳବତ୍ତର ହୋଇଥିଲା ? ତେବେ କପରି ସେ ସ୍ୱଦେଶୀୟ ଓ ସ୍ୱଜାତି ଲୋକଙ୍କର ଅବଲୁଣ୍ଠନ କରିବାରେ ରହିଲେ ।

---

## NOTICE.

Wanted a Head Master for the M. C. English School at Jenkia, in the Khordha Sub-Division, salary Rs. 20 per mensun. None need apply who has not passed the University Entrance Examination.

The applications will be received up to 25th Instant :

| | |
|---|---|
| Jt. Inspr's office<br>The 7th August<br>1879. | By order<br>Bhuboneswar Datta<br>Head Clerk<br>for Joint Inspr. of Schools<br>Orissa |

---

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ନୂତନ ମୁଦ୍ରିତ ହୋଇ ବିକ୍ରି ହେଉଅଛି ।

ପ୍ରବୋଧିକା ଅର୍ଥସହିତ ମୂଲ୍ୟ ୦ ॥ ୵

ନିତ୍ୟାଙ୍କର ଅର୍ଥରୁ ହିନ୍ଦୁଧର୍ମର ନିୟମାନୁସାରେ ପ୍ରାତଃସ୍ମରଣଠାରୁ ସ୍ନାନ ସନ୍ଧ୍ୟା ଓ ପୂଜା ପର୍ଯ୍ୟନ୍ତ ସଂକ୍ଷେପ ବର୍ଣ୍ଣନା ୦ ॥ ୵

୧୧ । ୮ । ୭୯ ଶ୍ରୀମଧୁସୂଦନ ମିଶ୍ର

---

ଫକୀରମୋହନ ସେନାପତି କୃତ ସଂସ୍କୃତ ରାମାୟଣର ଉତ୍କଳ ପଦ୍ୟାନୁବାଦ ଗ୍ରନ୍ଥ ପ୍ରକାଶିତ ହେବ ବର୍ତ୍ତମାନ ଅଯୋଧ୍ୟା ଯନ୍ତ୍ରସ୍ଥ ଅଛି । ଏହି ପୁସ୍ତକ ବିନାମୂଲ୍ୟରେ ୫୦୦ ଶତ ଖଣ୍ଡ ବିତରିତ ହେବ ପ୍ରାର୍ଥୀ ମହାଶୟଗଣ ଚତୁର୍ଥମାସ ମଧ୍ୟରେ ଢେଙ୍କାନାଳ ମୋକାମ ବାବୁ ଫକୀରମୋହନ ସେନାପତିଙ୍କଠାରୁ ଅପଣା ନାମ ଧାମ ଲେଖି ପଠାଇ ବାଧିତ କରିବେ । ସମୟ ଗତ ହେଲେ କାହାର ପ୍ରାର୍ଥନା ଗ୍ରାହ୍ୟ ହେବ ନାହିଁ । ଇତି ।

ଶ୍ରୀ ଗୌରଶଙ୍କର ରାୟ

ସେକ୍ରେଟେରୀ ।

---

ଗବର୍ଣ୍ମେଣ୍ଟ ସିନ୍‌କୋନା କୁଇନ୍

ଭୂଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ । ଜ୍ୱରନିବାରଣ ପ୍ରଧାନ ଦେଶୀୟ ଓ ବିଲାତି ଔଷଧବିକ୍ରେତାମାନଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନସ ଟ ୭ ଙ୍କା ୮ ଅଃ ରୁ ଟ ୧୧ ୮୧୬ ଅଃ ରୁ ଟ ୨୦୩ ପରିମାଣ ସଙ୍ଗେ ନଗଦ ମୂଲ୍ୟ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ

Split by PDF Splitter

Digitized by srujanika@gmail.com

Split by PDF Splitter

ERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୪ ଗ
୩୪ ଖ୍ୟା

ତା ୨୩ ରଖ ମାହେ ଅଗଷ୍ଟ ସନ ୧୮୭୯ ମସିହା । ମୂ । ଭାଦ୍ରବ ଦି ୯ ନ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୪୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଁଇ ଡାକମାସୁଲ ଟ୧୪୵

ଜୟପୁର ନିକଟସ୍ଥ ମୂଲକାନାଘର ନିକ-
ରେ ଗଣ୍ଡଗୋଳ ହୋଇଥିବାର ବିଦ୍ୟୁତ
ର୍ତ୍ତାରୁ ଜଣାଯାଏ, କଟ୍ଟାଘିଲଠାରେ ଅନେକ
,କଟ୍ଟାନ ଶବ ପଡଥିବାର ଦେଖାଗଲା ।
ମ୍ମାନ ହୁଅଇ ଯେ ରମ୍ପା ବିଦ୍ରୋହୀମାନେ
ମାନଙ୍କୁ ଗୋଇନ୍ଦା ମଣି ହାଣି ପକାଇଅଛନ୍ତି ।
ମାନେ ଗୋପାଳପୁରମରେ ଦଶସହସ୍ର ଟଙ୍କା
ଟ ନେଇଲେ । ସେମାନଙ୍କ ସଂଖ୍ୟା କ୍ରମେ ବୃଦ୍ଧି
ହବାରୁ ଅଧିକ ସୈନ୍ୟ ପଠାଇବାର ଆବ-
ଶ୍ୟକ ହୋଇଅଛି !

---

ଆମ୍ଭମାନଙ୍କର କଲେକ୍ଟର ନୋଲନ ସା-
ହେବ ଗତ ସୋମବାର ଦିନ ହାଣ୍ଡଲି ସାହେବ
ଏଣ୍ଟ ମେଡଷ୍ଟରଙ୍କୁ ଚାର୍ଜ ଦେଇ ମଙ୍ଗଳବାର
ପରଦିନ କଲିକତାକୁ ଯାତ୍ରା କଲେ । ସେ
ଠାରେ କେବଳ ପାଞ୍ଚମାସ ଥିଲେ ଏ ଅଳ୍ପ
ାଳରେ ଲୋକେ ତାଙ୍କଠାରେ ସନ୍ତୁଷ୍ଟହୋଇ
ଲେ । ଶୀଲତା ଓ ସୌଜନ୍ୟତାରେ ସେ
ପୂର୍ଣ୍ଣ ଥିଲେ ଓ ତାଙ୍କର ସାକ୍ଷାତ ସକାଶେ
ଦେଶୀୟଲୋକେ ତାଙ୍କ କୋଠିକୁ ଗଲେ ସେ-
ମାନଙ୍କୁ ଅତି ସମାଦର କରୁଥିଲେ । ଅମଲାଏ-
ମା ଏ ଆଦରରୁ ବର୍ଜିତ ନ ଥିଲେ । ମଧ
ସ ଦୁଃଖି ପ୍ରଜାଙ୍କର ଗୋଟିଏ ଉପକାର
ରଅଛନ୍ତି ଅର୍ଥାତ୍ ଜଳକର ଅତ୍ୟାଚାରରୁ
ସେମାନଙ୍କୁ ରକ୍ଷା କରିବାରେ ଯତ୍ନବାନ ହୋଇ
ଦ୍ଦୂର କୃତକାର୍ଯ୍ୟ ହୋଇଅଛନ୍ତି । ଏଥିର
ସବିଶେଷ ବାର୍ତ୍ତାରେ ଲେଖିବାର ମାନସ
ରହିଲା । ନୋଲନ ସାହେବ ଗୃହସାମଗ୍ରୀସବୁ
ରଖି ଯାଇଥିବାରୁ ଛଅମାସ ଉତ୍ତାରେ ଏଠାକୁ
ଆସିବାର ସମ୍ଭାବନା ଅଛି ।

---

ଜୁଲୁମାନେ ଉଲଣ୍ଡିରେ ପରାସ୍ତ ହେବାରୁ
ଆମ୍ଭେମାନେ ମନେ କରିଥିଲୁଁ ଜୁଲୁ ରାଜା ଆଉ
ଯୁଦ୍ଧ ନ କରି ସନ୍ଧି କରିବେ ଓ ତଦ୍ରୂପ ସମ୍ବାଦ
ମଧ ଆସିଥିଲା ମାତ୍ର ବର୍ତ୍ତମାନ ବିଦ୍ୟୁତସମ୍ବାଦରୁ
ଜଣାଯାଏ ଯେ ଯୁଦ୍ଧ ଶେଷ ହୋଇ ନାହିଁ ଓ
ଜୁଲୁରାଜା ସହଜରେ ଶରଣାଗତ ହେବା ବ୍ୟକ୍ତି
ନୁହନ୍ତି । ତା ୩ ରଖର ସମ୍ବାଦରୁ ପ୍ରକାଶ ଯେ
ଇଂରେଜମାନେ ଉଲଣ୍ଡି ଓ ମାଗଉଇନ ନଗ-
ରମାନ ପୋଡି ଦେଇଅଛନ୍ତି ଓ ଜଣେ ପ୍ରଧାନ
ସରଦାର ଇଂରେଜଙ୍କ ଶରଣାଗତ ହୋଇ
ଅଛନ୍ତି ମାତ୍ର ଅନେକ ବଳଦ ନଷ୍ଟ ହେଉଥି-
ବାରୁ ଆଉ ଅଗ୍ରସର ହେବାର କଠିନ ହୋଇ
ଅଛି । ତା ୭ ରଖର ସମ୍ବାଦରୁ ଜଣାଯାଏ ଯେ
ଉଲସଲି ସାହେବ ଶରଣାଗତ ସରଦାରମାନଙ୍କୁ
କହିଲେ ତୁମ୍ଭେମାନେ ରାଜାଙ୍କୁ ଆଉ ନ ମାନ,
ଗବର୍ଣ୍ଣମେଣ୍ଟଦ୍ୱାରା ଦେଶର ଶାସନ ଓ ଲୋକ-
ମାନଙ୍କ ରକ୍ଷା ହେବ । ମାତ୍ର ରାଜା ଧୃତ ନ
ହେବା ପର୍ଯ୍ୟନ୍ତ କେହି ଆଶ୍ୱସ୍ତ ହେବେ ନାହିଁ
ଏରୂପ ଆଶଙ୍କା ହେବାରୁ ରାଜାଙ୍କର ନୂତନ
ବାସସ୍ଥାନ ଆକ୍ରମଣାର୍ଥ ଦେଶୀୟ ସୈନ୍ୟ ପ୍ରେ-
ରିତ ହେବେ ଓ ଉଲଣ୍ଡିକୁ ଇଂରେଜଙ୍କ ଅଧି-
କାରରେ ରଖିବା କାରଣ ସେଠାକୁ ସୈନ୍ୟ
ଯାଉଅଛନ୍ତି । ସନ୍ଧିର ସମ୍ଭାବନା ଏପର୍ଯ୍ୟନ୍ତ ଅଛି
ପାର୍ଲିମେଣ୍ଟର ସାଧାରଣ ସଭାରେ ଜୁଲୁଯୁଦ୍ଧ
ବ୍ୟୟ ନିମିତ୍ତ ଆଉ ତିନକୋଟି ଟଙ୍କା ମଞ୍ଜୁର
ହୋଇଅଛି । ବଣୁଆଙ୍କ ସଙ୍ଗେ ଯୁଝି ଇଂରେଜ
ଅନେକ ଖର୍ଚ୍ଚାନ୍ତ ଓ ହରବର ହେଲେଣି,
ପରଶେଷରେ ଜିଣିବେ ସନ୍ଦେହ ନାହିଁ ମାଥ
ଜୟରେ କଛି ଲାଭ ନାହିଁ କେବଳ ନାମ ଓ
ମାନରକ୍ଷା ।

---

### ଶୁଭସମ୍ବାଦ ।

ଆମ୍ଭେମାନେ ଅତି ଆନନ୍ଦପୂର୍ବକ ପାଠକ-
ମାନଙ୍କୁ ଜଣାଉଅଛୁଁ କି ପ୍ରେସ କମିଶନରଙ୍କର
ଚଳିତମାସ ତା ୧୬ ରଖର ବିଦ୍ୟୁତ୍ ବାର୍ତ୍ତାରୁ
ପ୍ରକାଶ ଯେ ଯେଉଁ ଉଚ୍ଚକର୍ମମାନଙ୍କରେ
କେବଳ ଚାର୍ଟିତ କର୍ମଚାରୀମାନେ ( ଇଂରେଜ-
ମାନେ) ନିଯୁକ୍ତ ହେଉଥିଲେ ସେ କର୍ମମାନଙ୍କରେ
ଦେଶୀୟ ଲୋକଙ୍କୁ ନିଯୁକ୍ତ କରିବାର ଗବର୍ଣ୍ଣମେ-
ଣ୍ଟଙ୍କର ପ୍ରସ୍ତାବିତ ନିୟମାବଳୀ ବିଲାଏତର
ସେକ୍ରେଟରୀ ମନୋନୀତ କରିଅଛନ୍ତି । ନିୟମା-
ବଳୀ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିବାରୁ
ଆମ୍ଭେମାନେ ସବିଶେଷ ଅବଗତ ହୋଇ ନାହୁଁ
ପ୍ରଧାନ ନିୟମ ନ ଏହି ଯେ ଇଂରେଜ କର୍ମ-
ଚାରୀମାନେ ଯେତେ ବେତନ ପାଉଥିଲେ
ଦେଶୀୟ ଲୋକେ ତହିଁର ଦୁଇ ତୃତୀୟାଂଶ
ପାଇବେ ଅର୍ଥାତ୍ ତୃତୀୟ ଶ୍ରେଣୀର ଇଂରେଜ

Digitized by srujanika@gmail.com

Split by PDF Splitter



କଲେକ୍ଟରର ମାସିକ ଟ ୧୫୦୦ ଙ୍କା ପାନ୍ତି ଦେଶୀୟ ଲୋକ ସେହି ପଦରେ ନିଯୁକ୍ତ ହେଲେ ଟ ୧୦୦୦ ଙ୍କା ପାଇବେ । ପ୍ରତିବର୍ଷ ଯେତେ ଇଂରେଜ ନିଯୁକ୍ତ ହୋଇ ବିଲାଏତରୁ ଆସନ୍ତି ତହିଁର ସପ୍ତମାଂଶ ଦେଶୀୟ ଲୋକ ହୋଇପାରିବେ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଉପଯୁକ୍ତ ଦେଶୀୟଲୋକ ନିଯୁକ୍ତ କରିବେ ।

ପ୍ରାୟ ଦଶବର୍ଷ ହେଲା ଏବିଷୟର ପ୍ରସ୍ତାବ ବା ଆଇନ ପାର୍ଲିମେଣ୍ଟରେ ହୋଇ ଏପର୍ଯ୍ୟନ୍ତ କାର୍ଯ୍ୟରେ ପରିଣତ ହୋଇ ନ ଥିଲା । ଲର୍ଡ ନର୍ଥବ୍ରୁକ୍ ସାହେବ ଏପକ୍ଷରେ କିଛି ଯତ୍ନ କରିଥିଲେ ମାତ୍ର କୃତକାର୍ଯ୍ୟ ହୋଇ ନ ପାରିଲେ । ବର୍ତ୍ତମାନର ଲାଟଗବର୍ଣ୍ଣର ଲିଟନ ସାହେବ ଭାରତବର୍ଷକୁ ଆସିଲାଦିନୁ ଏବିଷୟରେ ମନୋଯୋଗୀ ଓ ଉଦ୍‌ଯୋଗୀ ହୋଇ ନିୟମାବଳୀ ପ୍ରସ୍ତୁତ ଓ ମନୋନୀତ କରାଇଲେ । ଏଥିପାଇଁ ଆମ୍ଭେମାନେ ଲର୍ଡ ଲିଟନ ସାହେବଙ୍କୁ ପ୍ରଶଂସା କରୁଅଛୁଁ ଓ ଧନ୍ୟବାଦ ଦେଉଅଛୁଁ । ପ୍ରଧାନ ନିୟମଗୁଡିକ ମଧ୍ୟ ମନ୍ଦ ହୋଇ ନାହିଁ । ଇଂରେଜମାନେ ଆପଣା ଦେଶ ଗ୍ରାମ ଛାଡି ବହୁଦୂରରୁ ଆସି କର୍ମ କରନ୍ତି ଓ ଦେଶୀୟ ଲୋକ ଆପଣା ଦେଶ ଗ୍ରାମରେ ଥାଇ କର୍ମ କରିବେ ଏସ୍ଥଳେ ଇଂରେଜଙ୍କ ଅପେକ୍ଷା ଦେଶୀୟ ଲୋକଙ୍କୁ ଊଣା ବେତନ ଦେବାର ବଡ ଦୋଷଯୁକ୍ତ ହୋଇ ନ ପାରେ ଓ ଏଥିରେ ଅସ୍ମଦ୍ଦେଶୀୟମାନେ ଅସନ୍ତୁଷ୍ଟ ହେବାର ଉଚିତ ନୁହେ । ଆମ୍ଭମାନଙ୍କ ବିବେଚନାରେ ଦେଶୀୟ କର୍ମଚାରୀଙ୍କ ସଂଖ୍ୟା ଆଉ କିଛି ଅଧିକ ହୋଇଥିଲେ ଭଲ ହୋଇଥାନ୍ତା ଏଥିପାଇଁ ମଧ୍ୟ ଆମ୍ଭେମାନେ ଅସନ୍ତୁଷ୍ଟ ନାହୁଁ କାରଣ ଆରମ୍ଭରେ ଯେବେ ଏତିକି ହେଲା ପଶ୍ଚାତ୍‌କୁ ଏପ୍ରଥାର ଉପକାରିତା ଜଣା ପଡିଲେ ସଂଖ୍ୟା ବୃଦ୍ଧି ହୋଇପାରେ । ଦେଶୀୟ ଲୋକେ ଉଚ୍ଚକର୍ମରୁ ଏପର୍ଯ୍ୟନ୍ତ ନିରାଶ ଥିଲେ ବର୍ତ୍ତମାନ ଯେ ଏତିକି ହେଲା ଏହାହିଁ ଯଥେଷ୍ଟ; ଅତଏବ ଆମ୍ଭେମାନେ ଏଥିରେ ଅତି ସନ୍ତୁଷ୍ଟ ଓ ଆନନ୍ଦିତ ହୋଇଅଛୁଁ ।

---

## ପୁରୀରଥଯାତ୍ରା ।

ଗତ ରଥଯାତ୍ରା ସମ୍ବନ୍ଧରେ ହିନ୍ଦୁପେଟ୍ରିଅଟ ପତ୍ରିକା ଯାହା ଲେଖିଥିଲେ ତାହା ପାଠକମାନଙ୍କୁ ଆମ୍ଭେମାନେ ଏଥିପୂର୍ବେ ଜଣାଇଅଛୁଁ । ସେ ଲେଖା କାର୍ଯ୍ୟରେ ଆସିଅଛି, ଆମ୍ଭମାନଙ୍କ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଉକ୍ତ ପ୍ରବନ୍ଧକୁ ପୁରୀ ରଥରେ ପୁଲିସର ଅସିଷ୍ଟାଣ୍ଟ ସାହେବମାନେ ବସିଥିବା ଓ ମୁସଲମାନ କନଷ୍ଟବଲମାନେ ରଥ ଛୁଇଁଥିବା ଓ ଠାକୁରଙ୍କ ନୀତି ସରିବା ପୂର୍ବେ ରଥ ଟଣାହେବା ଇତ୍ୟାଦି ବିଷୟ ଅବଗତ ହୋଇ ଶ୍ରୀଯୁତ କମିଶନର ସାହେବଙ୍କଦ୍ୱାରା ସ୍ଥାନୀୟ କର୍ମଚାରୀଙ୍କଠାରୁ ଏଥିର କୈଫିୟତ୍ ତଲବ କଲେ । କମିଶନରସାହେବ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ପୁରୀ ମେଜଷ୍ଟ୍ରେଟଙ୍କ ନିକଟକୁ ପଠାଇ ଦେଲେ ଓ ସେ ଅସିଷ୍ଟାଣ୍ଟମାନଙ୍କଠାରୁଁ କୈଫିୟତ୍ ନେଇ ପଠାଇବାରୁ କମିଶନର ସାହେବ ଆପଣା ମନ୍ତବ୍ୟ ସହିତ ସେସବୁ କାଗଜ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି ବା ଆଜିକାଲି ପଠାଇବେ । ଆମ୍ଭେମାନେ ଭରସା କରୁଁ ଗବର୍ଣ୍ଣର ସାହେବ ଏଥିର ସୁବିଚାର କରି ଉଚିତ ଆଜ୍ଞା ପ୍ରଦାନ କରିବେ । କିଏ କି କୈଫିୟତ୍ ଦେଇଅଛନ୍ତି ଏହା ଜାଣିବାକୁ ପାଠକମାନେ ଉତ୍ସୁକ ହେବେ ଅତଏବ ଆମ୍ଭେମାନେ ନାନାଦସୂତ୍ରେ ଯାହା ଅବଗତ ହୋଇଅଛୁଁ ତାହା ନିମ୍ନେ ଲେଖୁଅଛୁଁ ।

ପୁଲିସ ଅସିଷ୍ଟାଣ୍ଟଙ୍କ ମଧ୍ୟରେ ଜଣେ କଟକର ଜଜ ସାହେବ ଓ ଅନ୍ୟ ଜଣ ପୁରୀର ରବର୍ଟ ସାହେବ । ଜଜ ସାହେବ ଦୋଷ ସ୍ୱୀକାର କରି ଲେଖିଅଛନ୍ତି ରଥ ଚକର ଅଖ ଉପରେ ପଡିଥିବା ମୋଟ କାଷ୍ଠଖଣ୍ଡ ଉପରେ ଆମ୍ଭେ ଅନେକଥର ବସିଅଛୁଁ ଓ ଥରେ ତହିଁରେ ବସି ଚୁରୁଟ ପାନ କରିଅଛୁଁ । ଏହା ଆପତ୍ତିଜନକ ବୋଲି ଆମ୍ଭଙ୍କୁ ଜଣା ନ ଥିଲା କିମ୍ବା କେହି ଆମ୍ଭଙ୍କୁ ନିଷେଧ ନ କଲେ ନଚେତ୍ ଆମ୍ଭେ କଦାପି ବସି ନ ଥାନ୍ତୁ । ଥରେ ରଥରେ ବସି ଜଣେ ପ୍ରଧାନ ମହନ୍ତ ସହିତ କଥୋପକଥନ କରିଥିଲୁଁ ସେ ମଧ୍ୟ ନିଷେଧ ନ କଲେ । ମୁସଲମାନ କନଷ୍ଟବଲ ନିଯୁକ୍ତ କରିବାର ଦୋଷଯୁକ୍ତ ବୋଲି ଆମ୍ଭଙ୍କ ଗୋଚର ନ ଥିଲା, ତଥାଚ ଆମ୍ଭେ ସେମାନଙ୍କୁ ରଥ ପଛରେ ରଖି ହିନ୍ଦୁ କନଷ୍ଟବଲଙ୍କୁ ଆଗରେ ରଖାଇଥିଲୁଁ । ନୀତି ସରିବା ପୂର୍ବେ ରଥ ଟଣା କଥା ସତ ନୁହେ, ଆମ୍ଭେ ସେବକମାନଙ୍କ ପଚାରି ଓ ସେମାନଙ୍କ ଉତ୍ତରରୁ ନୀତି ଶେଷହେବାର ଜାଣିହୋଇ ରଥ ଟାଣିବାର ଆଜ୍ଞା ଦେଇଅଛୁଁ । ରବର୍ଟ ସାହେବ ମଧ୍ୟ ଦୋଷ ସ୍ୱୀକାର କରି ଆପଣାର ଅଜ୍ଞାନତାକୁ ତହିଁର କାରଣ ସ୍ୱରୂପ ଦେଖାଇ ଅଛନ୍ତି । ମେଜଷ୍ଟର ସାହେବ ଲେଖନ୍ତି ଆମ୍ଭେ ଶରୀରର ଅସୁସ୍ଥତା ହେତୁ ସେ ଦିନ ଯାତ୍ରାରେ ଉପସ୍ଥିତ ନ ଥିଲି ତଥାଚ ଆବେଦନ ଶୁଣିଲି ଯେ ଅସିଷ୍ଟାଣ୍ଟମାନେ ରଥରେ ବସିବାରୁ ହିନ୍ଦୁମାନେ ବିରକ୍ତ ହୋଇଅଛନ୍ତି । କିନ୍ତୁ ଆମ୍ଭେ ସେମାନଙ୍କୁ ପଚାରିବାରେ ସେମାନେ ଏ କଥା ମାନିଲେ । ମୁସଲମାନ କନଷ୍ଟବଲମାନେ କେବଳ ଯାତ୍ରୀମାନଙ୍କୁ ରଥଠାରୁ ଅନ୍ତର ରଖିବାରେ ନିଯୁକ୍ତ ଥିଲେ ସେମାନେ ରଥ ଚଲାଉ ନ ଥିଲେ ଓ ସବୁ ନୀତି ଶେଷ ହେବା ଉତ୍ତାରେ ରଥ ଟଣା ହୋଇଅଛି" । ଜଜ ସାହେବ ନୂତନ ଓ ସେ ଯେପରି ମୁକ୍ତ କଣ୍ଠରେ ସବୁ କଥା ସ୍ପଷ୍ଟ ଲେଖିଅଛନ୍ତି ଓ ଚୁରୁଟ ପାନର କଥା କୌଣସି ପ୍ରକାରେ ଉଲ୍ଲେଖ ନ ଥିଲେ ମଧ୍ୟ ତାହା ସେ ଆପଣା ସ୍ୱଇଚ୍ଛେ ସ୍ୱୀକାର କରିଅଛନ୍ତି ଏଥିରୁ ବୋଧ ହୁଏ ଯେ ରଥରେ ବସିବା ଦୋଷଜନକ ବୋଲି ବାସ୍ତବରେ ତାଙ୍କୁ ଜଣା ନ ଥିଲା । କିନ୍ତୁ ସେ ଜଣେ ପ୍ରଧାନ ପୁଲିସ କର୍ମଚାରୀ ଥିବାରୁ ଲୋକମାନଙ୍କର ଧର୍ମ ନୀତି ରୀତି ଇତ୍ୟାଦି କଥା ତାଙ୍କୁ ଜାଣିବାର ଉଚିତ । ଇଂରେଜମାନେ ହିନ୍ଦୁ ଦେବମନ୍ଦିର ମଧ୍ୟକୁ ଯିବାର ନିଷେଧ, ଏତିକି ସେ ଅବଶ୍ୟ ଜାଣି ଥିବେ । ରଥରେ ବସିବାରେ କିଛି ଦୋଷ ଅଛି କି ନା ଏହା ବୁଝିବାର ତାଙ୍କ ଆବଶ୍ୟକ ଥିଲା ଓ ସେ ବୁଝିଥିଲେ ଏହା ଘଟି ନ ଥାନ୍ତା । ଏତକରେ ତାଙ୍କର ଦୋଷ କିନ୍ତୁ ତାଙ୍କ ଅପେକ୍ଷା ରବର୍ଟ ସାହେବଙ୍କ ଦୋଷ ଅଧିକ କାରଣ ସେ ନୂତନ ନୁହନ୍ତି ଓ ଜାଣି ନ ଥିବାର ସେ ଯେ ଉତ୍ତର କରନ୍ତି ଏହା ଶୁଣିବାର ଯୋଗ୍ୟ ନୁହେ । ଯାହା ହେଉ ହିନ୍ଦୁପେଟ୍ରିଅଟ ଯଥାର୍ଥ କହିଅଛନ୍ତି ଏପରି କାର୍ଯ୍ୟରେ ଅପ୍ରବୀଣ ଯୁବା ଇଂରେଜ କର୍ମଚାରୀଙ୍କୁ ନିଯୁକ୍ତ କରିବାର ଉଚିତ ନ ଥିଲା । ଅର୍ମଷ୍ଟ୍ରଙ୍ଗ ସାହେବ ତ ଅପ୍ରବୀଣ ନୁହନ୍ତି ସେ କାହିଁକି ସେମାନଙ୍କୁ ସବୁ କଥା ପୂର୍ବରୁ ବୁଝାଇ ନ ଦେଲେ ଓ ଉତ୍ତମ ତତ୍ତ୍ୱାବଧାରଣ ନ କଲେ ? ଏବଂ ସେ ଏପରି ଗୁରୁତର କଥା ଜ୍ଞାତ ହୋଇ କାହିଁକି ଚୁପହୋଇ ରହିଲେ !

ଉପର ଲିଖିତ ବିଷୟରେ କମିଶନର ସାହେବ କି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଆମ୍ଭେମାନେ ଏପର୍ଯ୍ୟନ୍ତ ଜ୍ଞାତ ହୋଇ ନାହୁଁ । ବର୍ତ୍ତମାନ ସେ ମହନ୍ତଙ୍କ ପକ୍ଷରେ ବିଚାର କରିବାର ଆବଶ୍ୟକ । ଜଜ ସାହେବ ତାଙ୍କର ନାମ ନ ଦେଇ ପ୍ରଧାନ ମହନ୍ତ ବୋଲି ଲେଖନ୍ତି ଓ ତାଙ୍କ ସଙ୍ଗେ ସେ କଥୋପକଥନ କରିଥିଲେ । ଏଥିରୁ ଜଣାଯାଏ ଯେଉଁ ମହନ୍ତମାନେ ସାହେବମାନଙ୍କର ନିକ-

Digitized by srujanika@gmail.com

ଟଙ୍କୁ ଉଦ୍ଧାର କରନ୍ତୁ ସେମାନଙ୍କ ମଧ୍ୟରୁ କେହି ହୋଇଥିବ । ତେବେ ସେ ସାହେବଙ୍କୁ ଭିକ୍ଷୁ ବୋଲିଲେ ବାଳେ ସାହେବ ମାର ଗୋଡାଇବ ଏପରି ଅଙ୍କ ନ ଥାଇ ସାହେବଙ୍କ ମନର ଯୋଗାଇବା ଓ ତୋଷାମଦିଆ ବ୍ୟକ୍ତି ହୋଇ ଥିବ । ଆପଣାର ଧର୍ମନଷ୍ଟ ପଡ଼ିବ ଦେଇ ସାହେବଙ୍କର ସୁମତ ଥାଉ ଓ ବିରକ୍ତି ନ ହେଉ ଏହି ଭଳ ଲୋକ ସେ ଅଟଇ । ନଚେତ୍ ସେ କଳ ସାହେବଙ୍କୁ ଅବଶ୍ୟ ନିଷେଧ କରି ଥାନ୍ତା । ହିନ୍ଦୁ ଧର୍ମ ରକ୍ଷା ପକ୍ଷରେ ଦୃଷ୍ଟି ରଖିବାର ମହନ୍ତମାନଙ୍କର ବିଶେଷ କର୍ତ୍ତବ୍ୟ ଯଦ୍ୟପି ସେମାନେ ଏଥିରେ ଦୃଷ୍ଟି କଲେ ଓ ଧର୍ମ ରକ୍ଷା ନିମନ୍ତେ ପଦେ କଥା କହିବାକୁ ଇଚ୍ଛା ନ କଲେ ତେବେ ଏକା ସାହେବଙ୍କୁ ଅବା କାହିଁକି ଦୋଷୀ କରିବା । ଆମ୍ଭମାନଙ୍କ ବିବେଚନାରେ ସାହେବ ଦ୍ୱୟଙ୍କ ଅପେକ୍ଷା ସେ ମହନ୍ତ ଅଧିକ ଦୋଷୀ ଅଟେ ଓ ତାଙ୍କୁ ମହନ୍ତ ନ କହି ମାହନ୍ତ କହିଲେ ହୁଏ ।

---

## ବନ୍ୟା ।

ଆମ୍ଭେମାନେ ଗତ ସପ୍ତାହରେ ବନ୍ୟାର ବିବରଣ ଯେତେକ ଦୂର ପାଠକମାନଙ୍କୁ ଜଣାଇଅଛୁଁ । ଯୋବରା ନିକଟ ମହାନଦୀ ମଧ୍ୟସ୍ଥିତ ଟାପୁରେ ପ୍ରାୟ ଦୁଇଶତ ଗୋରୁ ଚରୁଥିଲେ ସେମାନେ ସମସ୍ତେ ଭସିଯାଇ ଅଳକଟ ବନ୍ଦରଠାରେ ପ୍ରାଣ ହରାଇଲେ ମାତ୍ର ଗୋରୁରକ୍ଷକ ଦୁଇଜଣ ମୃତ୍ୟୁମୁଖରୁ ଚମତ୍କାରରୂପେ ବର୍ତ୍ତିଅଛିଲେ । ବନ୍ଦ ବୁଡ଼ିଥିଲେହେଁ ସେଠାରେ ଜଳ ସମାନ ନ ଥାଇ ଦୁଇଭାଗ ଉଚ୍ଚରୁ ଅତି ପ୍ରବଳରୂପେ ଗଡଇ ଓ କିଛିଦୂର ତହିଁର ଲହର ସମୁଦ୍ର ଲହରତୁଲ୍ୟ ଅଟଇ । ସେ ଦୁଇଜଣ ଗଛରେ କାଠିଆରେ ବସି କୂଳକୁ ଆସିବାର ଚେଷ୍ଟା କଲେ ମାତ୍ର ସ୍ରୋତଜଳରେ କାଠିଆ ବନ୍ଧ ଉପରକୁ ଟଳିବାରୁ ସେମାନେ ତହିଁର ମଝିରେ ଏକସ୍ଥରେ ବସିଲେ । ସେ ଉଭୟଙ୍କର ସ୍ଥାନରେ କାଠିଆ ପଡନ୍ତେ ବୁଡ଼ିଯାଇ ବେଗବତ ଭାବ ଅନ୍ତରବେ ତହିଁର ଗୋଟିଏ ମଙ୍ଗ ଉପରକୁ ଟେକିହୋଇ ଉଠିଲା । ତହୁଁ ସେ ଦୁହିଙ୍କ ମଧ୍ୟରୁ ଜଣେ ଉଠାମଙ୍ଗ ଉପରକୁ ଉଠିଆସନ୍ତେ ସେ ମଙ୍ଗ ନଇଁଯାଇ ଅର ମଙ୍ଗକୁ ଉଠାଇଦେଲା । ପ୍ରଥମେ ଏକମଙ୍ଗ ଟେକି ହୋଇଥିବାରୁ କାଠିଆରୁ ଅନେକ ଜଳ ବାହାର ଯାଇଥିଲା ସୁତରାଂ ତାହା ଭସିଲା ତହୁଁ ସେ ଦୁହେଁ କାଠିଆକୁ ବୋହି କୂଳରେ ଲଗାଇଲେ ଓ ଏ ଘୋର ସଙ୍କଟରୁ ଉଦ୍ଧାର ପାଇଲେ । ସଙ୍କଟ ନାଶନଙ୍କର କଥାକ୍ଷପାଇ ହେଲେ ପର୍ବତସମ ସଙ୍କଟ ପାଣିପୋଟକାପରି ମିଳାଇ ଯାଏ ।

ଆମ୍ଭେମାନେ ସନ ୧୮୬୬ ସାଲଠାରୁ ହୋଇଥିବା ବଡ଼ ବଡ଼ ବଢ଼ିର ମାପ ବାରକମାଷ୍ଟର ମହକୁମାରୁ ଆଣାଇ ଅଛୁଁ ପାଠକମାନେ ତାହା ଜାଣିବାକୁ କୌତୁକୀ ହେବେ ଏ ଯୋଗୁ ସେ ମାପପତ୍ର ନିମ୍ନେ ପ୍ରକାଶ କରୁଅଛୁଁ । ସକଳ ସ୍ଥାନରେ ଭୂମି ସମାନ ନ ଥିବାରୁ ବଙ୍ଗୋପସାଗରଠାରେ ସମୁଦ୍ରର ହାରାହାରି ପତନକୁ (Mean sea Datum) ଧରି ଭୂମି ଓ ଜଳର ଉଚ୍ଚ ନୀଚ ଗଣନା ହୁଅଇ । ଏ ପତ୍ରରେ ଯେତେ ଅଙ୍କ ଲେଖା ହୋଇଅଛି ସମୁଦ୍ରପ୍ରତ ବଢ଼ି ତେତେ ଫୁଟ ଉଚ୍ଚ ହୋଇଥିଲା ।

| ସ୍ଥାନର ନାମ । | ସନ୍୧୮୬୬ | ୧୮୬୭ | ୧୮୭୨ | ୧୮୭୪ | ୧୮୭୬ | ୧୮୭୭ | ୧୮୭୯ |
|---|---|---|---|---|---|---|---|
| କାଠଯୋଡ଼ୀ ନଦୀ ଗଳକାଶଠାରେ | ଫୁ ୮୨।୭ | ଫୁ ୮୨।୧ | ଫୁ ୮୨।୨ | ଫୁ ୮୦।୨ | ଫୁ ୭୯।୭ | ଫୁ ୭୮।୪ | ଫୁ ୮୧।୩ |
| ମହାନଦୀ ଯୋବରାଠାରେ | • | • | ଫୁ ୭୬।୧୧ | ଫୁ ୭୩।୧୧ | ଫୁ ୭୩।୩ | ଫୁ ୭୨।୭ | ଫୁ ୭୬।୬ |

ଅନ୍ୟବର୍ଷମାନଙ୍କର ବଢ଼ିର ଉଚ୍ଚତା ଏଥିଅପେକ୍ଷା ଅନେକ ଊଣା ଅଟଇ ।

ଆମ୍ଭେମାନେ ମୋଫସଲରୁ ଅନେକ ଦୁଃଖଜନକ ସମ୍ବାଦ ପାଇ ଅଛୁଁ ଅନେକ ସ୍ଥାନରେ ବନ୍ଧ ଭାଙ୍ଗି ଗ୍ରାମ ସବୁ ଭସାଇ ଦେଇଅଛି ମାତ୍ର ମନୁଷ୍ୟ ଓ ଅଧିକ ପଶୁ ନଷ୍ଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ସବଡିଭିଜନ ଇଲାକାରେ ସର୍ବାପେକ୍ଷା ଅଧିକ କ୍ଷତି ହୋଇଅଛି । ପଟାମୁଣ୍ଡାଇରୁ ଇନ୍ଦୁପୁର ପର୍ଯ୍ୟନ୍ତ ପ୍ରଦେଶ, ଲୁଙ୍ଗଙ୍ଗ ଅନ୍ତର୍ଗତ ରମ୍ପିତୋ, ଲହାଗଣ୍ଡ, ସୁଙ୍କୁନଇ, ଗାବନ୍ଧା ଇତ୍ୟାଦି ସ୍ଥାନରେ ବିଶେଷ କ୍ଷତି ହୋଇଅଛି ଲୋକମାନଙ୍କର ଘର ସବୁ ଭାଙ୍ଗି ଯାଇଅଛି । ସେମାନେ ନାଳ ବନ୍ଧ ଇତ୍ୟାଦି ଉଚ୍ଚ ସ୍ଥାନକୁ ପଳାଇ ଆସି ପ୍ରାଣ ରକ୍ଷା କଲେ କେହି, ମଞ୍ଚା ବା ଗଛ ବାନ୍ଧି ତହିଁ ଉପରେ ରହିଲେ । ତିନି ଚାରିଦିନ କାଳ ଲୋକେ-ସ୍ତ୍ରୀ ବାଳକ ସହିତ ପଦାରେ ପଡ଼ି ରହି ବଡ଼ କଷ୍ଟ ପାଇଲେ । ବହୁ ସଂଖ୍ୟକ ଦୁଃସ୍ଥ ଲୋକ ଗୃହହୀନ ହୋଇ ଏପର୍ଯ୍ୟନ୍ତ କଷ୍ଟ ଭୋଗ କରୁଅଛନ୍ତି ସେମାନଙ୍କର ସାହାଯ୍ୟ ନିମନ୍ତେ କଲେକ୍ଟର ନୋଲନ ସାହେବ ଉତ୍ତମ ପ୍ରସ୍ତାବଟିଏ କରିଅଛନ୍ତି । ତାହା ଏହି ଯେ ମାନ୍ଦ୍ରାଜ ଦୁର୍ଭିକ୍ଷ ଉପଲକ୍ଷରେ କେନ୍ଦ୍ରପଡ଼ାରେ ଟ ୧୧୬୭ ୮ ତୋଳା ସଂଗୃହୀତ ହୋଇଥିଲା ମାତ୍ର ଭ୍ରମରେ ତାହା ଏପର୍ଯ୍ୟନ୍ତ ପଠା ଯାଇ ନାହିଁ । ସେହି ଟଙ୍କା ବର୍ତ୍ତମାନର ବନ୍ୟା ପୀଡ଼ିତ ବ୍ୟକ୍ତିମାନଙ୍କୁ ବାଣ୍ଟି ଦିଆ ଯିବ । କେନ୍ଦ୍ରାପଡ଼ାର ଡିପ୍ଟୀ ମେଜଷ୍ଟ୍ରେଟ ଗୁପ୍ତ ସାହେବ ବଢ଼ି ସମୟରେ ପଦାରେ ପଡ଼ିଥିବା ଲୋକମାନଙ୍କର ସମ୍ପତ୍ତି ରକ୍ଷା ସକାଶେ କେତେ ଜଣ କନଷ୍ଟେବଲ ଓ ଇନ୍ସପେକ୍ଟରଙ୍କୁ ପଠାଇଥିଲେ ବର୍ତ୍ତମାନ ଆପେ ଜନମାନଙ୍କର ଅବସ୍ଥା ଦେଖିବା କାରଣ ଆପଣା ଇଲାକାରେ ଭ୍ରମଣ କରୁଅଛନ୍ତି ଏହା ପ୍ରଶଂସନୀୟ ଅଟଇ । ଉପର ଦିଗରୁ ବର୍ଷା ପାଣି ଶୀଘ୍ର ଘଞ୍ଚିବାରୁ ଫସଲର ବିଶେଷ କ୍ଷତି ହୋଇ ନାହିଁ ମାତ୍ର ଭଲଢ଼ିର ଫସଲ ବୁଡ଼ି ରହିଥିବାରୁ ତହିଁର ଅବସ୍ଥା ଜଣା ପଡ଼ି ନାହିଁ ବୋଧ ହୁଏ କିଛି ନଷ୍ଟ ହେବ ।

କଟକ ଅପେକ୍ଷା ପୁରୀରେ ବନ୍ୟା ଅଧିକ ପ୍ରବଳହୋଇ ପ୍ରାୟ ସର୍ବନାଶ କରିଅଛି । ଆମ୍ଭମାନଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି ଯେ ସଦର ସବଡିଭିଜନ ସମ୍ପୂର୍ଣ୍ଣରୂପେ ପ୍ଲାବିତ ହୋଇଅଛି । ଅନେକ ବନ୍ଧ ଭାଙ୍ଗିଯାଇଅଛି ଓ ଦେଶ ଏ ପର୍ଯ୍ୟନ୍ତ ଜଳରେ ବୁଡ଼ିଅଛି । କାକଟପୁରରେ ଦୁଇଜଣ ମନୁଷ୍ୟ ଭସିଗଲେ ସେମାନଙ୍କ ଶବ ଏ ପର୍ଯ୍ୟନ୍ତ ମିଳି ନାହିଁ । ଗୋଟିଏ, ଗ୍ରାମ ସମ୍ପୂର୍ଣ୍ଣ ଭସିଯାଇ ଅଛି ଓ ଲୋକେ ଛପର ଓ ବୃକ୍ଷ ଉପରେ ଚଢ଼ି କେବଳ ପ୍ରାଣରକ୍ଷା କରି ଅଛନ୍ତି । ଗୋପଠାରୁ ବଲଙ୍ଗା ପର୍ଯ୍ୟନ୍ତ ସଡ଼କ ଜଳମଗ୍ନ ହୋଇଅଛି ଓ ତହିଁ ଉପରେ ନୌକାର ଗତାୟାତ ହେଉଅଛି ଓ ଅନେକ ସ୍ଥାନର ଅବସ୍ଥା ଏହିପ୍ରକାର । ଏପରି ବନ୍ୟା ପୁରୀଜିଲ୍ଲାରେ କେବେ ହୋଇ ନ ଥିଲା । ପ୍ରାୟ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କା ହୁଅଇ

Digitized by srujanika@gmail.com

## CORRESPONDENCE.

To the Editor of the Utkal Dipica.

Sir,

"Man never is, but always to be blest" is an aphorism too true to be gainsaid and at the same time too common to need any special mention here. We curse our lot when we are in distress, and feel the poignant stings of poverty. We feel unhappy when with the increase of our wealth we should rejoice, and the sphere of our joy and ecstacy should be widened and enlarged. During winter when the rigors of the climate are excessive we think of a happier and more easy life in summer, not knowing that the latter with all its concomitants would be a source of greatest uneasiness to us. In summer again, smarting under the scorching influence of the sun we pant for rains which we then believe would take off our sufferings. But far from doing so, the rains add not a little to our misery and woe. In short, to quote the lines of a poet

"————This wretched orb
Knows not the taste of rest; a maniac world,
Homeless and sobbing through the deep she goes."

Up to July last there had been a general complaint in the district of the want of rains, and the excess of heat consequent thereon. Apprehensions in respect of crops were entertained in places through which the irrigating canals and their distributaries have not passed. The rivers and other water reservoirs were almost dry. But lo! the copious showers last week have suddenly changed the face of nature. For three consecutive days, from the 11th. to the 13th. Instant, the town of Cuttack was threatened with inundation. The rise of water in the rivers Katjori and Mahanuddy was up to 26 feet, *i. e.* one foot less than the inundation level mark of 1872, and the water.

"————Rising over the pile,
Sees an amphibious world beneath him smile."

It is quite true that were it not for the strong rivetment reared along the side of the Katjori nothing could protect the town from such violent periodic inundations, to which the country is so often subjected. This rivetment was constructed some 4 or 5 hundred years ago, and was then on account of the beds of rivers having been deeper, sufficiently high. But time works wonderful change. The beds of the rivers have in course of time been silted up and raised, and inundation therefore has become now more frequent than heretofore.

The too frequent recurrence of the flood, and the rivetment not being sufficiently high to prevent its encroachment, are facts which clearly indicate that unless the latter be raised a few feet more above its present level, it would be difficult to keep off the evil resulting from the flood. But then the embankment should not only be elevated but extended lengthwise also. Would it not be better therefore under the circumstances either to remove the town to some safer locality as suggested by Captain Harris some few years ago in his elaborate report on the Orissa Rivers, or to construct some stupendous public works for its permanent protection? The subject demands a serious consideration, and I hope our Engineers who have large experience of the country will bestow a thought upon it.

Hoping to be excused for this lengthy letter.

I remain,
Sir,
Yours sincerely
Quidnunc.

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ଉତ୍କଳଦୀପିକାରୁ ଅବଗତ ହେଲୁଁ କି ଆମେରିକାର ଜଣେ ଅଧ୍ୟାପକ ବୃହସ୍ପତି ଶନି ଇୟୁରେନସ ନେପ୍‌ଚୁନ ଏ ଚାରି ଗ୍ରହଙ୍କର ଗତିମାର୍ଗରେ ଯେଉଁ ସ୍ଥାନ ସୂର୍ଯ୍ୟଙ୍କଠାରୁ ଅତି ନିକଟ ତାହା ଆଗାମୀ ସନ ୧୮୮୦ ସାଲରେ ଏକସମାନରେ ପଡ଼ିବ ଏଠାରୁ ସାତବର୍ଷପର୍ଯ୍ୟନ୍ତ ପୃଥିବୀରେ ଘୋର ବିପତ୍ତି ପଡ଼ିବ ବୋଲି ଯାହା ସ୍ଥିର କରିଅଛନ୍ତି ଏଥିକୁ ଆମ୍ଭ ଗଣନାରେ ତାହା ଘଟୁ ନାହିଁ ଯେହେତୁ ସୂର୍ଯ୍ୟଙ୍କଠାରୁ ବୃହସ୍ପତିଙ୍କ ଗତିମାର୍ଗର ନିକଟସ୍ଥାନ ମୀନରାଶି ୨୦ ଅଂଶଠାରେ ଅଛି ଶନିଙ୍କର ଉକ୍ତ ସ୍ଥାନ ମିଥୁନ ୧୬ ଅଂଶଠାରେ ଅଛି । ମନୋହର ଗତି ବିଶେଷରୁ ଆଜିଁ ଅବଧି ୧୧ ଲକ୍ଷବର୍ଷ ଗତହେଲେ ଉକ୍ତ ଦୁଇ ଗ୍ରହଙ୍କ ନିକଟସ୍ଥାନ ମିଥୁନରାଶି ୨୨ ଅଂଶରେ ସମାନ ପଡ଼ିବ ପ୍ରାୟ ୧୬୫ ବର୍ଷରେ ଓ ୮୪ ବର୍ଷରେ ଏକବାର ଭ୍ରମଣ କରିବା ନେପ୍‌ଚୁନ ଓ ଇୟୁରେନସ ଏ ଦୁଇଗ୍ରହଙ୍କ ଗତିମାର୍ଗର ନିକଟସ୍ଥାନ ବୃହସ୍ପତିଙ୍କର କିମ୍ବା ଶନିଙ୍କର ସମାନରେ ଥାଉଁ ଚାରିଗ୍ରହଙ୍କ ନିକଟସ୍ଥାନର ଏକତ୍ରାବସ୍ଥିତି ନୋହିଲା ଏପରି କାରଣ ଅସିଦ୍ଧ ହେଲାଠାରେ କାର୍ଯ୍ୟସ୍ୱରୂପ ଜଳକ୍ଷୟ ସମ୍ଭାବନା କିପରି ହେଉଅଛି । କିନ୍ତୁ ଗ୍ରହମାନଙ୍କର ଯୁଦ୍ଧ ସମାଗମାଦିରୁ ଯେ ଅନାବୃଷ୍ଟ୍ୟାଦି ଉପଦ୍ରବ ହୁଏ ତାହା ଭିନ୍ନ ଭିନ୍ନ ସମୟରେ ଏକ ଏକ ଦେଶରେ ଘଟେ ଏ ପ୍ରାୟ ସମୁଦାୟ ଦେଶର ଏକ କାଳରେ ବିପତ୍ତି ହେବା ଅସମ୍ଭବ ବର୍ତ୍ତମାନକାଳତ ମନୁଷ୍ୟାଦି ହୋଇ ନାହିଁ ଯଦିବା ଈଶ୍ୱରଇଚ୍ଛା ନିରଙ୍କୁଶା ଇତ୍ୟାଦି ପ୍ରମାଣ ମୂଳରୁ ଅନିୟମିତ କାଳରେ ପ୍ରଳୟ ହେବ ତେବେ ତାହା ମନୁଷ୍ୟ ମାତ୍ରର ଅଗୋଚର ଯଦ୍ୟପି ତାହା ଉକ୍ତ ଅଧ୍ୟାପକଙ୍କୁ ଜ୍ଞାତ ହେଲା ତେବେ ସେ ପରମେଶ୍ୱରଙ୍କ ଅବତାର ଏହି ଜ୍ଞାନ କରି ଆମ୍ଭେମାନେ ତାହାଙ୍କ ପ୍ରତି ପ୍ରାର୍ଥନା କରୁଁ କି ସେ ମହାଶୟ ଆମ୍ଭପ୍ରତି କୃପାଦୃଷ୍ଟି ପୂର୍ବକ ଏହି ଉପଦେଶ ପ୍ରଦାନ କରନ୍ତୁ ଯେ ସଂହାରକବାୟୁ ଓ ଜୁଆର ପ୍ରଭୃତି କେଉଁବର୍ଷ କେଉଁମାସ କଲିକତା ନଗରକୁ କେତେ ତାରିଖ କେତେଘଣ୍ଟା ସମୟରେ ଆରମ୍ଭ ହେବ ତହିଁରୁ ପ୍ରାଣରକ୍ଷାର ଉପାୟ କି ଏସମସ୍ତ କଥାର ବୋଧ ହେଲେ ସନ୍ତୁଷ୍ଟ ହେବୁଁ ଆମେରିକାରୁ ଦେଢ଼କୋଟି ଲୋକ ନାଶ ଯିବା ଭବିଷ୍ୟତ କଥା ତାହାଙ୍କୁ ବୋଧ ହେଲା ତାହାଙ୍କର ଉକ୍ତ ପ୍ରଶ୍ନ ବୋଧ ହେବା କଥା ଚିତ୍ର ନୋହେ । ଏତାଦୃଶ ଗ୍ରହସ୍ଥିତିରୁ ଏତାଦୃଶ ଫଳ ସ୍ଥିର କରିବାରେ ଆମ୍ଭେମାନେ ନିତାନ୍ତ ଅସମର୍ଥ ଅଟୁଁ ବିଶେଷ କି ଲେଖିବୁଁ ॥ ଇତି ॥

୪।୮।୭୯
।କ। ଖଣ୍ଡପଡ଼ା
।ମୁ। କନକଗଡ଼

ପ୍ରକାଶକ
ଶ୍ରୀ ଚନ୍ଦ୍ରଶେଖରସିଂହ ସାମନ୍ତ

---

☞ ମୂଲପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter



Digitized by srujanika@gmail.com